# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, March 5/2025 | Page 14 | ₹ 7.00

୫୧ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 101 | ମୂଲ୍ୟ ₹୭/-




## ଜର୍ଜ ଲିଣ୍ଡେଙ୍କୁ ଡକରା

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଭାବେ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଡକାଇଛି। ୧୪

୦୨

## ହ୍ରିତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ଡ୍ୟାନ୍ସ ମୁକାବିଲା

'ୱାର ୨' ଫିଲ୍ମର ଏକ ଗୀତରେ ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା ହେବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।





# ଫାଇନାଲରେ ଭାରତ

## ଆଇସିସି ଚାମ୍ପିୟନ୍ସ ଟ୍ରଫି

## କୋହଲି ପ୍ଲେୟର୍ ଅଫ୍ ଦି ମ୍ୟାଚ୍

**ଦୁବାଇ, ୪।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ମହମ୍ମଦ ଶାମି ଓ ସ୍ପିନରଙ୍କ ଚମତ୍କାର ବୋଲିଂ ଏବଂ ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୬୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୨୬୫ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୪୮.୧ ଓଭରରେ ୬ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିନେଇଥିଲା। ପାକିସ୍ତାନ ବିପକ୍ଷରେ ଶତକ ହାସଲ କରି ଭାରତକୁ ବିଜୟ ସ୍ୱାଦ ଚଖାଇଥିବା କିଙ୍ଗ୍ କୋହଲି ଏଠାରେ ପୁଣି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ଭାରତ ୨୦୦୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୦ ଓ ୨୦୧୭ରେ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା ଏବଂ ୧୯୯୮ ପ୍ରଥମ ସଂସ୍କରଣରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନଠାରୁ ହାରିଯାଇଥିଲା। ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ ଜାରି ରଖି ୫ମ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ୨୦୦୬ ଓ ୨୦୦୯ରେ ଚାମ୍ପିୟନ ଅଷ୍ଟ୍ରେଲିଆର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି। କୋହଲିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

୨୬୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଭଲ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୩୦ ରନ ଯୋଗହେବାପରେ ଶୁବମନ ଗିଲ୍ ମାତ୍ର ୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରୋହିତ ଶର୍ମା ସୁଯୋଗର ଭରପୂର ଫାଇଦା ଉଠାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଖେଳାଳିଙ୍କ ଖରାପ ଫିଲ୍ଡିଂ ଯୋଗୁ ୨ ଥର ଜୀବନଦାନ ପାଇଥିଲେ ହେଁ ସେ ବଡ଼ ସ୍କୋର କରିନପାରି ୨୮ (୩ ଚୌକା, ୧ ଛକା) ରନରେ ଆଉଟ ହୋଇଥିଲେ। ରୋହିତଙ୍କୁ ଆଉଟ କରି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ପ୍ରଥମ ସଫଳତା ପାଇଥିଲେ ସ୍ପିନର କୁପର କୋନୋଲି। ବିରାଟ କୋହଲି ଏଠାରେ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନିଂସ। ସେ ଓ ଶ୍ରେୟସ ଆୟର ତୃତୀୟ ଉଇକେଟରେ ୯୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଆତ୍ମବିଶ୍ୱାସର ସହ ଖେଳିଥିବା ଆୟର ୪୫ ରନକରି ତାରକା ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଭାରତର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା କୋହଲି ୪ର୍ଥ ଉଇକେଟରେ ଅକ୍ଷର ପଟେଲଙ୍କ ସହ ୪୪ ଓ ୫ମ ଉଇକେଟରେ ଲୋକେଶ ରାହୁଲଙ୍କ ସହ ୪୭ ରନର ପାର୍ଟନରଶିପ୍ ଗଢ଼ି ଦଳକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ତେବେ ସେ ବ୍ୟକ୍ତିଗତ ୮୪ ରନ କରିଥିବାବେଳେ ଆଡାମ ଜାମ୍ପାଙ୍କ ବଲ୍‌ରେ ବେନ୍ ଡ୍ୱାରଶୁଇସଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ଅକ୍ଷର ୨୭ ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ୨୮ (୧ ଚୌକା, ୩ ଛକା) ରନକରି ଆଉଟ ହୋଇଥିବାବେଳେ ଛକା ମାରି ଭାରତକୁ ବିଜୟୀ କରିଥିବା ଲୋକେଶ ରାହୁଲ ୪୨ (୩୪ ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ଓ ନାଥାନ ଏଲିସ ୨ଟି ଲେଖାଏ ଏବଂ ବେନ୍ ଡ୍ୱାରଶୁଇସ ଓ କୁପର କୋନୋଲି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ☞ପୃଷ୍ଠା-୪

# ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦକଲେ ଟ୍ରମ୍ପ୍

**ୱାଶିଂଟନ/କିଭ୍, ୪।୩**

## ଆତ୍ମସମର୍ପଣ ପାଇଁ ବାଧ କରୁଛି ଆମେରିକା: କିଭ୍

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ସ୍ଥିତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଦେଶକୁ ସମସ୍ତ ସାମରିକ ସହାୟତା ବନ୍ଦ କରିଦେଇଛନ୍ତି। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବା ସହ ୟୁକ୍ରେନ୍‌କୁ ୧ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣ ଯୋଜନା ପ୍ରଭାବିତ ହୋଇଛି। ଟ୍ରମ୍ପ୍‌ଙ୍କ ଏଭଳି ନିଷ୍ପତ୍ତିକୁ ୟୁକ୍ରେନ୍ ସରକାର କଡ଼ା ନିନ୍ଦା କରିଛନ୍ତି। ସାମରିକ ସହାୟତା ଯୋଗାଣ ବନ୍ଦ କରି ରୁଷିଆ ନିକଟରେ ଆତ୍ମସମର୍ପଣ ପାଇଁ ଟ୍ରମ୍ପ୍ ବାଧ କରୁଥିବା କିଭ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌ର ସହଯୋଗୀ ଦେଶଗୁଡ଼ିକ ମଧ୍ୟ ସାମରିକ ସହାୟତା ବନ୍ଦ ନିଷ୍ପତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ଆମେରିକୀୟ ନେତା ଓ ବରିଷ୍ଠ ଜାତୀୟ ସୁରକ୍ଷା ସହଯୋଗୀମାନଙ୍କ ସହ ଟ୍ରମ୍ପ୍‌ଙ୍କର ଏକାଧିକ ବୈଠକ ପରେ ୟୁକ୍ରେନ୍‌କୁ ସମସ୍ତ ସାମରିକ ସହଯୋଗ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୟୁକ୍ରେନ୍ ସୁରକ୍ଷା ସହାୟତା ଉପକ୍ରମ ଜରିଆରେ ଆମେରିକା କିଭ୍‌କୁ ବହୁ ବିଲିୟନ ଡଲାର ଯୋଗାଇ ଆସୁଥିଲା। କିଭ୍ ଏହି ଅର୍ଥକୁ ଆମେରିକୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକଠାରୁ ନୂଆ ସାମରିକ ହାର୍ଡୱେର କିଣିବାରେ ବିନିଯୋଗ କରିପାରୁଥିଲା। ଆମେରିକା ପରରାଷ୍ଟ୍ର ବିଭାଗ ତଥ୍ୟ ଅନୁଯାୟୀ, ୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ଦିନରୁ ବର୍ତ୍ତମାନ ସୁଦ୍ଧା ୱାଶିଂଟନ କିଭ୍‌କୁ ୬୫.୯ ବିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ଯୋଗାଇ ଦେଇଛି। ଏହା ପୂର୍ବରୁ ମଧ୍ୟ ସାମରିକ ସହାୟତା ବାବଦରେ ଆମେରିକା ୬୯.୨ ବିଲିୟନ ଡଲାର ଯୋଗାଇ ଦେଇଥିଲା। ତେବେ ଗତ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ଖଣିଜ ଚୁକ୍ତିନାମା ସ୍ୱାକ୍ଷର ☞ପୃଷ୍ଠା-୪

# ଆଜି ଖୋଲାରହିବ ସ୍କୁଲ, କଲେଜ

**ଭୁବନେଶ୍ୱର, ୪।୩(ସୁଚିସ୍ମିତା ସାହୁ)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତବର୍ଷ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ। ପୂର୍ବରୁ ମାର୍ଚ୍ଚ ୫ରେ ସମସ୍ତ ସ୍କୁଲ ଓ କଲେଜ ଛୁଟି ରହୁଥିଲା। ତେବେ ଏବର୍ଷ ମାର୍ଚ୍ଚ ୫ ବୁଧବାର ଦିନ ସବୁ ସ୍କୁଲ ଓ କଲେଜ ଖୋଲା ରହିବ। ଏ ନେଇ ମଙ୍ଗଳବାର ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୃଥକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାର୍ଚ୍ଚ ୫ରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ ବୋଲି ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ସଚିବ ନିର୍ଦ୍ଦେଶନାମା ଜାରି କରିଛନ୍ତି। ☞ପୃଷ୍ଠା-୪

# ତାତି ବଢୁଛି ଝାରସୁଗୁଡ଼ାରେ ୩୯ ଡିଗ୍ରୀ

**ଭୁବନେଶ୍ୱର, ୪।୩(ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଚଳିତ ବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ଛୁଇଁଛି। ଦିନ ତାପମାତ୍ରା ମଙ୍ଗଳବାର ଝାରସୁଗୁଡ଼ାରେ ସର୍ବାଧିକ ୩୯°, ବୌଦ୍ଧ ୩୮.୫°, ମାଲକାନଗିରି ୩୮.୪°, ଅନୁଗୋଳ ୩୭.୯°, ସମ୍ବଲପୁର ୩୭.୮°, ପାରଳାଖେମୁଣ୍ଡି ୩୭.୮°, ବଲାଙ୍ଗୀର ୩୭.୫°, ହୀରାକୁଦ ୩୭.୧°, ଟିଟିଲାଗଡ଼ ୩୭°, କଟକ ୩୪.୬° ଏବଂ ଭୁବନେଶ୍ୱରରେ ୩୬.୪° ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ୨ରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମାଦକ ଦ୍ରବ୍ୟ ବ୍ୟବସାୟ**

## ଅନ୍‌ଲାଇନ ଗେମ୍‌କୁ ବିରୋଧ କରିବାରୁ

# ମା'ବାପା, ଭଉଣୀଙ୍କୁ ହତ୍ୟା



ସୂର୍ଯ୍ୟକାନ୍ତ ସେଠୀ

**ଜଗତ୍‌ସିଂହପୁର ଜିଲା ଜୟବଡ଼ ଗ୍ରାମ ଧୋବାସାହିର ୨୨ ବର୍ଷୀୟ ସୂର୍ଯ୍ୟକାନ୍ତ ସେଠୀ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। ଗେମ୍ ଖେଳ ପ୍ରତି ଏତେ ଆସକ୍ତ ହୋଇଯାଇଥିଲେ ଯେ ନିଜର ସବୁ ଦାୟିତ୍ୱ ଭୁଲିଯାଇଥିଲେ। ଘର ଲୋକେ ଏଥିରେ ଅତିଷ୍ଠ ହୋଇ ଗେମ୍‌କୁ ବିରୋଧ କରୁଥିଲେ। କିଛି ଦିନ ତଳେ ସୂର୍ଯ୍ୟକାନ୍ତଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ସେମାନେ ତାଙ୍କ ମୋବାଇଲକୁ ଲୁଚାଇ ଦେଇଥିଲେ। ବହୁ ଖୋଜାଖୋଜି ପରେ ମୋବାଇଲ ନ ପାଇବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ମଙ୍ଗଳବାର ଭୋର ସମୟରେ ଘରେ ସମସ୍ତେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ ନିଜ ମା', ବାପା ଓ ଭଉଣୀଙ୍କୁ ପଥର ଓ ହେମଦସ୍ତାରେ ଛେଚି ହତ୍ୟା କରିଛନ୍ତି। ଅନ୍‌ଲାଇନ୍ ଗେମ୍‌ର ସକାରାତ୍ମକ ଦିଗ ଥିଲେ ମଧ୍ୟ ଏହାର ଅତ୍ୟଧିକ ଆସକ୍ତି ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ସେମାନଙ୍କୁ କିପରି ଅପରାଧପ୍ରବଣ କରାଉଛି, ସଦ୍ୟ ଘଟଣାକୁ ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ମନେକରାଯାଉଛି।**

**ଜଗତ୍‌ସିଂହପୁର, ୪।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଜୟବଡ଼ ଚାଟରା ଧୋବା ସାହିରେ ସୋମବାର ବିଳମ୍ବିତ ରାତିରେ ମା' କନକଲତା ଓରଫ ସଞ୍ଜୁନା ସେଠୀ, ବାପା ପ୍ରଶାନ୍ତ ସେଠୀ ଓରଫ କାଳିଆ ଓ ସାନ ଭଉଣୀ ରୋଜାଲିନ ଓରଫ ମାମାଲି ସେଠୀଙ୍କୁ ନୃଶଂସ ଭାବେ ସାନପୁଅ ସୂର୍ଯ୍ୟକାନ୍ତ ସେଠୀ ଓରଫ ବଣ୍ଟି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇପାରି ନ ଥିବାବେଳେ ମୋବାଇଲ ଗେମ୍(ଜୁଆ) ଖେଳକୁ ବିରୋଧ କରିବାରୁ ବଣ୍ଟି ମାନସିକ ସ୍ଥିତି ହରାଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଅନ୍ୟପଟେ ବଣ୍ଟିଙ୍କୁ ପୋଲିସ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଗଳିରୁ ଧରିବା ସହ ☞ପୃଷ୍ଠା-୪

## ପିଲାଙ୍କୁ ସାମାଜିକ ସଂସ୍କାର ଜରୁରୀ: ମନସ୍ତତ୍ତ୍ୱବିତ୍

ଛୋଟଛୋଟ କଥାରେ ପିଲାମାନେ ହିଂସ୍ର ହୋଇ ଉଠୁଛନ୍ତି, ଯାହାକି ଏବେ ସମାଜ ସମ୍ମୁଖରେ ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି। ପିଲାମାନେ ନିଜକୁ ଏବଂ ଅନ୍ୟକୁ ସମ୍ମାନ ଦେବା ଶିଖିବା ସହିତ ସେମାନଙ୍କ ଭିତରେ ସହନଶୀଳତା ଏବଂ ଗ୍ରହଣ କରିବାର କ୍ଷମତା ରହିବା ଦରକାର। କିଛି ପିଲା ଇଚ୍ଛାକୁ ପୂରଣ କରିବା ପାଇଁ ନିଜର କିମ୍ବା ଅନ୍ୟର କ୍ଷତି କରିବାକୁ ପଛାଉନାହାନ୍ତି। ଫଳରେ ସେମାନଙ୍କ ଜୀବନ, କ୍ୟାରିୟର ନଷ୍ଟ ହେବା ସହିତ ସମାଜରେ ଅସ୍ଥିରତା ସୃଷ୍ଟି ହେଉଛି। ଏବେ ଆଉ ଯୌଥ ପରିବାର ଦେଖାଯାଉ ନାହିଁ। ଛୋଟ ପରିବାର ପାଇଁ ପିଲାବେଳୁ ଶେୟାରିଂ, ଆଡ୍‌ଜଷ୍ଟମେଣ୍ଟ, ମିଳିମିଶି ଚଳିବା ଭଳି କୌଣସି ଗୁଣ ରହୁନାହିଁ। ପିଲାମାନେ ଏକାଏକା ବଢ଼ୁଛନ୍ତି। ମା' ବାପାମାନେ ସେମାନଙ୍କୁ ଖୁସି କରିବା ପାଇଁ ବିଭିନ୍ନ ଦାମୀ ଗିଫ୍ଟଠାରୁ ଆରମ୍ଭ କରି ଲୋଭ ଦେଖାଉଛନ୍ତି। ସେହିପରି ବର୍ତ୍ତମାନ ଅଧିକାଂଶ ପରିବାରରେ ଉଭୟ ସ୍ତ୍ରୀସ୍ୱାମୀ କର୍ମଜୀବୀ ହୋଇଥିବାରୁ ପିଲାମାନଙ୍କୁ ଉପଯୁକ୍ତ ସମୟ ଦେଇପାରୁ ନାହାନ୍ତି। ଏହାବାଦ୍ ସୋସିଆଲ୍ ମିଡିଆର ବହୁଳ ବ୍ୟବହାର ପିଲାମାନଙ୍କ ମନ ଉପରେ କୁପ୍ରଭାବ ପକାଉଛି। ତେଣୁ ଏଭଳି କାଣ୍ଡରୁ ଦୂରେଇ ରଖିବା ପାଇଁ ପିଲାମାନଙ୍କୁ ଛୋଟବେଳୁ ସାମାଜିକ ସଂସ୍କାର, ନୈତିକତା, ପରସ୍ପରର ମହତ୍ତ୍ୱ ବିଷୟରେ ଶିଖାଇବା ଦରକାର। ବଡ଼ ମଣିଷ ହେବା ଅପେକ୍ଷା ପିଲା କିଭଳି ଭଲ ଓ ବିବେକୀ ମଣିଷ ହେବ ତାହା ଉପରେ ଧ୍ୟାନ ଦେବା ଦରକାର। ଏଥିସହ ଯେକୌଣସି ପରିସ୍ଥିତିରେ କିଭଳି ସୁଖୀ ରହିହେବ, ସେନେଇ ଶିକ୍ଷା ଦିଆଯିବା ମଧ୍ୟ ଆବଶ୍ୟକ ବୋଲି କ୍ୟାପିଟାଲ ହସ୍ପିଟାଲର ମନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଉମା ପ୍ରସାଦ ବିଶ୍ୱାଳ କହିଛନ୍ତି।

# ମାଣିକପାଟଣା: ଓଡ଼ିଶା, ଆନ୍ଧ୍ରର ପୃଥକ୍ ଅଙ୍ଗନୱାଡ଼ି କେନ୍ଦ୍ର




ଓଡ଼ିଶାର ଅଙ୍ଗନୱାଡ଼ି କେନ୍ଦ୍ର



ଆନ୍ଧ୍ରପ୍ରଦେଶର ଅଙ୍ଗନୱାଡ଼ି କେନ୍ଦ୍ର

**ପାରଳାଖେମୁଣ୍ଡି, ୪।୩ (ଗିରିଧାରୀ ପରିଛା)**

ଗୋଟିଏ ଗାଁ, ମାତ୍ର ରହିଛି ୨ଟି ଅଙ୍ଗନୱାଡ଼ି କେନ୍ଦ୍ର। ତାହା ପୁଣି ଦୁଇଟି ରାଜ୍ୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର। ଏଭଳି ଏକ ଗାଁ ହେଉଛି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା। ପୂର୍ବରୁ ସୀମା ବିବାଦକୁ ନେଇ ଚର୍ଚ୍ଚାରେ ରହିଛି ଏହି ଗଙ୍ଗାବାଡ଼ ପଞ୍ଚାୟତ। ଆନ୍ଧ୍ର ଏଠାରେ ଜାରି ରଖିଛି ତା'ର ଏକଚାଟିଆ କାରବର। କେବେ ପାଣି ପାଇଁ ତ କେବେ ଜମି। ଆନ୍ଧ୍ରର ଛାଡୁନି ଓଡ଼ିଶା ମୋହ। ଆନ୍ଧ୍ରର ମନମାନି ଆଗରେ ହାର୍ ମାନିଛି ଗଜପତି ଜିଲା ପ୍ରଶାସନ। ଓଡ଼ିଶାବାସୀଙ୍କୁ ନିଜଆଡ଼କୁ ଆକୃଷ୍ଟ କରିବାକୁ ଗୋଟିଏ ପରେ ଗୋଟିଏ ଯୋଜନା କରି ଆନ୍ଧ୍ର ଜାରି ରଖିଛି ତା'ର ପ୍ରୟାସ। ପୂର୍ବରୁ ପ୍ରଶାସନିକ ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ବିଧାୟକଙ୍କ ପାନଛେପ ସଫାକଲେ ବାଚସ୍ପତି

**ଲକ୍ଷ୍ନୌ, ୪।୩**





ବାଚସ୍ପତି ସତୀଶ ମହାନା

ଉତ୍ତରପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଜାରି ରହିଛି। ଅଧିବେଶନର ନବମ ଦିନ ଜଣେ ବିଧାୟକ ବିଧାନସଭା ହଲ୍‌ରେ ପାନ ମସାଲା ଖାଇ ଛେପ ପକାଇଥିବାର ଘଟଣା ସାମନାକୁ ଆସିଛି, ଯାହା ପୂରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଧାନସଭା ଗୃହର ଗରିମା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଏହି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ ମହାନା କହିଛନ୍ତି। ଘଟଣାକୁ ନେଇ ବାଚସ୍ପତି ମହାନା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ଅନୁଶାସନ ବିରୋଧୀ କାର୍ଯ୍ୟ ବୋଲି କହିଥିଲେ। ମଙ୍ଗଳବାର ଉତ୍ତରପ୍ରଦେଶ ବିଧାନସଭାର ଗୃହକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ସତୀଶ ମହାନା ସମସ୍ତ ବିଧାୟକଙ୍କୁ ସମ୍ବୋଧନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା ହଲ୍ ମଧ୍ୟରେ ଜଣେ ମାନନୀୟ ବିଧାୟକ ପାନ ମସଲା ଖାଇ ଛେପ ପକାଇଥିବା ନେଇ ତାଙ୍କୁ ମଙ୍ଗଳବାର ସକାଳେ ସୂଚନା ମିଳିଥିଲା। ଏହି ଖବର ପାଇ ସେ ସମୟ ପୂର୍ବରୁ ବିଧାନସଭାରେ ପହଞ୍ଚିଥିଲେ ଓ ବିଧାନସଭା କର୍ମଚାରୀଙ୍କ ସହ ☞ପୃଷ୍ଠା-୪

## ମଣିପୁରରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ: କୁକି-ଜୋ ସଙ୍ଗଠନ

**ଗୁଆହାଟୀ,୪।୩**

ମଣିପୁରର କୁକି-ଜୋ ଅଞ୍ଚଳରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ ବୋଲି କୁକି-ଜୋ ଆଦିବାସୀ ଏକତା ସଂଗଠନ କମିଟି (ସିଓଟିୟୁ) କହିଛି। ଏହି ସମ୍ପ୍ରଦାୟର ଦାବିକୁ ସମ୍ମାନ ଦିଆ ନ ଯିବା ଯାଏ, ଅବାଧ ଗମନାଗମନକୁ ଅନୁମତି ଦେବୁ ନାହିଁ ବୋଲି କମିଟି କହିଛି। ସୋମବାର କମିଟି ବୈଠକରେ ନିଆଯାଇଥିବା ୮ ସୂତ୍ରୀ ପ୍ରସ୍ତାବ ମଧ୍ୟରୁ ଏହା ଅନ୍ୟତମ। ମାର୍ଚ୍ଚ ୮ରୁ ମଣିପୁରର ସମସ୍ତ ସଡ଼କ ପଥରେ ମୁକ୍ତ ଗମନାଗମନ ସୁନିଶ୍ଚିତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିର୍ଦ୍ଦେଶ ଦେବା ପରେ ଏଭଳି ପ୍ରସ୍ତାବ ଗ୍ରହଣ କରାଯାଇଛି। ଗତ ୧ ତାରିଖରେ ନୂଆଦିଲ୍ଲୀରେ ମଣିପୁର ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରି ଶାହା ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଅବାଧ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

## ସର୍ବିଆ ପାର୍ଲାମେଣ୍ଟରେ ସ୍ମୋକ୍ ବମ୍, ୩ ଆହତ



**ବେଲ୍‌ଗ୍ରେଡ୍, ୪।୩**

ୟୁରୋପୀୟ ଦେଶ ସର୍ବିଆର ପାର୍ଲାମେଣ୍ଟରେ ମଙ୍ଗଳବାର ବିଶୃଙ୍ଖଳା ଦେଖାଦେଇଛି। ସଂସଦ ଚାଲିଥିବା ବେଳେ ବିରୋଧୀ ସଦସ୍ୟମାନେ ସରକାରଙ୍କ କିଛି ନୀତିକୁ ବିରୋଧ କରି ଗୃହ ମଧ୍ୟରେ ହଙ୍ଗାମା କରିବା ସହ ପାର୍ଲାମେଣ୍ଟ ମଧ୍ୟରେ ସ୍ମୋକ୍ ବମ୍ ଏବଂ ଲୁହବୁହା ଗ୍ୟାସ୍ ପକାଇଥିଲେ। ଫଳରେ ପାର୍ଲାମେଣ୍ଟ ମଧ୍ୟରେ ଧୂଆଁ ବ୍ୟାପିଯାଇଥିଲା। ଘଟଣାରେ ସର୍ବିଆର ୩ ଏମ୍‌ପି ଆହତ ହୋଇଛନ୍ତି।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୬ ମୃତ

**ପେଶାୱର,୪।୩**

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ବନ୍ନୁ କ୍ୟାଣ୍ଟନମେଣ୍ଟ ପୋଷ୍ଟକୁ ଟାର୍ଗେଟ କରି ମଙ୍ଗଳବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ୨ଟି ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୩ ଛୋଟ ପିଲାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସହ ନିକଟରେ ହାତ ମିଳାଇଥିବା ଜୈଶ ଉଲ୍ ଫୁର୍‌ସାନ ଏହି ଆକ୍ରମଣ ଘଟାଇଥିବା ବିଶ୍ୱାସ କରାଯାଉଛି। ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି ୨ଟି କାର୍‌କୁ ସେନା କ୍ୟାଣ୍ଟନ୍‌ମେଣ୍ଟ ଫାଟକରେ ଧକ୍କା କରାଇବାରୁ ବିସ୍ଫୋରଣ ହୋଇଥିଲା। ସୂଚନାଯୋଗ୍ୟ, ଫେବୃଆରୀ ୨୮ରେ ଉକ୍ତ ପ୍ରଦେଶର ଏକ ସେମିନାରୀରେ ଆତ୍ମଘାତୀ ବିସ୍ଫୋରଣରେ ହମିଦୁଲ ହକ୍ ହକ୍କାନିଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଥିଲେ।

# ତେଜିଲା ବାଣିଜ୍ୟ ଯୁଦ୍ଧ

**ବେଜିଂ/ଓଟାୱା/ମେକ୍ସିକୋ ସିଟି,୪।୩**



ଡୋନାଲ୍ଡ ଟ୍ରମ୍ପ୍



ସି ଜିଙ୍ଗପିନ୍



ଜଷ୍ଟିନ୍ ଟ୍ରୁଡୋ



କ୍ଲାଉଡିଆ ଶେଇନ୍‌ବମ୍

### ଆମେରିକା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଲା ଚାଇନା

### କାନାଡା, ମେକ୍ସିକୋର ଜବାବୀ ଟାରିଫ୍

ଆମେରିକାକୁ କାନାଡା ଏବଂ ମେକ୍ସିକୋରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ସୀମା ଶୁଳ୍କ ଏବଂ ଚାଇନା ଉପରେ ନୂଆ ଶୁଳ୍କ ମଙ୍ଗଳବାରରୁ ଲାଗୁ କରାଗଲା ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି। ଆମେରିକୀୟ ସାମଗ୍ରୀ ଉପରେ କାନାଡା ଓ ଚାଇନା ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଆମେରିକା ଚାଇନାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦% ଟାରିଫ୍ ଲଗାଇଥିବାବେଳେ ଏହାର ଜବାବରେ ବେଜିଂ ଆମେରିକାରୁ ଆମଦାନି ସାମଗ୍ରୀ ଉପରେ ୧୫% ଶୁଳ୍କ ଲାଗୁ କରିଛି। ଏଥିସହିତ ୱାଶିଂଟନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚାଇନା ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ଦ୍ୱାରସ୍ଥ ହୋଇଛି।

ଆମେରିକାରୁ ଆମଦାନି ହେଉଥିବା କେତେକ ସାମଗ୍ରୀ ଉପରେ ଚାଇନା ମାର୍ଚ୍ଚ ୧୦ରୁ ଅତିରିକ୍ତ ଟାରିଫ୍ ଲଗାଇବାକୁ ଯାଉଥିବା ଏହାର କଷ୍ଟମ୍ସ ଟାରିଫ୍ କମିଶନ ମଙ୍ଗଳବାର କହିଛି। ଆମଦାନି ହେଉଥିବା ଚିକେନ୍, ଗହମ, ମକା ଏବଂ ତୁଳା ଉପରେ ଅତିରିକ୍ତ ୧୫ ପ୍ରତିଶତ ଟାରିଫ୍ ଲାଗୁ ହେବ। ସେହିପରି ସର୍‌ଗମ୍, ସୋୟାବିନ୍, ଗୋମାଂସ, ଘୁଷୁରି ମାଂସ, ପନିପରିବା, ଫଳ ଓ ଦୁଗ୍ଧଜାତ ଦ୍ରବ୍ୟ, ଜଳଜ ସାମଗ୍ରୀ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। କେବଳ ସେତିକି ନୁହେଁ, ଚାଇନା ଏହାର ଅବିଶ୍ୱସ୍ତ ଶିଳ୍ପ ତାଲିକାରେ ଆମେରିକାର ୧୦ଟି ଶିଳ୍ପସଂସ୍ଥାକୁ ସାମିଲ କରି ସେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛି।

ସେହିପରି କାନାଡା ମଧ୍ୟ ତୁରନ୍ତ ୩୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଟାରିଫ୍ ଲଗାଇବାକୁ ଯାଉଛି। ଅବଶିଷ୍ଟ ୧୨୫ ବିଲିୟନ ଡଲାର ଆମେରିକୀୟ ସାମଗ୍ରୀ ଉପରେ ୨୧ ଦିନ ମଧ୍ୟରେ ଟାରିଫ୍ ଲଗାଇବ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଆମେରିକା ଏହାର ଟାରିଫ୍ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆମ ଟାରିଫ୍ ବଳବତ୍ତର ରହିବ ବୋଲି ସେ କହିଛନ୍ତି।

ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବମ୍ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ତାଙ୍କ ଧମକ ପରେ ଟ୍ରମ୍ପ୍ କ'ଣ ପଦକ୍ଷେପ ନେଉଛନ୍ତି, ତାକୁ ଅପେକ୍ଷା କରାଯିବ ବୋଲି ଶେଇନ୍‌ବମ୍ କହିଛନ୍ତି। ଆମେରିକା ୨୫ ପ୍ରତିଶତ ଟାରିଫ୍ ଲାଗୁ କଲେ ଆମ ପାଖରେ ପ୍ଲାନ୍ ବି, ସି ଏବଂ ଡି ରହିଛି ବୋଲି ସୋମବାର ମେକ୍ସିକୋ ରାଷ୍ଟ୍ରପତି କହିଥିଲେ। ତେବେ ସେ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେଇନାହାନ୍ତି। ୱାଶିଂଟନର ଯେକୌଣସି ବାଣିଜ୍ୟ କାର୍ଯ୍ୟାନୁଷଠାନକୁ ମୁକାବିଲା କରିବା ପାଇଁ ତାଙ୍କ ଦେଶ ପ୍ରସ୍ତୁତ ଥିବା ସେ ଦୋହରାଇଥିଲେ।

ମଙ୍ଗଳବାରଠାରୁ ଚାଇନା, କାନାଡା ଏବଂ ମେକ୍ସିକୋ ଉପରେ ଟାରିଫ୍ ଲାଗୁ ହେବା ନେଇ ଟ୍ରମ୍ପ୍ ସୋମବାର ସ୍ପଷ୍ଟ କରିବା ପରେ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ ଦରଦାମ୍ ବଢ଼ି ଏବଂ ମୁଦ୍ରାସ୍ଫୀତି ବଢ଼ିବା ଓ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ଅଶଙ୍କାରେ ଶେୟାର ବଜାର କାରବାର ଖସିଥିଲା। ଆମେରିକା ବିଦେଶୀ ସାମଗ୍ରୀ ଉପରେ ଟାରିଫ୍ ଲଗାଇଲେ ସେଠାକାର ଜନସାଧାରଣ ତେଜରାତି ସାମଗ୍ରୀ, ଗ୍ୟାସ୍, କାର୍ କିଣିବାରେ ଅଧିକ ବ୍ୟୟ କରିବେ। ଏଥିସହିତ ଅନେକ ହଜାର କର୍ମଚାରୀ ଛଟେଇ ହେବା ସମ୍ଭାବନା ରହିଛି। ଟାରିଫ ଲାଗୁ ଯୋଗୁ ବିଶ୍ୱସନୀୟ ସଫଳ ବାଣିଜ୍ୟ ସମ୍ପର୍କ ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି।

## ୟୁରୋପକୁ ଶକ୍ତିଶାଳୀ କରିବାକୁ ୮୦୦ ବିଲିୟନ ୟୁରୋର ଯୋଜନା

**ବ୍ରସେଲ୍ସ,୪।୩**



ଉର୍ସୁଲା ଭନ୍ ଡେର୍ ଲେୟେନ

ଆମେରିକାଠାରୁ ଦୂରେଇଯିବାର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ରୁଷିଆ ସହ ବୁଝାମଣା ପାଇଁ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ୟୁରୋପୀୟ ରାଷ୍ଟ୍ର ସଂଘ ଏହାର ସାମରିକ ଶକ୍ତି ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୟୁରୋପୀୟ ସଂଘର କାର୍ଯ୍ୟକାରୀ ମୁଖ୍ୟ ମଙ୍ଗଳବାର ୮୦୦ ବିଲିୟନ ୟୁରୋ (୮୪୧ ବିଲିୟନ ଡଲାର)ର ଯୋଜନା ପ୍ରସ୍ତାବ ରଖିଛନ୍ତି। ଏହି ବିଶାଳ 'ରିଆର୍ମ ୟୁରୋପ୍' ପ୍ୟାକେଜ୍ ସମ୍ପର୍କରେ ୟୁରୋପୀୟ ୟୁନିୟନ (ଇୟୁ)ର ୨୭ ସଦସ୍ୟ ରାଷ୍ଟ୍ରଙ୍କୁ ଅବଗତ କରାଯିବ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଛନ୍ତି। ଆମେରିକା ସହ ରାଜନୈତିକ ଅନିଶ୍ଚିତତା ବଢୁଥିବାବେଳେ ୨୭ ଇୟୁ ନେତାଙ୍କ ସହ ଏସମ୍ପର୍କରେ ଆଲୋଚନା ପାଇଁ ବ୍ରସେଲ୍ସରେ ଗୁରୁବାର ଜରୁରୀ ବୈଠକ ଡକାଯାଇଛି। ୟୁକ୍ରେନ୍‌କୁ ଆମେରିକା ସାମରିକ ସହାୟତା ବନ୍ଦ କରିବା ଲାଗି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ନଷ୍ପତ୍ତି ନେବା ପୂର୍ବରୁ ଉର୍ସୁଲା ତାଙ୍କ ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିଥିବା କହିଛନ୍ତି। ୮୦୦ ବିଲିୟନ ୟୁରୋ ଯୋଜନା ୟୁରୋପକୁ ସୁରକ୍ଷିତ ତଥା ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ କରାଇବ। ନାଟୋରେ ଆମେ ଆମ ସହଯୋଗୀମାନଙ୍କ ସହ ଏକାଠି କାର୍ଯ୍ୟ ଜାରି ରଖିବୁ ବୋଲି ଉର୍ସୁଲା କହିଛନ୍ତି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ତୁରନ୍ତ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍, କମାଣ, କ୍ଷେପଣାସ୍ତ୍ର, ଡ୍ରୋନ୍ ଆଦି ସାମରିକ ଉପକରଣ ପଠାଇପାରିବେ। ସୁରକ୍ଷା ପ୍ରତି ବିପଦ ବଢୁଥିବାରୁ ଇୟୁ ଏବେ ବିପଦର ସମ୍ମୁଖୀନ ହୋଇଛି। ଏଥିସହ ୱାଶିଂଟନ ୟୁକ୍ରେନ୍‌କୁ ସହାୟତା ବନ୍ଦ କରିବା ପରେ ଏହି ଦେଶକୁ ସହାୟତା ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସେଥିପାଇଁ ୟୁରୋପୀୟ ସଂଘକୁ କଠୋର ପଦକ୍ଷେପ ନେବାକୁ ହେବ ବୋଲି ଉର୍ସୁଲା କହିଛନ୍ତି।

## ଇସ୍ତଫା ଦେଲେ ମହାରାଷ୍ଟ୍ର ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ

### ବିଡ୍ ସରପଞ୍ଚ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ

**ମୁମ୍ବାଇ, ୪।୩**



ଧନଞ୍ଜୟ ମୁଣ୍ଡେ

ମହାରାଷ୍ଟ୍ର ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ଧନଞ୍ଜୟ ମୁଣ୍ଡେ ମଙ୍ଗଳବାର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସୂଚନା ଦେଇଛନ୍ତି। ଧନଞ୍ଜୟଙ୍କ ପିଏ ପ୍ରଶାନ୍ତ ଜୋଶୀ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ୍‌ଙ୍କ ବାସଭବନକୁ ଆସି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଡ୍ ଜିଲା ମାସାଜୋଗ ଗ୍ରାମର ସରପଞ୍ଚ ସନ୍ତୋଷ ଦେଶମୁଖଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ଧନଞ୍ଜୟ ବିବାଦ ଘେରକୁ ଆସିଥିଲେ। ଏହି ହତ୍ୟା ମାମଲାର ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ମାମଲାରେ ଧନଞ୍ଜୟଙ୍କ ଘନିଷ୍ଠ ସହଯୋଗୀ ବାଲ୍ମୀକି କରାଡ୍‌ଙ୍କୁ ମାଷ୍ଟରମାଇଣ୍ଡ ଘୋଷଣା କରିଥିଲା। ଫଳରେ ବିଭିନ୍ନ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଧନଞ୍ଜୟ ଇସ୍ତଫା ଦେଇଛନ୍ତି।

## 'ପାକିସ୍ତାନୀ' ଡାକିବା ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଅପରାଧ ନୁହେଁ

**ନୂଆଦିଲ୍ଲୀ,୪।୩**

### ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

କାହା ପ୍ରତି 'ମିୟାନ-ଟିୟାନ' ଏବଂ 'ପାକିସ୍ତାନୀ' ଶବ୍ଦ ବ୍ୟବହାର କରିବା ଖରାପ ଲାଗୁଥିଲେ ମଧ୍ୟ ଧର୍ମୀୟ ଭାବାବେଗକୁ ଆଘାତ ଦେଉଥିବା ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏଭଳି ଏକ ଆପରାଧିକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଛନ୍ତି। ଝାଡ଼ଖଣ୍ଡର ଚାସ୍‌ସ୍ଥିତ ସବ୍‌ଡିଭିଜନାଲ ଅଫିସ୍‌ରେ ସୂଚନା ଅଧିକାର ଆଇନ ବିଭାଗରେ କାର୍ଯ୍ୟରତ କିରାଣୀ ତଥା ଉର୍ଦ୍ଦୁ ଅନୁବାଦକ ଏହି ମାମଲା ଦାଏର କରିଥିଲେ। ପ୍ରତିପକ୍ଷ ହରିନନ୍ଦନ ସିଂ ଆର୍‌ଟିଆଇ ଆଇନରେ ତଥ୍ୟ ମାଗିଥିବାବେଳେ ତାଙ୍କ ପାଖକୁ ଆସିଥିବା ଦସ୍ତାବିଜ୍‌ରେ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କିରାଣୀ ଜଣକ ତଥ୍ୟ ସମ୍ବଳିତ କାଗଜପତ୍ର ବ୍ୟକ୍ତିଗତ ଭାବେ ଦେବା ପାଇଁ ହରିନନ୍ଦନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଅଭିଯୁକ୍ତ ତାଙ୍କୁ ମିୟାନ-ଟିୟାନ ଏବଂ ପାକିସ୍ତାନୀ ଡାକିଥିବାରୁ ଏହା ତାଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା କିରାଣୀ ଅଭିଯୋଗ କରିଥିଲେ। ଏଭଳି ଶବ୍ଦ ଖରାପ ଲାଗିଲେ ମଧ୍ୟ ଏହା ଅପରାଧ ନୁହେଁ ବୋଲି ଖଣ୍ଡପୀଠ କହିବା ସହ ଆଇପିସିର ଧାରା ୨୯୮ ଅନୁଯାୟୀ ଅଭିଯୁକ୍ତ ହରିନନ୍ଦନଙ୍କୁ ଦୋଷମୁକ୍ତ କରିଦେବାକୁ କହିଛନ୍ତି।




ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମସ୍ଖଳନ ପରବର୍ତ୍ତୀ ସଫଳ ରେସ୍କ୍ୟୁ ଅପରେଶନ ପରେ ଉଦ୍ଧାରକାରୀ ଦଳ ଏକ ଗ୍ରୁପ୍ ଫଟୋରେ ପୋଜ୍ ଦେଉଛନ୍ତି।

## ଗୁଜରାଟରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ

**ଅହମଦାବାଦ,୪।୩**



ମଦମୁକ୍ତ ଘୋଷିତ ହୋଇଥିବା ଗୁଜରାଟରେ ୨୦୨୪ରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ଭାରତ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍ଏଫ୍ଏଲ୍) ବୋତଲ ଜବତ ହୋଇଥିଲା। ସେହିବର୍ଷ ରାଜ୍ୟରେ ମୋଟ ୮୨ ଲକ୍ଷ ମଦ ବୋତଲ ଜବତ ହୋଇଛି, ଯାହାର ମୂଲ୍ୟ ୧୪୪ କୋଟି ଟଙ୍କା ବୋଲି ପୋଲିସ ତଥ୍ୟରୁ ଜଣାପଡ଼ିଛି। କେବଳ ଅହମଦାବାଦ ସହର, ଅହମଦାବାଦ ଗ୍ରାମାଞ୍ଚଳ, ୱେଷ୍ଟର୍ନ ରେଲ୍‌ୱେର ଅହମଦାବାଦ ଜଙ୍କ୍‌ଶନରୁ ୪,୩୮,୦୪୭ ବୋତଲ ମଦ ଜବତ ହୋଇଛି। ସେଥିରୁ ଅହମଦାବାଦ ସହରରେ କେବଳ ୩.୦୬ ଲକ୍ଷ ବୋତଲ ଆଇଏମ୍ଏଲଫ୍ଏଲ୍‌କୁ ନେଇ ୨,୧୩୯ ମାମଲା ରୁଜୁ ହୋଇଛି। ସେହିପରି ୧.୫୮ ଲକ୍ଷ ଲିଟର ଦେଶୀମଦ ଜବତ ଘଟଣାରେ ୭,୭୯୬ଟି ମାମଲା ହୋଇଛି। ତେବେ ପୋଲିସ ରିପୋର୍ଟ ବାସ୍ତବ ସଂଖ୍ୟାଠାରୁ ଯଥେଷ୍ଟ କମ୍ ବୋଲି କୁହାଯାଉଛି। ବଡୋଦରା ଗ୍ରାମାଞ୍ଚଳରେ ଚଢ଼ାଉ ବେଳେ କର୍ତ୍ତୃପକ୍ଷ ୯.୮ କୋଟି ଟଙ୍କା ମୂଲ୍ୟର ଅଇଏମ୍ଏଫ୍ଏଲ୍ ବୋତଲ ଜବତ କରିଥିଲେ। ସେଗୁଡ଼ିକ ଟ୍ରକ୍ ଏବଂ ଗୋଦାମର ଗୁପ୍ତ କୋଠରିରେ ଲୁଚାଯାଇଥିଲା। ସେହିପରି ସୁରଟ ଗ୍ରାମାଞ୍ଚଳରୁ ୮.୯ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଜବତ ହୋଇଥିଲା। ଆନ୍ତଃରାଜ୍ୟ ପରିବହନ ର୍ୟାକେଟ୍ ଏହି ମଦ ବୋତଲଗୁଡ଼ିକ ଘରକରଣା ସାମଗ୍ରୀ ମଧ୍ୟରେ ଲୁଚାଇଥିଲେ। ନଭସାରିରେ ୬.୨୩ ଲକ୍ଷ ମଦ ବୋତଲ ଜବତ ହୋଇଥିବାବେଳେ ଗୋଧ୍ରାରୁ ୮.୮ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଧରାପଡ଼ିଥିଲା। ସେହିପରି ଭାବନଗରରୁ ୮.୭ କୋଟି ଟଙ୍କା ମୂଲ୍ୟର ବିଦେଶୀ ଓ ଦେଶୀମଦ ଜବତ ହୋଇଥିଲା।

## ଫୁର୍‌ସତ



ହୃତିକ ରୋଶନ

## ହୃତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା

**ମୁମ୍ବାଇ:** ଆସନ୍ତା ଅଗଷ୍ଟ ୧୪ରେ ଅଭିନେତା ହୃତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ଅଭିନୀତ ଆକ୍ସନ ଥ୍ରୀଲର ଫିଲ୍ମ 'ୱାର ୨' ରିଲିଜ୍ ହେବାକୁ ଯାଉଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ସମ୍ପର୍କିତ ଏକ ଅପ୍‌ଡେଟ୍ ସାମ୍‌ନାକୁ ଆସିଛି। 'ୱାର ୨' ଫିଲ୍ମର ଏକ ଗୀତର ଶୁଟିଂ ମୁମ୍ବାଇର ଅନ୍ଧେରୀସ୍ଥିତ ୟଶରାଜ୍ ଷ୍ଟୁଡିଓରେ ଆରମ୍ଭ ହୋଇସାରିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉକ୍ତ ଗୀତରେ ହୃତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ କଡ଼ା ଡ୍ୟାନ୍ସ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ଗୀତରେ ଉଭୟ ହୃତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ସହ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବଂ ୫୦୦ରୁ ଅଧିକ ଡ୍ୟାନ୍ସରଙ୍କୁ ମଧ୍ୟ ଦେଖିବାକୁ ମିଳିବ। କୋରିଓଗ୍ରାଫର ବୋସ୍କୋ ମାର୍ଟିସ୍ ଏହି ଗୀତର କୋରିଓଗ୍ରାଫି ଦେଇଛନ୍ତି। ଏହି ଗୀତର ଶୁଟିଂ ପାଇଁ ୨ ସପ୍ତାହ ଧରି ରିହର୍ସାଲ କରାଯାଇଥିଲା। ଫିଲ୍ମ ନିର୍ମାତାଙ୍କ ସୂତ୍ର ଅନୁଯାୟୀ, ଆସନ୍ତା ୧୦ ତାରିଖଯାଏ ଏହି ଗୀତର ଶୁଟିଂ ଜାରି ରହିଛି। 'ୱାର ୨' ଫିଲ୍ମରେ ଜୁନିୟର ଏନ୍‌ଟିଆର୍‌ଙ୍କୁ ଜଣେ ସାଉଥ୍ ଇଣ୍ଡିଆନ୍ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଭୂମିକାରେ ଜୁନିୟର ଏନ୍‌ଟିଆର୍‌ଙ୍କ ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବିବାହ ବାର୍ଷିକୀରେ ଲକ୍ଷେ ଅତିଥି

**ପାଟନା:** ସାଧାରଣତଃ ଅନେକ ଲୋକ ନିଜ ବିବାହ ବାର୍ଷିକୀକୁ ଶତାଧିକ ଅତିଥିଙ୍କ ଗହଣରେ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପସନ୍ଦ କରିଥାନ୍ତି। ତେବେ ନିକଟରେ ବିହାରର ଔରଙ୍ଗାବାଦ ସହରରେ ଏକ ବିବାହ ବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଔରଙ୍ଗାବାଦର ପୂର୍ବତନ ଭାଜପା ଏମ୍‌ଏଲ୍‌ସି ରାଜନ କୁମାର ସିଂ ତାଙ୍କର ୨୫ତମ ବିବାହ ବାର୍ଷିକୀକୁ ଐତିହାସିକ କରିବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ସମାରୋହକୁ ସଫଳତାର ସହ ଆୟୋଜନ କରିବା ପାଇଁ ୧୫ ଦିନ ଧରି ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ଔରଙ୍ଗାବାଦରୁ ବାରାଣସୀ ପର୍ଯ୍ୟନ୍ତ ୫୦୦ରୁ ଅଧିକ କୁଶଳୀ ରୋଷେୟାଙ୍କୁ ଡକାଯାଇଥିଲା, ଯେଉଁମାନେ ପ୍ରାୟ ୧ ଲକ୍ଷ ଲୋକଙ୍କ ପାଇଁ ଗୁଲାବ ଜାମୁନ୍, ପୁଲାଓ, ଫ୍ରାଇ ତଡ଼କା ଡାଲ୍, ମିକ୍ସଡ୍ ଭେଜ୍ ପନିପରିବା, କଚୌରୀ ଏବଂ ବୁନ୍ଦି ଆଦି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଔରଙ୍ଗାବାଦସ୍ଥିତ ଗେଟ୍ ସ୍କୁଲ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଭୋଜପୁରୀ ତାରକାଙ୍କ ସମାଗମ ଘଟିଥିଲା। ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂ, ଅନୁପମା ଯାଦବ, ଅଭିନେତା ଗୋଲୁ ରାଜା ଏବଂ ହାସ୍ୟ ଅଭିନେତା ଆନନ୍ଦ ମୋହନଙ୍କ ପରି କଳାକାରମାନେ ମଞ୍ଚରେ ଉପସ୍ଥିତ ରହି ଅତିଥିଙ୍କ ମନୋରଞ୍ଜନ କରାଇଥିଲେ। ତେବେ ବିଭିନ୍ନ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ରାଜନ କେବଳ ନିଜ ୨୫ତମ ବିବାହ ବାର୍ଷିକୀ ପାଇଁ ଏହି ଭବ୍ୟ ଆୟୋଜନ କରି ନାହାନ୍ତି ବରଂ ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଏହି ଆୟୋଜନ କରିଛନ୍ତି।

## ସବୁଠୁ ଛୋଟ ପାର୍କ





**ଟୋକିଓ:** ଜାପାନ ପୁଣି ଥରେ ନିଜର ଏକ ଅନନ୍ୟ ଆବିଷ୍କାର ସହ ସାରା ବିଶ୍ୱକୁ ଚକିତ କରିଛି। ସମ୍ପ୍ରତି ଏକ ଛୋଟ ପାର୍କ ପାଇଁ ଜାପାନ ଚର୍ଚ୍ଚାରେ ରହିଛି, ଯାହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ମିଳିଛି। ଏନେଇ ଜିଡବ୍ଲ୍ୟୁଆର୍ ପକ୍ଷରୁ ଏହାର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରାଯାଇ କୁହାଯାଇଛି, ମାତ୍ର ୦.୨୪ ବର୍ଗ ମିଟର ବିଶିଷ୍ଟ ସବୁଠାରୁ ଛୋଟ ପାର୍କ ଜାପାନର ରାଜଧାନୀ ଟୋକିଓ ସହରରେ ଅବସ୍ଥିତ। ତେବେ ମାତ୍ର କିଛି ସେଣ୍ଟିମିଟର ଆକାରର ହୋଇଥିଲେ ମଧ୍ୟ ଏହି ପାର୍କ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଦୂର ଦୂରାନ୍ତରରୁ ଲୋକେ ଏହି ନିଆରା ଛୋଟ ପାର୍କକୁ ଦେଖିବା ପାଇଁ ଆସୁଛନ୍ତି। ଜିଡବ୍ଲ୍ୟୁଆର୍ ଟିମ୍ ଏହି ପାର୍କକୁ ନିରୀକ୍ଷଣ କରିବା ପରେ ଏହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଘୋଷଣା କରାଯାଇଛି। ଏହି ପାର୍କର କ୍ଷେତ୍ରଫଳ ଏତେ ଛୋଟ ଯେ, ଏଥିରେ କେବଳ ଏକ ଛୋଟ ଚାରା ଗଛ ଏବଂ କିଛି ଘାସ ରହିପାରିବ ବୋଲି ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ବିଶ୍ୱର ସବୁଠାରୁ ଛୋଟ ପାର୍କର ରେକର୍ଡ ଆମେରିକାର ଓରେଗନରେ ଥିବା ମିଲ୍ ଏଣ୍ଡ୍‌ସ ପାର୍କ ନାମରେ ରହିଥିଲା। ଏହାର କ୍ଷେତ୍ରଫଳ ମାତ୍ର ୦.୨୯୨ ବର୍ଗ ମିଟର ରହିଥିଲା ଉକ୍ତ ରେକର୍ଡ ଏବେ ଭଙ୍ଗ ହୋଇଛି।




# ବନପାଳ, ବନରକ୍ଷୀ ନିଯୁକ୍ତି ପରୀକ୍ଷା: ୨ ଜଣଙ୍କ ମୃତ୍ୟୁ

## ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ସୁନ୍ଦରଗଡ଼(ଜୟନାରାୟଣ ମେଣ୍ଡୁଲି), ୪/୩

ଓଡ଼ିଶା ଷ୍ଟାଫ୍ ସିଲେକସନ କମିଶନ (ଓଏସ୍ଏସ୍ସି) ପକ୍ଷରୁ ବନ ବିଭାଗ ପାଇଁ ବନପାଳ ଓ ବନରକ୍ଷୀ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ପରୀକ୍ଷା ପାଇଁ ଦୌଡ଼ବେଳେ ସୋମବାର କେନ୍ଦୁଝରଠାରେ ବ୍ୟୋମକେଶ ନାଏକ ଏବଂ ମଙ୍ଗଳବାର ସୁନ୍ଦରଗଡ଼ରେ ପ୍ରବୀଣ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟୋମକେଶଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଓସ୍ତପଙ୍ଗା ଏବଂ ପ୍ରବୀଣ ରାଉରକେଲା ଟାଙ୍ଗରପାଲି ଥାନା ସେକ୍ଟର ୨୨ସ୍ମାର୍ଟ ନଗରରେ ରହୁଥିବାବେଳେ ତାଙ୍କ ମୂଳ ଘର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ମନ୍ଧାର ବୋଲି ପୋଲିସ କହିଛି। । ଉଭୟ ପରୀକ୍ଷା ପାଇଁ ଦୌଡୁଥିବାବେଳେ ରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଫଳରେ ସେମାନଙ୍କୁ ମେଡ଼ିକାଲ ନିଆଯାଇଥିଲା। ବ୍ୟୋମକେଶଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ସେହିପରି ଅସୁସ୍ଥ ପ୍ରବୀଣଙ୍କୁ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଉଭୟଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର କେନ୍ଦୁଝରଠାରେ ଅନ୍ୟ ଜଣେ ପ୍ରତିଯୋଗୀ ଅଭିଷେକ ମହାକୁଡ ଗୁରୁତର ହୋଇ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ଖଇନି ଖାଇବାକୁ ୧୦ ଟଙ୍କା ନ ଦେବାରୁ ବାପାଙ୍କ ମୁଣ୍ଡ କାଟିଦେଲେ

## କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା (ଗୋପୀନାଥ ବେହେରା),୪।୩

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଠାରୁଆସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ବାପାଙ୍କ ମୁଣ୍ଡକାଟି ଧରି ପୁଅ ଥାନାରେ ଆତ୍ମସମର୍ପଣ କରିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବାଇଧର ସିଂ(୭୦)। ପୋଲିସ ଅଭିଯୁକ୍ତ ପୁଅ ଶମ୍ଭୁନାଥ ସିଂ(୪୦)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ସୋମବାର ରାତିରେ ଖଇନି କିଣିବା ପାଇଁ ଶମ୍ଭୁନାଥ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ସ୍ତ୍ରୀ ଟଙ୍କା ନ ଦେବାରୁ ରାଗ ତମତମ ହୋଇ ବାପା ବାଇଧରଙ୍କୁ ୧୦ଟଙ୍କା ମାଗିଥିଲେ। ବାଇଧର ମଧ୍ୟ ଟଙ୍କା ନ ଦେବାରୁ ବାପ-ପୁଅ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶମ୍ଭୁ ଏକ ଟାଙ୍ଗିଆରେ ବାଇଧରଙ୍କ ବେକକୁ ହାଣି ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ଏହା ଦେଖି ମାଆ ପାଟି କରିବାରୁ ଶମ୍ଭୁ ତାଙ୍କୁ ମଧ୍ୟ ମାରିବାକୁ ଗୋଡ଼ାଇଥିଲେ। ପରେ ବାପାଙ୍କ କଟାମୁଣ୍ଡକୁ ଧରି ଶମ୍ଭୁ ରାତିରେ ଚାଲିଚାଲି ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତ କରିଥିବା ସୂଚନା ମିଳିଛି।




DADLS - 103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

OIPR-15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବାରବାଟି-କଟକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦୋଳମୁଣ୍ଡାଇ, ସମୟ: ସକାଳ ୯ଟା ୩୦।

## ପୁରୀ

- ବ୍ଲକସ୍ତରୀୟ ସୁଭଦ୍ରା ରାଲି, ସ୍ଥାନ: ପେଣ୍ଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।

## ଖୋର୍ଦ୍ଧା

- ଜଟଣୀ ନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ମା'ଉତ୍ତରାୟଣୀ ପ୍ରେକ୍ଷାଳୟ, ଜଟଣୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେବା ସଂଘ କାର୍ଯ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଫାଣ୍ଡି ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଡିଆଇସି ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସ, ସ୍ଥାନ: ବାର ହଲ୍ ନଂ. ୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ଗୁରୁକୁଳ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ବିଜୁ ଜୟନ୍ତୀ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଜନଶୁଣାଣି, ସ୍ଥାନ: ଗୋବିନ୍ଦପୁର ସରସ୍ୱତୀ ବଙ୍ଗଳା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ସଚେତନତା ରାଲି, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବିଜୟା ଦଶମୀ ବୈଠକ, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ, ସ୍ଥାନ: ଚମ୍ପୁଆ ପ୍ରେସ କ୍ଲବ୍, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳନ, ସ୍ଥାନ: ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ଉଦଳା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ସୁରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଅଗ୍ରଣୀ ପୁନର୍ବାସ କେନ୍ଦ୍ରର ଶୁଭ ଉଦ୍‌ଘାଟନ, ସ୍ଥାନ: ପୁନର୍ବାସ କେନ୍ଦ୍ର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରାଣୀ ଲକ୍ଷ୍ମୀବାଇ ଆତ୍ମ ସୁରକ୍ଷା ତାଲିମ, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ବିଜୁ ଜନତା ଦଳ ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ,ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ବ୍ରାହ୍ମଣଦେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରମୁଣ୍ଡଳୀ ଗ୍ରାମ,ସମୟ: ସକାଳ ୬ଟାରୁ ଆରମ୍ଭ।
- ଜିଲାସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ, ସ୍ଥାନ: ଛତ୍ରପୁର ଲୋୟର ବସଷ୍ଟାଣ୍ଡ, ସମୟ : ସକାଳ ୮ଟା ୩୦।

## କନ୍ଧମାଳ

- ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା, ସ୍ଥାନ: ଦାରିଙ୍ଗବାଡି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ: ୭ଟା ୩୦।

## ଢେଙ୍କାନାଳ

- ଓଁ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଇଚ୍ଛାପୁର(ବୋଲୁଅ ସାହି), କାକୁଡିଭାଗ, ଢେଙ୍କାନାଳ, ସମୟ: ସକାଳ ୬ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ଖମାରସାହି, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତସିଂହପୁର

- ବିଜୁ ଜୟନ୍ତୀ ଉପଲକ୍ଷେ ବିଜେଡିର ସାଧାରଣ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥଳ, ଅଠରବାଙ୍କୀ, ପାରାଦୀପ ସମୟ: ସକାଳ ୮ଟା।
- ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ବନ୍ଦର ନିଷିଦ୍ଧାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପାରାଦୀପ ପୋର୍ଟ ବଣିକସଂଘ ଦୁର୍ଗା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦୁର୍ଗା ମଣ୍ଡପ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜଗତଗୁରୁ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗନ୍ଧଶିଖର, ଡେରା, ରାଜନଗର, ସମୟ: ସକାଳ ୯ଟା।
- ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ଦଣ୍ଡାପଡିଆ, ମଙ୍ଗଳପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ମହିମା ଧର୍ମର ବ୍ରାହ୍ମ ମୂହୁର୍ତ୍ତରେ ପୂର୍ଣ୍ଣାହୁତି, ବାଲ୍ୟଲୀଳା ଓ ସାଧୁଭିକ୍ଷା, ସ୍ଥାନ:ଓଡ଼ଗାଁ ବ୍ଲକର ଭାଡିକିଲା, ସମୟ:ପ୍ରାତଃ ୫ଟା।
- ବିଜୁ ଜୟନ୍ତୀ, ସ୍ଥାନ: ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ:ନୟାଗଡ଼ ବ୍ଲକର ନୂଆ ବିଜିପୁର ପ୍ରାଥମିକ ସ୍କୁଲ, ସମୟ:ପୂର୍ବାହ୍ନ ୧୧ଟା।
- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ପପୁଲାର କ୍ଲବ ଢେଙ୍କାନାଳ ବନାମ ବଜରଙ୍ଗୀ କ୍ଲବ ଘାଟିକିଆ, ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ୩ଟା ୩୦।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚରେ କଟକ ଯୁବଜ୍ୟୋତି ବନାମ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ, ସ୍ଥାନ:ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା୩୦।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ୪ର୍ଥ ଦିବସର ନାଟକ ଭାବରୁ ଅଭାବ, ସ୍ଥାନ:ପଠାଣି ସମାନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସୁଭଦ୍ରା ପଦଯାତ୍ରା, ସ୍ଥାନ: ପ୍ରତି ପଞ୍ଚାୟତ ସଦର ମହକୁମା, ରାୟଗଡା, ସମୟ: ସକାଳ ୭ଟା।
- ସୁଭଦ୍ରା ପଦଯାତ୍ରା, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋଲନରା,ସମୟ:ସକାଳ ୭ଟା ୩୦।
- ବିଜୁ ଜୟନ୍ତୀ ପାଳନ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ, ସ୍ଥାନ: ବସ୍‌ଷ୍ଟାଣ୍ଡ, ରାୟଗଡା, ସମୟ: ସକାଳ ୯ଟା।
- ହାକୁଶ ପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାକୁଶ ପଙ୍ଗା ଆଶ୍ରମ ବିଦ୍ୟାଳୟ ପରିସର, ଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ହିନ୍ଦୁ ନବବର୍ଷ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉମରକୋଟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସକାଳ ୯ଟା।
- ସୁଭଦ୍ରା ରଥ ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍‌ର ୧୪ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ ସକାଶେ ଅଧିବାସ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥା ସମ୍ବଲପୁର ଶାଖା ଆୟୋଜିତ ଶ୍ରୀହରି କଥା, ସ୍ଥାନ: ହାଟପଡା ହନୁମାନ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳନ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ ବଞ୍ଜିପାଲି ଆମ୍ବେଡକର ମଣ୍ଡପ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବଞ୍ଜିପାଲି, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଜୁ ଜୟନ୍ତୀ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।
- ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଏମଏସ୍‌ଏମ୍‌ଇ ମେଗା ଆଉଟ୍ ରିଚ୍ କ୍ୟାମ୍ପ, ସ୍ଥାନ: ରାଉରକେଲା ଚାମ୍ବର ଭବନ, ସମୟ: ଅପରାହ୍ନ ୪ଟା।
- ସୁନାଫୁଲ ସଂସଦ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ କଳିଙ୍ଗ ବିହାର, ସମୟ: ଅପରାହ୍ନ ୫ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପାଠୋତ୍ସବ ଓ ବିଜୁ ଜୟନ୍ତୀ, ସ୍ଥାନ: ଉତ୍କଳ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଜାତୀୟ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀଭବନ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ବାଲିଯୋରୀ ହାଟ୍ ପରିଦର୍ଶନ,ସ୍ଥାନ: ବାଲିଯୋରୀ, ବେହେରା, ବରଗଡ଼, ସମୟ: ସକାଳ ୯ଟା ୧୦।
- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ସମ୍ବଲପୁରୀ ବସ୍ତ୍ରାଳୟ ପରିଦର୍ଶନ, ସ୍ଥାନ: ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଆର.ଏମ.ସି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଆର୍.ଏମ୍.ସି ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିରୁଦ୍ଧାଚରଣ ଯୋଗୁ ଯୋଜନା ଭଣ୍ଡୁର ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବାରୁ ମନ ଉଦାସ ରହିବ। ଅଶ୍ୱିନୀ ନକ୍ଷତ୍ର ପରିବାରର ବରାଦ ଅନୁଯାୟୀ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଶଳ ଖଟାଇ କାମଟିକୁ ସୁବିଧାରେ କରିପାରିବାରେ ସଫଳ ହେବେ।

**ବୃଷ** ସ୍ଥଗିତ ରହିଯାଇଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବନ୍ଧୁଙ୍କ ସହାୟତାରେ ପୂର୍ଣ୍ଣାଙ୍ଗ କରିବେ। ସାମାଜିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟରେ ବିରୁଦ୍ଧତା ଓ ବିଫଳତା ଲାଗି ରହିବ। ଆକସ୍ମିକ ଆଗତ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ ସାଧନାରେ ମନୋନିବେଶ କରିବେ।

**ମିଥୁନ** ଚେଷ୍ଟାକଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ମୃଗଶିରା ନକ୍ଷତ୍ର ରଚନାତ୍ମକ କାର୍ଯ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସେବା ଓ ପରୋପକାର ମନୋବୃତ୍ତିରୁ ପ୍ରଶଂସିତ ହେବେ।

**କର୍କଟ** ଉପର ଅଧିକାରୀଙ୍କ ଅନୁକମ୍ପାରୁ ଆପଣଙ୍କର କାମକୁ ପସନ୍ଦ କରିବେ। ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ ଏବଂ ଲୋକ ଚିହ୍ନିବାରେ ମଉକା ପାଇବେ। କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ରର ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କର୍ମ କ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗଯୁକ୍ତ ହୋଇପାରେ।

**କନ୍ୟା** ପୂର୍ବ ନିର୍ଦ୍ଧାରିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ହସ୍ତା ନକ୍ଷତ୍ର ସନ୍ଦେହ କାରଣରୁ ପତ୍ନୀଙ୍କ ସହ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ। ଆତ୍ମପ୍ରଶଂସା ପ୍ରିୟତା କାରଣରୁ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ନୂଆ ନୂଆ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ।

**ତୁଳା** କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା କିଛିଏ ବିଳମ୍ବରେ ପାଇବେ। ସ୍ୱାତୀ ନକ୍ଷତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସାମୟିକ ଖୁସି ଅନୁଭବ କରିବେ।

**ବିଛା** ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଯାତ୍ରା, ପ୍ରଶାସନ, ଆଇନ, କଳା ଓ ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନୁରାଧା ନକ୍ଷତ୍ରର ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ବହୁତ ଦିନରୁ ରହିଥିବା ବକେୟା ଟଙ୍କା ବନ୍ଧୁଙ୍କ ସହାୟତାରୁ ଆଜି ପାଇବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଭୁଲ୍ ବଶତଃ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରଖି ଅନ୍ୟସ୍ଥାନରେ ରଖିଥିବା ଜିନିଷଟି ଆଜି ହଠାତ୍ ପାଇଯିବେ। ବହୁତ ଦିନରୁ ସ୍ଥଗିତ ରହିଥିବା କାମକୁ ଆଜି ଦୃଢ଼ ପଦକ୍ଷେପ ନେଇ ସମ୍ପନ୍ନ କରିବେ। ପରିବାରରେ ଦାୟିତ୍ୱ କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଟେନ୍‌ସନ ବୃଦ୍ଧି ପାଇବ।

**ମକର** ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜଲୋକଙ୍କଠାରୁ ଆସ୍ଥାହରାଇ ବସିବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ସାଙ୍ଗକୁ ଚାକିରକ୍ଷେତ୍ରରେ ପଦୋନ୍ନତି ଘଟିବ।

**କୁମ୍ଭ** ବନ୍ଧୁଙ୍କ ସହାୟତାରେ ଯୋଜନା ମୁତାବକ ସବୁକାମ ଠିକ୍ ଠିକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାରର ସହମତି ପ୍ରକାରେ ଇଚ୍ଛାମୁତାବକ କାମକରିବାରେ ସଫଳ ହେବେ।

**ମୀନ** ବନ୍ଧୁଗହଣରେ ସଂଯମତା ରକ୍ଷା ନ କଲେ କର୍ମକ୍ଷେତ୍ରର ପରିସ୍ଥିତି ବିବାଦଗ୍ରସ୍ତ ହେବ। ଆଲୋଚନା ପରିସରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ସମସ୍ୟା ରହିଥିଲେ ମଧ୍ୟ ଆଜି ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରେବତୀ ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସଙ୍ଗକୁ ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇବେ।

ଆଜି ମାର୍ଚ୍ଚ ୦୫ ତାରିଖ, ବିଜୁ ପଟ୍ଟନାୟକ ଜୟନ୍ତୀ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୮.୧୩ମି. ଗତେ, ବୃଷ ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଏବଂ ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬.୦୬ମି. ଗତେ ଘ.୦୭.୪୦ମି. ମଧ୍ୟେ, ଘ.୧୦.୩୦ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ବେଳା। ଦିବା ଘ.୧୧.୩୫ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଫାଇନାଲରେ ଭାରତ...

ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ। ମହମ୍ମଦ ଶାମି ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ପରବର୍ତ୍ତୀ ବଲ୍‌ରେ ଜୀବନଦାନ ପାଇଥିଲେ ଟ୍ରାଭିସ ହେଡ୍। ଶାମି କଟ୍ ଆଣ୍ଡ ବୋଲ୍ଡ ସୁଯୋଗ ହାତଛଡ଼ା କରିଥିଲେ। ତେବେ ଶାମି ନିଜ ଦ୍ୱିତୀୟ ଓଭରର ଅନ୍ତିମ ବଲ୍‌ରେ କୁପର କୋନୋଲି(୦)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ତେବେ ହେଡ୍ ଓ ସ୍ମିଥ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ସମ୍ଭାଳି ନେଇଥିଲେ। ହେଡ୍ ସ୍ୱାଭାବିକଭାବେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବାବେଳେ ସ୍ମିଥ୍ ଜଗିରଖି ଖେଳିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୩୨ ବଲ୍‌ରୁ ୫୦ ରନର ଭାଗୀଦାରି ହେବାପରେ ହେଡ୍‌ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୩ ବଲ୍‌ର ସମ୍ମୁଖୀନ ହୋଇଥିବା ହେଡ୍ ୫ ଚୌକା ଓ ୨ ଛକା ସହାୟତାରେ ୩୯ ରନ କରିଥିଲେ। ଧିମା ବ୍ୟାଟିଂ କରିଥିଲେ ହେଁ ସ୍ମିଥ୍ ତୃତୀୟ ଉଇକେଟରେ ମାର୍ନସ ଲାବୁସେନଙ୍କ ସହ ୫୬, ୪ର୍ଥ ଉଇକେଟରେ ଜୋସ ଇଙ୍ଗଲିଶଙ୍କ ସହ ୩୪ ଓ ୫ମ ଉଇକେଟରେ ଆଲେକ୍ସ କାରେଙ୍କ ସହିତ ୫୪ ରନର ପାର୍ଟନରଶିପ୍ ଗଢ଼ି ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜିଂ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଲାବୁସେନ ୨୯ ଓ ଇଙ୍ଗଲିସ ୧୧ ରନ କରିଥିଲେ। ସ୍ମିଥ ଓ କାରେ ବ୍ୟାଟିଂ କରୁଥିବାବେଳେ ଅଷ୍ଟ୍ରେଲିଆ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ୩୭ତମ ଓଭରରେ ଶାମିଙ୍କ ବଲ୍‌ରେ ସ୍ମିଥ୍ ବୋଲ୍ଡ ହୋଇଯିବାରୁ ମ୍ୟାଚର ମୋଡ଼ ବୁଲିଥିଲା। ୯୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ୍ ୪ ଚୌକା ଓ ୧ ଛକା ସହାୟତାରେ ୭୩ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୭ ରନ କରି ପ୍ୟାଭିଲିୟନ ଫେରିବାରୁ ଅଷ୍ଟ୍ରେଲିଆର ବଡ଼ ସ୍କୋର ଆଶା ମଉଳିଥିଲା। କାରେ ୪୭ ଓଭର ପର୍ଯ୍ୟନ୍ତ ଲଢ଼େଇ କରି ୬୧ (୫୭ ବଲ, ୮ ଚୌକା, ୧ ଛକା) ରନ କରିଥିଲେ ମଧ୍ୟ ଲୋୟର ଅର୍ଡର ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ପୂରା ୫୦ ଓଭର ଖେଳି ନ ପାରି ୩ଟି ବଲ୍ ବାକିଥାଇ ୨୬୪ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ମହମ୍ମଦ ଶାମି ୩ଟି, ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ୟୁକ୍ରେନ୍‌କୁ ସାମରିକ...

ପାଇଁ ଆଲୋଚନା ଅବସରରେ ଟ୍ରମ୍ପ-ଜେଲେନ୍‌ସ୍କି ବିବାଦ ପରେ ସହାୟତା ବନ୍ଦ କିଭ୍‌କୁ ବଡ଼ ଧକ୍କା ହୋଇଛି। ସହାୟତା ବନ୍ଦ କରିଦିଆଯିବା ବାସ୍ତବରେ ବହୁତ ଖରାପ କଥା। ଯାହା ଜଣାପଡୁଛି, ୟୁକ୍ରେନ୍‌କୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରାଯାଉଛି ବୋଲି ୟୁକ୍ରେନ୍ ସଂସଦୀୟ ବହିର୍ବ୍ୟାପାର କମିଟି ଅଧ୍ୟକ୍ଷ କହିଛନ୍ତି। ରୁଷିଆ ସହ ଶାନ୍ତି ବୁଝାମଣା ପାଇଁ ଟ୍ରମ୍ପ୍ ଜେଲେନ୍‌ସ୍କିଙ୍କୁ ଉପରେ ଚାପ ପକାଇଥିଲେ। ହଠାତ୍ ସହାୟତା ବନ୍ଦ ସମଗ୍ର ୟୁକ୍ରେନ୍ ଏବଂ ୟୁରୋପୀୟ ସହଯୋଗୀମାନଙ୍କୁ ଅଡୁଆରେ ପକାଇଛି। ରୁଷିଆ ଆକ୍ରମଣକୁ ପ୍ରତିହତ କରିବା ଲାଗି ୟୁକ୍ରେନ୍‌ର ସାମର୍ଥ୍ୟକୁ ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍ ଶାନ୍ତିକୁ ଗୁରୁତ୍ୱ ଦେଉଥିବା କହିଆସୁଛନ୍ତି। ଆମ ସହଯୋଗୀମାନେ ଏହି ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ହେବା ଆମେ ଚାହୁଁ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି।

ୟୁକ୍ରେନ୍‌କୁ ସହାୟତା ବନ୍ଦ ଲାଗି ଆମେରିକା ପ୍ରଶାସନର ନିଷ୍ପତ୍ତିକୁ ରୁଷିଆ ସ୍ୱାଗତ କରିଛି। ଶାନ୍ତି ଫେରାଇ ଆଣିବା ଦିଗରେ ଏହା ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ କହିଛି। ତେବେ ଟ୍ରମ୍ପଙ୍କ ସବିଶେଷ ନିଷ୍ପତ୍ତିସମ୍ପର୍କରେ ରୁଷିଆ ସ୍ପଷ୍ଟ ହେବା ଆବଶ୍ୟକ। ଏହା ସତ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଆମେରିକା ୟୁକ୍ରେନ୍‌କୁ ମୁଖ୍ୟ ସାମରିକ ଯୋଗାଣକାରୀ ରହିଆସିଥିଲା। ଏହା ବନ୍ଦ ହୋଇଗଲେ ଶାନ୍ତି ପାଇଁ ସମ୍ଭବତଃ ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି।

### ମାଣିକପାଟଣା: ଓଡ଼ିଶା,...

ଦୁର୍ବଳତାର ଫାଇଦା ନେଇ ଆନ୍ଧ୍ରର ଶ୍ରୀକାକୁଳମ ପ୍ରଶାସନ ସହଯୋଗରେ ଓଡ଼ିଶାର ମାଣିକପାଟଣା ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ କେତେଜଣଙ୍କୁ ଲୋଭ ଦେଖାଇ ଅଙ୍ଗନୱାଡି କେନ୍ଦ୍ର ଚଳାଉଥିଲା। ପରେ ଓଡ଼ିଶା ଜମିରେ ଜୋର୍ ଜବରଦସ୍ତ ଆନ୍ଧ୍ର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରି ପରିଚାଳନା କରୁଛି।

ପୂର୍ବରୁ ଓଡ଼ିଶାରେ ଅନଧିକାର ପ୍ରବେଶକରି ଏହି ରାଜ୍ୟ ରାସ୍ତା, ସରକାରୀ କୋଠା ନିର୍ମାଣ ସହ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ସହିତ ନିର୍ବାଚନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲା। ପରେ ଓଡ଼ିଶାର ଗାଁ ମଧ୍ୟରେ ପରିଚାଳିତ ହେଉଥିବା ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ କରିବା ଓ ଓଡ଼ିଶା ଅଧିକାରୀଙ୍କୁ ଗିରଫ କରିବା ପାଇଁ ଆନ୍ଧ୍ର ଧମକ ଦେଇଥିଲା। ସେହି ସ୍ଥାନରେ ରହିଥିବା ଓଡ଼ିଶା ସରକାରଙ୍କ ସମସ୍ତ କୋଠାକୁ କ୍ଷଣକେ ଧ୍ୱଂସ କରିଦେବାର ଧମକ ମଧ୍ୟ ଏକଦା ଦେଇଥିଲେ ଆନ୍ଧ୍ରର ତତ୍କାଳୀନ ମନ୍ତ୍ରୀ। ଏହା ଦେଶ ତଥା ରାଜ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ତଥାପି ଏବେ ବି ସେଠି ଚାଲିଛି ଆନ୍ଧ୍ର ସରକାରଙ୍କ ଅଙ୍ଗନୱାଡି କେନ୍ଦ୍ର। ସେହି ମାଣିକ ପାଟଣା ଗ୍ରାମରେ ଏବେ ଆନ୍ଧ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀ ତାଙ୍କର ମନମାନି ଜାରି ରଖିଛନ୍ତି। ମାଣିକପାଟଣା ଓ ଗୁଡୁଖୁଡ଼ି ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଜାରି ରଖିଛି ଆନ୍ଧ୍ର। ହେଲେ ଏବେ ଆଉ ଏକପାଦ ଆଗକୁ ଯାଇ ସରକାରୀ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବାକୁ ଲୋକଙ୍କଠାରୁ ଆବେଦନ ଗ୍ରହଣ କରିବା ସହ ଆବାସ ଯୋଜନାରେ ସାମିଲ କରାଇବା ପାଇଁ ମସୁଧା କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜି।

ଅଙ୍ଗନୱାଡିରେ ନିୟମିତ ଖାଦ୍ୟ, କ୍ଷୀର, ଅଣ୍ଡା ପ୍ରଦାନକରି ଲୋକଙ୍କୁ ଆକୃଷ୍ଟକରି ରଖିଥିବା ବେଳେ ଯୋଜନାବଦ୍ଧ ଭାବେ ଅଞ୍ଚଳକୁ ଅକ୍ତିଆର କରିବାକୁ ଉଦ୍ୟମ ଜାରି ରଖିଛି ଆନ୍ଧ୍ର। ସରପଞ୍ଚ କାର୍ଜି କହନ୍ତି, ଏଠାରେ ଉଭୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଲୋକମାନେ ଉଭୟପଟୁ ଲାଭ ପାଉଛନ୍ତି। ଆନ୍ଧ୍ର ଅଙ୍ଗନୱାଡିରେ ଓଡ଼ିଶାଠାରୁ ଉନ୍ନତମାନର ଖାଦ୍ୟ ଏବଂ ପ୍ରତିଦିନ ଅଣ୍ଡା ଆଉ କ୍ଷୀର ପାଉଛନ୍ତି ପିଲାଏ। ହଷ୍ଟେଲ ଅଭାବରୁ କେତେଜଣ ଛାତ୍ର ଆନ୍ଧ୍ରରେ ରହି ପାଠ ପଢୁଛନ୍ତି ବୋଲି ସେ କହିଛନ୍ତି। ୧୪ ବର୍ଷ ହେଲା ଆନ୍ଧ୍ର ଏଠାରେ ଅଙ୍ଗନୱାଡି କେନ୍ଦ୍ରକରି ପିଲାଙ୍କୁ ପଢ଼ାଇବା ସହ ସବୁ ସୁବିଧା କରୁଛି। ତେଣୁ ଏଠାକାର ବାସିନ୍ଦା ଆନ୍ଧ୍ରମୁହାଁ ହେଉଛନ୍ତି ବୋଲି କାର୍ଜି କହିଛନ୍ତି। ଏବେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ରହିଛି। ପଡ଼ୋଶୀ ଆନ୍ଧ୍ରରେ ମଧ୍ୟ ଭାଜପାର ମିଳିତ ସରକାର ଚାଲିଛି। ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଓ ଜନପ୍ରତିନିଧି ଦାବି କରିଛନ୍ତି।

### ମା'ବାପା, ଭଉଣୀଙ୍କୁ...

ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି। ବଣ୍ଟିଙ୍କ ବଡ଼ଭାଇ ରମାକାନ୍ତ ସେଠୀଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଏକ ହତ୍ୟା ମାମଲା (ନଂ.୧୪୨/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ଅନୁଧ୍ୟାନ ପରେ ପଞ୍ଚନାମା ଓ ଶବ ବ୍ୟବଚ୍ଛେଦ କରାଯାଇଛି।

ଚାଟରା ଧୋବା ସାହିର କେତେକ ଲୋକଙ୍କ କହିବା କଥା ହେଲା ବଣ୍ଟି ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩(କଳା) ଶିକ୍ଷାଲାଭ କରିଛନ୍ତି। ଅନେକ ସମୟରେ ସେ ମୋବାଇଲ ଗେମ୍ ଖେଳନ୍ତି। ଏପରି କି କେତେଜଣ ସାଙ୍ଗଙ୍କ ସହ ମିଶି ଭୂତ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡ଼ନ୍ତି। ସୋମବାର ବିଳମ୍ବିତ ରାତିରେ ମୋବାଇଲ ଗେମ୍ ଖେଳୁଥିବାବେଳେ ପରିବାର ଲୋକେ ବାରଣ କରିବା କାରଣରୁ ବଣ୍ଟି ମାନସିକ ଭାରସାମ୍ୟ ହରାଇ ଏଭଳି ଘଟାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାଖାପାଖି ୬ ଦିନ ହେବ କାଳିଆଙ୍କ ମଝିଆ ପୁଅ ଉମାକାନ୍ତ କୌଣସି କାରଣରୁ ବଣ୍ଟିଙ୍କ ମୋବାଇଲ ନେଇଯିବା ସହ ଘରକୁ ଆସି ସାନଭାଇକୁ ବୁଝାଶୁଝା କରୁଥିଲେ। ଏହାସତ୍ତ୍ୱେ ବଣ୍ଟି ୬ ଦିନ ହେବ ରାତିରେ ଶୋଇପାରି ନ ଥିବା କୁହାଯାଉଛି। ତେବେ ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ। ବଡ଼ଭାଇ ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ ବଣ୍ଟି ମାନସିକ ବିକୃତ ଥିବାରୁ ସେ ମା', ବାପା ଓ ସାନ ଭଉଣୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଅପରପକ୍ଷରେ ଧୋବା ସାହିର ମୃତ କାଳିଆଙ୍କ ସମ୍ପର୍କୀୟ ପୁତୁରା କହିଛନ୍ତି, ରାତି ପ୍ରାୟ ୨ଟା ବେଳେ ବଣ୍ଟି ସେମାନଙ୍କ ଘର ପାଖରେ ପହଞ୍ଚି ବାପା, ବୋଉ ଓ ଭଉଣୀକୁ ମାରି ଦେଇଥିବା ନେଇ କହିଥିଲେ। ଏହି କଥାକୁ ସାହି ଲୋକେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ପରେ ବଣ୍ଟିଙ୍କ ଘର ନିକଟକୁ ଯାଇ ବାରଣ୍ଡାରେ ରକ୍ତ ଏବଂ ଘରଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜଗତ୍‌ସିଂହପୁର ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବଣ୍ଟିଙ୍କୁ ଧରିଥିଲା। ପରେ ଘଟଣାସ୍ଥଳରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରିବା ସହ ବଣ୍ଟିଙ୍କ ମାନସିକ ସ୍ଥିତି ଭଲ ନ ଥିବା ଅନୁମାନ କରାଯାଉଥିବା କହିଥିଲେ। ସେ କହିଥିଲେ ଅଭିଯୁକ୍ତ ତାଙ୍କ ମା, ବାପା ଓ ଭଉଣୀଙ୍କ ମୁଣ୍ଡରେ ପଥର କିମ୍ବା କିଛି ଲୁହା ଆଦି ଓଜନିଆ ସାମଗ୍ରୀରେ ଛେଚି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ଏସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ରାତି ୩ରୁ ୩.୩୦ ମିନିଟ୍ ଭିତରେ ୧୧୨କୁ ଜୟବଡ଼ ଗ୍ରାମର ପ୍ରସନ୍ନ ସେଠୀ ନାମକ ବ୍ୟକ୍ତି ଫୋନ କରି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ସେଠାରେ ତତ୍କାଳ ପହଞ୍ଚିଥିଲା। ତା ପରେ ଅଭିଯୁକ୍ତଙ୍କୁ କୌଶଳକ୍ରମେ ଧରି ଅଟକ ରଖିଛି। ତେବେ ତଦନ୍ତ ସମୟରେ ରକ୍ତ ଜୁଡୁବୁଡୁ ମୃତଦେହ ଘର ଭିତରେ ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ମୃତକମାନଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ବଣ୍ଟିଙ୍କୁ ଗିରଫ କରିଛି। ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୃତ କାଳିଆ ଜୟବଡ଼ ଛକରେ ଲଣ୍ଡ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ବଡ ପୁଅ ରମାକାନ୍ତ କେନ୍ଦୁଝର ଜିଲା ବଡ଼ବିଲ୍ ଅଞ୍ଚଳରେ ପୋଲିସ ବିଭାଗରେ କାର୍ଯ୍ୟରତ ଓ ସେ ତାଙ୍କ ପରିବାର ସହ ସେଠାରେ ରହୁଛନ୍ତି। ମଝିଆ ପୁଅ ଉମାକାନ୍ତ ଖଣି ବିଭାଗରେ କାର୍ଯ୍ୟରତ ଓ ସେ ଜଗତ୍‌ସିଂହପୁର ଦୁର୍ଗା ବଜାର ଅଞ୍ଚଳରେ ସପରିବାରେ ରହୁଛନ୍ତି। ଘରେ କେବଳ ତାଙ୍କ ସ୍ତ୍ରୀ, ସାନପୁଅ ତଥା ଅଭିଯୁକ୍ତ ବଣ୍ଟି ଓ ସାନ ଝିଅ ରହୁଥିଲେ। ଝିଅ ସ୍ଥାନୀୟ ଏସ୍‌ଭିଏମ୍ କଲେଜରେ ଯୁକ୍ତ ୨ରେ ଶିକ୍ଷାଲାଭ କରୁଥିଲେ। ପ୍ରାୟ ୧ ମାସ ପରେ ରୋଜାଲିନ୍‌ଙ୍କ ବାହାଘର ହେବ ବୋଲି ସ୍ଥିର ହୋଇଥିବା ଆଲୋଚନା ହେଉଛି।

### ଆଜି ଖୋଲାରହିବ...

ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ କଲେଜ ଖୋଲାରହିବ ବୋଲି ବିଭାଗୀୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏନେଇ ଯୁଗ୍ମସଚିବଙ୍କ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପିଜି କାଉନସିଲ୍ ଚେୟାରମ୍ୟାନ ଏବଂ ପ୍ରିନ୍ସିପାଲମାନଙ୍କୁ ଚିଠି କରାଯାଇଛି।

### ତାତି ବଢ଼ୁଛି...

୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ସେଲସିୟସ୍ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନ ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ୨ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଅଧିକ ତାପମାତ୍ରା ରହିଥିଲା। ତେବେ ଆସନ୍ତା ୪ରୁ ୫ ଦିନ ଏଭଳି ତାପମାତ୍ରା ଅନୁଭୂତ ହେବାକୁ ଥିବାରୁ ଖରା ଓ ଗରମ ରାଜ୍ୟବାସୀଙ୍କୁ କଲବଲ କରିବ। ସୂଚନାଥାଉକି, ମଙ୍ଗଳବାର ସକାଳୁ ଗଞ୍ଜାମ ଜିଲାରେ ଘନ କୁହୁଡ଼ି ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା।

### ବିଧାୟକଙ୍କ ପାନଛେପ...

ମିଶି ହଲ୍ ମଧ୍ୟରୁ ଉକ୍ତ ପାନ ମସଲା ଛେପକୁ ସଫା କରାଇଥିଲେ ବୋଲି ବାଚସ୍ପତି ମହାନା କହିଛନ୍ତି। ବିଧାନସଭାର ଜଣେ ସଦସ୍ୟଙ୍କର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ଅତ୍ୟନ୍ତ ଗମ୍ଭୀର ସ୍ୱରରେ କହିଥିଲେ। ଗୃହରେ ଲାଗିଥିବା ସିସିଟିଭି ଫୁଟେଜରୁ ଛେପ ପକାଇଥିବା ବିଧାୟକଙ୍କର ପରିଚୟ ସ୍ପଷ୍ଟ ଭାବେ ମିଳିଛି। ତେବେ ସେ ପାନ ଛେପ ପକାଇଥିବା ବିଧାୟକଙ୍କୁ ସର୍ବ ସମ୍ମୁଖରେ ଅପମାନିତ କରିବାକୁ ଚାହୁଁନାହାନ୍ତି ବୋଲି ମହାନା କହିଛନ୍ତି। ଛେପ ପକାଇଥିବା ବିଧାୟକଙ୍କୁ ଚେତାବନୀ ଦେଇ ସେ କହିଛନ୍ତି, ଯେଉଁ ବିଧାୟକ ଏହି କାର୍ଯ୍ୟ କରିଛନ୍ତି ତାଙ୍କର ପରିଚୟ ମିଳିସାରିଛି। ସେ ସ୍ୱୟଂ ନିଜଆଡୁ ଆସି ତାଙ୍କ ନିକଟରେ ଭୁଲ୍ ସ୍ୱୀକାର କରନ୍ତୁ। ଅନ୍ୟଥା ଏହି ନିନ୍ଦନୀୟ କାର୍ଯ୍ୟ ପାଇଁ ତାଙ୍କୁ ସମନ କରାଯିବ। ଏହି ଅବସରରେ ବିଧାନସଭାର ଅନ୍ୟ ସଦସ୍ୟଙ୍କୁ ଅପିଲ କରି ମହାନା କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କର ନୁହେଁ। ଏହା ୪୦୩ ବିଧାୟକ ଓ ଉତ୍ତରପ୍ରଦେଶର ୨୫ କୋଟି ଜନସାଧାରଣଙ୍କର ବିଧାନସଭା। ତେଣୁ ଗୃହର ଗରିମାକୁ ବଜାୟ ରଖିବା ସହ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ହେଉଛି ସମସ୍ତ ବିଧାୟକଙ୍କର ଦାୟିତ୍ୱ। ଯଦି ବିଧାନସଭା ପରିସର ମଧ୍ୟରେ କୌଣସି ବିଧାୟକ ସେମାନଙ୍କ ସାଥୀ ବିଧାୟକଙ୍କୁ ପାନ ମସଲା ଖାଇ ଛେପ ପକାଉଥିବାର ଦେଖୁଛନ୍ତି, ତେବେ ସେମାନେ ତୁରନ୍ତ ନିଜ ସାଥୀ ବିଧାୟକଙ୍କୁ ଏପରି ନିନ୍ଦନୀୟ କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ କରନ୍ତୁ।

# ୪ ମାସରେ ୧୯୭ ଅଲିଭ୍ ରିଡ୍‌ଲେ ମୃତ

## ନିଷିଦ୍ଧାଞ୍ଚଳ କଟକଣାକୁ ମାନୁନାହାନ୍ତି ମତ୍ସ୍ୟଜୀବୀ

**■ ୩୧ ବୋଟ୍ ଜବତ, ୨୫୭ ଗିରଫ**

କେନ୍ଦ୍ରାପଡ଼ା, ୪।୩ (ଜଗନ୍ନାଥ ଧଳ)

ବିଶ୍ୱ ପ୍ରସିଦ୍ଧ ଗହୀରମଥା ଅନ୍ତୁଡ଼ିଶାଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ କଇଁଛ ଦେଖିବାକୁ ମିଳୁଛନ୍ତି। ୪ମାସ କଟକଣା ମଧ୍ୟରେ ବନ ବିଭାଗ ରିପୋର୍ଟରେ ୧୯୭ଟି ଅଲିଭ୍ ରିଡ୍‌ଲେ ମରିଥିବା ଦର୍ଶାଯାଇଛି। ଏହାକୁ ବାଲିରେ ପୋତାଯାଇଛି। ତେବେ ଏହି ରିପୋର୍ଟଠାରୁ ଅଧିକ ମୃତ୍ୟୁ ହୋଇଥିବା ସ୍ଥାନୀୟ ପରିବେଶବିତ୍ ଓ ପ୍ରକୃତିପ୍ରେମୀ ଆଶଙ୍କା ପ୍ରକାଶ କରୁଛନ୍ତି। ନିଷିଦ୍ଧାଞ୍ଚଳରେ ବୋଟ, ଟ୍ରଲର ପଶି ଆସିଥିବା ଦର୍ଶାଇ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କଟକଣା ବେଳେ ମୋଟ ୩୧ ବୋଟ୍, ଟ୍ରଲର ଜବତ ହୋଇଛି। ଏଥିସହ ୨୫୭ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଅପରପକ୍ଷରେ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ଖଲାସ ହେଉଛି। ସେହିପରି ଗିରଫ ମତ୍ସ୍ୟଜୀବୀଙ୍କୁ ମଧ୍ୟ ତୁରନ୍ତ ଜାମିନ ମିଳିଯାଉଥିବାରୁ କଟକଣାର ସୁଫଳ ମିଳୁନାହିଁ। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ୨୦୨୪ ନଭେମ୍ବରରୁ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ



ଅଞ୍ଚଳକୁ ବିରଳ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ବନ ବିଭାଗ ରିପୋର୍ଟଠାରୁ ବହୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍) ବ୍ୟବହାର ହେଉନାହିଁ। ସେହିପରି ବନ ବିଭାଗର ବୋଟ୍‌ଗୁଡ଼ିକ ଅଧିକାଂଶ କମ୍ ଶକ୍ତିସମ୍ପନ୍ନ। ଏଥିସହ ବୋଟ୍‌ଗୁଡ଼ିକ ଖରାପ ରହୁଛି। ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ୍ ଓ ଟ୍ରଲର ଛାଡ଼ ପାଉ ନ ଥିଲେ। ଏବେ ଜବତ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ରିଲିଜ ହେଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି। ବାବୁବାଲି, ମାଦେଳି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା। ତେବେ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ରାମଚଣ୍ଡୀ ତଟାଞ୍ଚଳକୁ ଅଲିଭ୍ ରିଡ୍‌ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ମସିହାରୁ ଏହି ଅଞ୍ଚଳରେ ଅଲିଭ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ହେଉନାହିଁ। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତ ବୟସ୍କ ହେଉଥିବାରୁ ଏହାର ସୁରକ୍ଷା ନିହାତି ଜରୁରୀ। ସାମୁଦ୍ରିକ ଅଞ୍ଚଳରେ ବେଆଇନ ଭାବେ ଗିଲ ନେଟର ବ୍ୟବହାର, ସଂରକ୍ଷିତ ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡ଼ି ଘେରି ଅଲିଭ ରିଡ୍‌ଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଗତ ୪ ମାସ ମଧ୍ୟରେ ୩୧ ବୋଟ୍, ଟ୍ରଲର ସମେତ ୨୫୭ ବେଆଇନ ପ୍ରବେଶକାରୀଙ୍କୁ ଗିରଫ କରାଯାଇଛି। ବାବୁବାଲି ଓ ମାଦେଳିରେ ସ୍ୱତନ୍ତ୍ର କ୍ୟାମ୍ପ ସହ ସାମୁଦ୍ରିକ ପାଟ୍ରୋଲିଂ ହେଉଛି। ବିଭାଗୀୟ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏଥିରେ ଦିନରାତି ନିୟୋଜିତ ହୋଇଛନ୍ତି। ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଥିବା କଇଁଛଙ୍କ ଅଦ୍ୟାବଧି ୨୫୫ଟି ଅଣ୍ଡା ସଂଗ୍ରହ କରାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ଅଧିକ ସହଯୋଗ ଆଶା ରଖାଯାଉଛି ବୋଲି ସେ କହିଛନ୍ତି।

# ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ, ଦମ୍ପତି ଗୁରୁତର

**■ ଉଡ଼ିଗଲା ଘର ଆଜ୍‌ବେଷ୍ଟସ**
**■ ଜେଲରୁ ଫେରି ପୁଣି ବେପାର ଚଳାଇଥିଲେ**

ବେଗୁନିଆ,୪।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ବାଣ ବେପାରୀ ଅଶୋକ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଅଶୋକଙ୍କ ଦୁଇ ବଖରା ଘରର ଆଜ୍‌ବେଷ୍ଟସ ଉଡ଼ିଯାଇଛି। ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଶୋକ ୨୦୨୨ ମସିହାରେ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ହେଲେ ଜେଲରୁ ଫେରି ପୁଣି କିପରି ବାଣ ପ୍ରସ୍ତୁତି କରିଥିଲେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଦେଉଳି ଗ୍ରାମରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଦେଖିବା ବେଳକୁ ଅଶୋକଙ୍କ ଘରେ ଚିତ୍କାର ଶୁଭୁଥିଲା। ବିସ୍ଫୋରଣ ଯୋଗୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଆହତ ହୋଇଥିଲେ। ଏହା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବେଗୁନିଆ ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସେଠାରୁ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଯୋଗୁ ଏହି ଅଘଟଣ ଘଟିଛି ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୯/୨୫)ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଥାଉ କି, ୨୦୨୨ ମସିହାରେ ଅଶୋକ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ସେହିପରି ଗତ ଅକ୍ଟୋବର ୨୭ରେ ଅଶୋକଙ୍କ ପରିବାର ଲୋକଙ୍କ ନାମରେ ବେଆଇନ ବାଣ ପ୍ରସ୍ତୁତି ଅଭିଯୋଗ ରହିଥିଲା। ଏ ସମ୍ପର୍କରେ ପୋଲିସ ଉକ୍ତ ସମୟରେ ଏକ ମାମଲା (ନଂ.୩୦୨/୨୪) ରୁଜୁକରି ଅଶୋକଙ୍କ ଭାଇ କବିଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦୀର୍ଘବର୍ଷ ହେବ ଏହି ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତ କରାଯାଉଥିବା ନଜିର ରହିଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଘଟଣ ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବାଣ ବିସ୍ଫୋରଣରେ ଆଜ୍‌ବେଷ୍ଟସ ଭାଙ୍ଗିରୁଜି ତଳେ ପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱର IRC Village (ନୟାପଲ୍ଲୀ) ସ୍ଥିତ ଶିକ୍ଷାନୁଷ୍ଠାନ ନିମନ୍ତେ PRO, Front Office Clerk, DEO, ଡ୍ରାଇଭର (Bus/Car), ହାଉସ କିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
Plot No.1480, IRC Village
Contact:9040009727,8456845313

ବିବାହ ମଣ୍ଡପ ରେ କାମ କରିବା ପାଇଁ କର୍ମଚାରୀ ଆବଶ୍ୟକ । ରହିବା ଖାଇବା ମାଗଣା । ବେତନ-6000/-
9861061013, 9114299462.

WALK IN INTERVIEW : 09.03.2025
Campus Supervisor : Qualification : +2, Desirable Experience: 01 year in any Housing Society, Salary : Rs. 25,000/pm
Free accommodation for self
Life Guard for Swimming Pool : Desirable Qualification: Certificate from Competant Authority, Salary: Rs. 15,000/pm,
Note : Salary is negotiable
Please forward your Resume: jvtbbsr@gmail.com / 7656016371
Society: Jalvayu Tower, Niladri Vihar, Bhubaneswar-751021

# ପୋଲିସ ଇନ୍‌ଫର୍ମର ସନ୍ଦେହ: ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ହତ୍ୟା

ମାଲକାନଗିରି, ୪।୩
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ସୁକ୍‌ମା ଜିଲାରେ ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କ ସାନ ଶ୍ୱଶୁର କମଲୁ ହିଡମାଙ୍କୁ ମାଓବାଦୀ ମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗଳା କାଟି ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଟାପାଡ଼ ଗାଁରେ ସୋମବାର ରାତିରେ ବୃଦ୍ଧ କମଲୁ ଶୋଇଥିବା ବେଳେ ୨୦ ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରେ ପଶିଥିଲେ। ତାଙ୍କୁ ଉଠାଇନେଇ ଘର ବାହାରକୁ ଆଣି ଠେଙ୍ଗାରେ ପିଟିଥିଲେ। ମାଓବାଦୀ ସଂଗଠନ ବିରୋଧରେ ଲୋକଙ୍କୁ ଉସ୍‌କାଇବା ଏବଂ ପୋଲିସକୁ ସଂଗଠନ ଗତିବିଧି ସମ୍ପର୍କରେ ସୂଚନା ଦେବା ଅଭିଯୋଗରେ ତାଙ୍କ ଗଳା କାଟି ହତ୍ୟା କରିଛନ୍ତି । ମଙ୍ଗଳବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରିଛି। ଏ ସମ୍ପର୍କରେ ମୃତକଙ୍କ ଜ୍ୱାଇଁ ତଥା ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କୁ ପଚାରିବାରୁ ମୋ ଶ୍ୱଶୁର ଜଣେ ସରଳ ଲୋକ ଥିଲେ। ଯେଉଁମାନେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି ତାଙ୍କ ବିଷୟରେ ପ୍ରଥମେ ଯାଞ୍ଚ କରନ୍ତୁ। ତା'ପରେ ଯେକୌଣସି କଠୋର ପଦକ୍ଷେପ ନିଅନ୍ତୁ । ମୋ ଶ୍ୱଶୁରଙ୍କ ନାଁରେ ପୂର୍ବରୁ ଅନେକ ଥର ଏମିତି ଲୋକଙ୍କୁ ଉସ୍‌କାଇବା ଏବଂ ପୋଲିସକୁ ଖବର ଦେବା ଭଳି ଅଭିଯୋଗ ଆଣି ବିଫଳ ହୋଇଥିଲେ। ହେଲେ ମାଓବାଦୀମାନେ ଯେଉଁଭଳି ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ଏହା କୌଣସି ସୁସ୍ଥ ସମାଜ ପାଇଁ ଠିକ୍ ନୁହେଁ। ହିଂସା କେବେ ମଧ୍ୟ କୌଣସି ସମାଧାନର ବାଟ ନୁହେଁ। ଏହିଭଳି କାର୍ଯ୍ୟକଳାପ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କ ପ୍ରତି ଘୃଣା ଭାବ ଆସିଯାଇଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ, ସୁସ୍ଥ ଏବଂ ବିକଶିତ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ସେ କହିଛନ୍ତି।

DADLS-102



ମହାନ ଜନନାୟକ
ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୦୫ ମାର୍ଚ୍ଚ, ୨୦୨୫
ଜୟଦେବ ଭବନ, ଭୁବନେଶ୍ୱର

ସନ୍ଧ୍ୟା ୬ ଘଟିକା
ବିଜୁବାବୁଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ

ସନ୍ଧ୍ୟା ୭.୦୦ ଘଟିକା — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ, ଓଡ଼ିଶା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସାଂସଦ, ଭୁବନେଶ୍ୱର
– ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର-ଭୁବନେଶ୍ୱର
– ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ବିଧାୟକ, ଭୁବନେଶ୍ୱର (ମଧ୍ୟ)
– ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ବିଧାୟକ, ଭୁବନେଶ୍ୱର (ଉତ୍ତର)
– ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/0439/2425

# ଆଜି ୫ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

**ମହାପ୍ରଭୁଙ୍କ ବନକଲାଗି ନୀତି ହେବ**

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳପକ୍ଷ ଷଷ୍ଠୀତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦତ୍ତ ମହାପାତ୍ର ସେବକମାନେ ବନକ ଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦତ୍ତ ମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ଦତ୍ତ ମହାପାତ୍ର ସେବକମାନେ ନୀତି ଶେଷକରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବୁଧବାର ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାକୁଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ନିମନ୍ତେ ୫ ଓ ୬ ତାରିଖ ଦୁଇଦିନ ପାଇଁ ରତ୍ନଭଣ୍ଡାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ବନ୍ଦ ରହିବ।

# ଜବାବ ରଖିଲା ସିବିଆଇ, ସମୟ ନେଲେ ବିଷ୍ଣୁପଦ

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**
**■ ଅନ୍ତରୀଣ ସୁରକ୍ଷା ବଳବତ୍ତର**

କଟକ,୪।୩(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ ହାଇକୋର୍ଟ ଦେଇଥିବା ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରଖିଛନ୍ତି। ପୂର୍ବ ଶୁଣାଣିର ଆଦେଶ ମୁତାବକ ସିବିଆଇ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ ହୋଇଛି। ଅନ୍ୟପକ୍ଷରେ ବିଷ୍ଣୁପଦ ତାଙ୍କ ପକ୍ଷ ରଖିବା ପାଇଁ ଅଦାଲତରୁ ସମୟ ନେଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଦେଇଥିବା ଅନ୍ତରୀଣ ରହିତାଦେଶର ସମୟସୀମା ବୃଦ୍ଧି କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛିଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ବିଷ୍ଣୁପଦ ସେଠୀ

# ସରକାରୀ ଛୁଟି ତାଲିକାରୁ ହଟିଲା ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର, ୪।୩ (ବନ୍ଦନା ସେଠୀ)

ସରକାରୀ ଛୁଟି ତାଲିକାରୁ ପଞ୍ଚାୟତିରାଜ ଦିବସ ପ୍ରତ୍ୟାହାର କରାଯାଇଛି। ଏନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତିରାଜ ଦିବସ ପାଳନ ନେଇ ଜାତୀୟ ଓ ରାଜ୍ୟସ୍ତରରେ ଅସଂହତି ଦୂର କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୩୯୦୫୭, ୩୯୦୭୭, ୨୦୨୪ ନଭେମ୍ବର ୧୨ର ସଂଲଗ୍ନ କ-ର କ୍ର. ସଂଖ୍ୟା-୪ରେ ପ୍ରକାଶିତ ପଞ୍ଚାୟତିରାଜ ଦିବସକୁ ଉକ୍ତ ଛୁଟି ତାଲିକାରୁ ପ୍ରତ୍ୟାହାର କରାଯାଇଥିବା ସୂଚନା ଦିଆଯାଇଛି।

एफएसएसएआई fssai
Food Safety and Standards Authority of India
स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

ଖାଦ୍ୟପଦାର୍ଥ ବିକୁଥିବା ଫେରିବାଲାଙ୍କ ପାଇଁ
ଶୁଭ ଖବର!
ଏଫ୍‌ଏସ୍‌ଏସ୍‌ଏଆଇ ପଞ୍ଜୀକରଣ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିଦିଆଯାଇଛି
୨୮ ସେପ୍ଟେମ୍ବର ୨୦୨୪ଠାରୁ ପ୍ରଭାବୀ

କେଉଁମାନେ ଯୋଗ୍ୟ
ସାଧାରଣତଃ ଚାଲି ଚାଲି କିମ୍ବା ଠେଲାଗାଡ଼ିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲି ବୁଲି ପ୍ୟାକେଜ୍‌ଡ କିମ୍ବା ସଦ୍ୟ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ବିକୁଥିବା ଯେକୌଣସି ଫେରିବାଲା ।

ପ୍ରମୁଖ ଲାଭ:
- ନୂଆ ଆବେଦନ କିମ୍ବା ନବୀକରଣ ପାଇଁ କୌଣସି ପଞ୍ଜୀକରଣ ଦେୟ ନାହିଁ ।
- ଉପରୋକ୍ତ ପଞ୍ଜୀକରଣ ୫ ବର୍ଷ ପାଇଁ ବୈଧ ରହିବ ।

କେମିତି ଆବେଦନ କରିବେ
■ ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲ ପରିଦର୍ଶନ କରନ୍ତୁ [https://foscos.fssai.gov.in]
■ ଫେରିବାଲା (ହକର୍) ବର୍ଗ ଅଧୀନରେ ଅନ୍‌ଲାଇନ ଆବେଦନ କରନ୍ତୁ (ୟୁଜର ମାନୁଆଲ: https://foscos.fssai.gov.in/user-manual)



ଅଧିକ ସୂଚନା ପାଇଁ:
ତା୩୦।୦୯।୨୦୨୪ରିଖର ଏଫ୍‌ଏସ୍‌ଏସ୍‌ଏଆଇ ଆଦେଶ ଦେଖନ୍ତୁ
ସହାୟତା ନମ୍ବରରେ ଯୋଗାଯୋଗ କରନ୍ତୁ:
୧୮୦୦୧୧୨୧୦୦, helpdesk-foscos@fssai.gov.in

ଆଉ ଅପେକ୍ଷା କରନ୍ତୁ ନାହିଁ
ଆଜି ହିଁ ବିନା ଦେୟରେ ଏଫ୍‌ଏସ୍‌ଏସ୍‌ଏଆଇ ନିକଟରେ ପଞ୍ଜୀକରଣ କରନ୍ତୁ
fssaiindia fssai fssai_safefood fssaiindia fssai_india
CBC 17163/11/0014/2425

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବା...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ମାଦକ ଦ୍ରବ୍ୟ ବ୍ୟବସାୟ

ଏହା ସାଧାରଣରେ ଜଣା ଯେ ଗୁଜରାଟ ଏକ ଡ୍ରାଏ ରାଜ୍ୟ ଅର୍ଥାତ୍ ସେଠାରେ ସରକାରୀସ୍ତରରେ ମଦ ବିକ୍ରି ହୁଏନାହିଁ। କିନ୍ତୁ ଏହି ରାଜ୍ୟ ବର୍ତ୍ତମାନ ମାଦକ ଦ୍ରବ୍ୟ କାରବାରର ପେଣ୍ଠ ପାଲଟିଗଲାଣି। ୪ ମାର୍ଚ୍ଚ ୨୦୨୫ରେ ପ୍ରକାଶିତ ଗୁଜରାଟ ପୋଲିସର ତଥ୍ୟ ଏହାକୁ ସ୍ପଷ୍ଟ ପ୍ରମାଣ କରୁଛି। ତଥ୍ୟରେ ଦର୍ଶାଯାଇଛି ଯେ, ୨୦୨୪ରେ ଗୁଜରାଟରୁ ମୋଟ୍ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ(ଆଇଏମ୍ଏଫ୍ଏଲ୍) ବୋତଲ ଅର୍ଥାତ୍ ପ୍ରତି ୪ ସେକେଣ୍ଡରେ ଗୋଟିଏ ଜବତ ହୋଇଛି। ଏ କ୍ଷେତ୍ରରେ ଅହମଦାବାଦ ସବୁଠୁ ଆଗରେ ରହିଛି। ମୋଟ୍ ୪,୩୮,୦୪୭ ମଦବୋତଲ ଅହମଦାବାଦ ସହର ଓ ଏହାର ଗ୍ରାମାଞ୍ଚଳରୁ ଜବତ କରାଯାଇଥିବାବେଳେ ଏହାପଛକୁ ସୁରଟ, ଭଦଦୋରା, ନବସାରି ଓ ଗୋଧ୍ରା ରହିଛନ୍ତି। ଗୋଟିଏ ଡ୍ରାଏ ଷ୍ଟେଟ୍‌ରେ ବିପୁଳ ପରିମାଣର ବେଆଇନ ବା ଚୋରାମଦ ଜବତହେବା ବାସ୍ତବରେ ଚିନ୍ତାର ବିଷୟ। ୨୦୨୪ର ଘଟଣାଗୁଡ଼ିକୁ ଯଦି ଦେଖାଯାଏ କେବଳ ମଦ ନୁହେଁ, ଅନ୍ୟସବୁ ମାଦକ ଦ୍ରବ୍ୟ ଯଥା ହେରୋଇନ, କୋକେନ, ଇ ସିଗାରେଟ୍ ଜବତରେ ଗୁଜରାଟ ଭାରତର ଅନ୍ୟସବୁ ରାଜ୍ୟ ତୁଳନାରେ ସବୁଠୁ ଆଗରେ ଅଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶିତ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ତଥ୍ୟରୁ ମଧ୍ୟ ଏହାର ପ୍ରମାଣ ମିଳିଥିଲା। ଇସିଆଇ ସୂଚିତ କରିଥିଲା ଯେ, ଭାରତରେ ନିର୍ବାଚନ ସମୟରେ ଜବତ ହୋଇଥିବା ମୋଟ୍ ପରିମାଣର ଡ୍ରଗ୍ସର ଏକ ତୃତୀୟାଂଶ କେବଳ ଗୁଜରାଟରୁ ହିଁ ମିଳିଥିଲା। ଏହା ବ୍ୟତୀତ ୨୦୨୪ ଏପ୍ରିଲରେ ଗୁଜରାଟ ପୋରବନ୍ଦର ଉପକୂଳରେ ତଟ ସୁରକ୍ଷା ବାହିନୀ, ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍(ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ମିଳିତ ଅଭିଯାନରେ ପାଖାପାଖି ୬୦୦ କୋଟି ଟଙ୍କା ମୂଲ୍ୟର ୮୬ କେ.ଜି. ଡ୍ରଗ୍ସ ବା ନିଶାଦ୍ରବ୍ୟ ଜବତ ହେବା ସହ ପାକିସ୍ତାନୀ ନାଗରିକ କୁହାଯାଉଥିବା ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ସେହି ମାସରେ ପୁନର୍ବାର ଏକ ଭାରତୀୟ ମାଛଧରା ଡଙ୍ଗାରୁ ୧୭୩ କେଜି ଡ୍ରଗ୍ସ ଜବତ କରାଯାଇଥିଲା। ଏହା ପୂର୍ବମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ମଧ୍ୟ ପୋରବନ୍ଦର ଉପକୂଳରୁ ୪୦୦ କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍(ଏକପ୍ରକାର ଅତି ଉତ୍ତେଜକ ନିଶାଦ୍ରବ୍ୟ) ଜବତ ହେବା ସହ ତଥାକଥିତ ପାକିସ୍ତାନୀ ବୋଲି କୁହାଯାଉଥିବା ୬ ଜଣ ନାବିକଙ୍କୁ ଗିରଫ କରାଯାଇଥିଲା। ଏଭଳି ନିଶାଦ୍ରବ୍ୟ ଗୁଜରାଟ ଉପକୂଳରୁ ବାରମ୍ବାର ଜବତ କରାଯାଉଛି। ଉଲ୍ଲେଖନୀୟ, ସେପ୍ଟେମ୍ବର ୨୦୨୧ରେ ଗୌତମ ଆଦାନୀଙ୍କ କମ୍ପାନୀ ହାତରେ ଥିବା ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ୍ ଜବତ କରାଯିବା ଏକ ସର୍ବକାଳୀନ ରେକର୍ଡ।

> ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି।

କେବଳ ମୁନ୍ଦ୍ରା ବନ୍ଦର ନୁହେଁ, ସମୟାନ୍ତରରେ ଗୁଜରାଟ ଉପକୂଳରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ବାରମ୍ବାର ଜବତ ହୋଇଆସୁଛି। ଏହା ସହ ୨୦୨୪ର ମଦ ବୋତଲ ଜବତ ତଥ୍ୟ ସେଠାକାର ନିଶାଦ୍ରବ୍ୟ କାରବାରର ଗମ୍ଭୀରତାକୁ ସାମ୍ନାକୁ ଆଣିଛି। ଅର୍ଥାତ୍ ଗୁଜରାଟରେ ଯାହାକୁ ଯେତେ ମଦ ମିଳିବାର ବାଟ ରହିଛି। ଏଣୁ ଗୁଜରାଟ ଡ୍ରାଏ ଷ୍ଟେଟ୍ ନୁହେଁ। ଏହା ସ୍ପଷ୍ଟ ଯେ, ଯେତିକି ପରିମାଣର ମଦ ବୋତଲ କିମ୍ବା ଡ୍ରଗ୍ସ ଧରାପଡୁଛି ତାହାଠାରୁ କାହିଁ କେତେ ଅଧିକ ଗୁଜରାଟ ବାଟ ଦେଇ ଅନ୍ୟ ରାଜ୍ୟକୁ ଆସୁଛି। ସେଥିରୁ କମ୍ ଧରାପଡୁଛନ୍ତି ଓ ଅଧିକ ଖସିଯାଉଛନ୍ତି। ଫଳରେ ଭାରତରେ ନିଶାଦ୍ରବ୍ୟ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ସ୍ପଷ୍ଟ ବୁଝାପଡ଼େ ଯେ, ରାଜ୍ୟ ସରକାର ଓ ସେଠାକାର ପୋଲିସ ଏହି ବ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଅଛନ୍ତି। କାରଣ ଯେଉଁ ବିପୁଳ ଅର୍ଥ ସେଥିରୁ ବାହାରୁଛି ତାହା ଅନ୍ୟ କୌଣସି ସୂତ୍ରରୁ ପାଇବା କଷ୍ଟକର। ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି। ଢଗ ଅଛି, ରକ୍ଷକ ଯେତେବେଳେ ଭକ୍ଷକ ହୁଏ ସେତେବେଳେ ସାଧାରଣ ନାଗରିକ ପାଇଁ କୌଣସି ସୁରକ୍ଷା ମିଳେ ନାହିଁ। ଗୁଜରାଟ କ୍ୟାଡରର ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟଙ୍କୁ ଦୀର୍ଘବର୍ଷ ଧରି ଜେଲରେ ରଖାଯିବାର କାରଣ ଭାବେ ତାଙ୍କର ଏକ ଆଫିଡାଭିଟ୍‌କୁ ଦର୍ଶାଯାଉଥିଲେ ମଧ୍ୟ ଅନ୍ୟପଟେ କୁହାଯାଏ ଯେ, ତାଙ୍କ ଡ୍ରଗ୍ସ ଚୋରା କାରବାର କରୁଥିବା ଶକ୍ତିଶାଳୀ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି ମୁଖ୍ୟ କାରଣ। ଦେଶ ଏକ ଦଶନ୍ଧି ପୂର୍ବରୁ 'ଗୁଜରାଟ ମଡେଲ' କଥା ଶୁଣି ପ୍ରଭାବିତ ହେଉଥିଲା। ଏବେ ସେହି ମଡେଲ ବାସ୍ତବରେ କିଭଳି କାର୍ଯ୍ୟ କରେ ତାହା ଦେଶବାସୀ ଦେଖୁଛନ୍ତି।

# ବିନାଶର ଅବଗଣନା



ହରିଶଙ୍କର ମିଶ୍ର

ଓଡ଼ିଶାକୁ ଏକ ବିକଶିତ ରାଜ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କିନ୍ତୁ ବିକାଶର ସଂଜ୍ଞା ଯଦି ବାଚନିକ ବା ଦାପ୍ତରିକ କଳ୍ପିତ ତଥ୍ୟଭିତ୍ତିକ ହୁଏ ତେବେ ବାଡ଼ି ବାଇଗଣ ପୋଥି ବାଇଗଣ ମଧ୍ୟରେ ଥିବା ବୈଷମ୍ୟ ରାଜ୍ୟର ପ୍ରଗତି ବା ବିକାଶରେ ପରିଦୃଷ୍ଟ ହେବା ସ୍ୱାଭାବିକ। ଘରର ସ୍ଥାୟିତ୍ୱ ଦୀର୍ଘ ହେବା ପାଇଁ ମଜଭୁତ ମୂଳଦୁଆ ନିର୍ମାଣର ଆବଶ୍ୟକତା ପରି ସୁସ୍ଥ ଦୃଢ଼ ଓ ବିକଶିତ ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି। ଶିକ୍ଷାର ବିକାଶରେ ଶୈକ୍ଷିକ ପରିବେଶ ସହ ଦକ୍ଷ ଶିକ୍ଷକଙ୍କର ଭୂମିକା ଥାଏ। କିନ୍ତୁ ବିଧାନସଭାରେ ସରକାର ଆସର (ଆନୁଆଲ ଷ୍ଟାଟସ ଅଫ୍ ଏଜୁକେସନ ରିପୋର୍ଟ) ଅନୁଯାୟୀ ସ୍ୱୀକାର କରିଛନ୍ତି ଯେ ୨୦୧୪ ମସିହାରେ ଅଷ୍ଟମ ଶ୍ରେଣୀରେ ୬୩.୪ ଶତାଂଶ ଛାତ୍ରୀଛାତ୍ରଙ୍କୁ ଫେଡାଣ ଆସୁ ନ ଥିଲା ବେଳେ ୩୭.୯ ଶତାଂଶ ଛାତ୍ରୀଛାତ୍ର ହରଣ ଜାଣି ନ ଥିଲେ। ଏବେ ତାହା ଯଥାକ୍ରମେ ୬୯.୫ ଓ ୪୮.୮ ଶତାଂଶ ହୋଇଯାଇଛି। ସେହି ରିପୋର୍ଟ ଅନୁଯାୟୀ ମାତ୍ର ୬ ଓ ୧୧ ଶତାଂଶ ଛାତ୍ରୀଛାତ୍ର ଯଥାକ୍ରମେ ଫେଡାଣ ଓ ହରଣ ସମାଧାନ କରିପାରୁଛନ୍ତି। ଏହି ଅବକ୍ଷୟମୁଖୀ ପରିସଂଖ୍ୟାନ ଦୁଇଟି ସାଂଘାତିକ ସତ୍ୟ ସ୍ପଷ୍ଟ କରୁଛି। ୨୦୧୪ରୁ କ୍ରମାଗତ ଭାବରେ ୯୦ ଶତାଂଶରୁ ଅଧିକ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ୨୦୧୪ ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ସ୍ନାତକ ବା ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ତନ୍ମଧ୍ୟରୁ କେତେଜଣ ମଧ୍ୟ ନିକଟ ଅତୀତରେ ନିଯୁକ୍ତି ପାଇଥିବା ପଚିଶ ହଜାରରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ ସରକାରୀ ପଦବୀରେ ନିଶ୍ଚିତ ନିଯୁକ୍ତି ପାଇଥିବେ। ସେମାନଙ୍କ ଦ୍ୱାରା ଶିକ୍ଷା ବିଭାଗ ଓ ସରକାରୀ ସେବା କେତେ ସୁଦୃଢ଼ ହେଉଛି ବା ହେବ ତାହା ବେଶ୍ ଅନୁମେୟ। ଛାତ୍ରୀଛାତ୍ରମାନଙ୍କ ପାଇଁ ଖାଦ୍ୟ ପୋଷାକ ପୁସ୍ତକ ଆଦିର ମାଗଣା ଯୋଜନା ସତ୍ତ୍ୱେ ଶିକ୍ଷା ବିଭାଗ ନିଜ ଲକ୍ଷ୍ୟ ପୂରଣରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛି। ୨୦୧୪ରୁ ଏଯାବତ୍ ବିଦ୍ୟାଳୟ ଗୃହ ଓ ଶ୍ରେଣୀକକ୍ଷ ନବକଳେବରରେ ଅନେକ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ସ୍ମାର୍ଟ ସ୍କୁଲର ଡିଣ୍ଡିମ ବାଜିଛି। କିନ୍ତୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ଅନେକଙ୍କର ନିଶ୍ଚିତ ଦକ୍ଷତା ଅଭାବରୁ ସଫଳତା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଏବଂ ଦେୟମୁକ୍ତ ଦୂରଭାଷ ସଂଖ୍ୟା ଜାରି ମଧ୍ୟ ଏହି ଅସଫଳତା ପାଇଁ କେତେକାଂଶରେ ଦାୟୀ। ଏବେବି ୧୨୪୮୪ ପ୍ରଧାନ ଶିକ୍ଷକ ପଦବୀ ସହ ୧୬୦୦୦ରୁ ଅଧିକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପଦବୀ ଖାଲିପଡ଼ିଛି। ପ୍ରତ୍ୟେକ ମାଧ୍ୟମିକ ଓ ନୋଡାଲ ସ୍କୁଲରେ ହଜାର ସଂଖ୍ୟକ କମ୍ପ୍ୟୁଟର ଥିଲେ ମଧ୍ୟ ଶିକ୍ଷକ



ଅଭାବରୁ ତାହା ଉପଯୋଗୀ ହୋଇ ନ ପାରି ନଷ୍ଟ ହେଉଛି। ଏହାର ସମାଧାନ ପରିବର୍ତ୍ତେ ମଧ୍ୟାହ୍ନ ଭୋଜନରେ ନବମ ଓ ଦଶମ ଶ୍ରେଣୀକୁ ସାମିଲ ପାଇଁ ସରକାର ଘୋଷଣା କରିଛନ୍ତି ଏବଂ ସମସ୍ତ ୬୬୯୪ ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି।

ମାଟ୍ରିକ ଓ ଯୁକ୍ତ୨ରେ ପାସ୍ ହାର ବୃଦ୍ଧି ଯୋଗୁ ପ୍ରତ୍ୟେକ ସରକାରୀ ଯୁକ୍ତ୨ ଓ ଯୁକ୍ତ ୩ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଇବା ସହ ଯୁକ୍ତ ୨ ଓ ଯୁକ୍ତ ୩କୁ ପୃଥକ କରାଯାଇଛି। ମାତ୍ର ତଦନୁଯାୟୀ ଅଧ୍ୟାପକ ନ ଥିବାରୁ ଉତ୍ତରଦାୟିତ୍ୱ ନ ଥିବା ଅତିଥି ଅଧ୍ୟାପକରେ ଶିକ୍ଷାଦାନ ଏବଂ ଯଥେଷ୍ଟ ବିଜ୍ଞାନାଗାର ନ ଥିବା ସତ୍ତ୍ୱେ ପରୀକ୍ଷାରେ ସଫଳତା ଧର୍ମକୁ ଆଖିଠାରର ତଥ୍ୟ ନିଶ୍ଚିତ ସରକାର ଜାଣିଛନ୍ତି। ୨୦୦୦ ପରେ ସରକାର ୨୨ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦେଇ ସେଠାରେ ସ୍ନାତକ, ସ୍ନାତକୋତ୍ତର ଓ ବୈଷୟିକ ପାଠ୍ୟକ୍ରମ ଚଳାଇଛନ୍ତି। ଆବଶ୍ୟକ ଅଧ୍ୟାପକ ନ ଥିବାବେଳେ ସେହି ମହାବିଦ୍ୟାଳୟର ୯୫ ଶତାଂଶରୁ ଅଧିକ ଛାତ୍ରୀଛାତ୍ର କିନ୍ତୁ ଉତ୍ତୀର୍ଣ୍ଣ ହୋଇ ଚାଲିଛନ୍ତି। ପୂର୍ବରୁ ସେହି ମହାବିଦ୍ୟାଳୟର ପରୀକ୍ଷା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା ବେଳେ ସର୍ବାଧିକ ୭୦ ଶତାଂଶ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରୁଥିଲେ।

୨୦୦୦ରେ ରାଜ୍ୟରେ ଥିବା ୬ଟି ବିଶ୍ୱବିଦ୍ୟାଳୟରୁ ୩ଟି ଶିକ୍ଷା ବିଶ୍ୱବିଦ୍ୟାଳୟ ଥିଲା। ଏବେ ତା'ର ସଂଖ୍ୟା ୧୭ ହୋଇଛି। ମାତ୍ର ସେଠାରେ ମଞ୍ଜୁରିପ୍ରାପ୍ତ ୨୦୦୩ ଅଧ୍ୟାପକ ପଦବୀରୁ ୧୩୦୭ ଅର୍ଥାତ୍ ୬୫ ଶତାଂଶ ଏଂ ମଞ୍ଜୁରିପ୍ରାପ୍ତ ୨୬୯୨ ଅଣଶିକ୍ଷକ ପଦବୀରୁ ୧୯୧୦ ଅର୍ଥାତ୍ ୭୧ ଶତାଂଶ ପଦବୀ ଖାଲିପଡ଼ିଛି। ଅବସ୍ଥା ଏପରି ହୋଇଛି ଯେ ଖଲ୍ଲିକୋଟ ଏକକ, ଧରଣୀଧର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ପଦବୀ ସହ ପାଞ୍ଚଟି କୁଳପତି ପଦବୀ ମଧ୍ୟ ଖାଲିପଡ଼ିଛି। ଏହାକୁ ମଧ୍ୟ ସରକାର ସ୍ୱୀକାର କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସ୍ଥା ମଧ୍ୟ ତତୋଧିକ। ଏତଦ୍‌ବ୍ୟତୀତ ୭ଟି ବୈଷୟିକ ବିଶ୍ୱବିଦ୍ୟାଳୟର ମଧ୍ୟ ସେହି ଅବସ୍ଥା। ତଥାପି ପରୀକ୍ଷାରେ ଉତ୍ତୀର୍ଣ୍ଣ ହାର ୯୦ ଶତାଂଶରୁ ଅଧିକ ହେଉଥିବାରୁ ସେମାନଙ୍କର ଦକ୍ଷତା କେବଳ ପ୍ରମାଣପତ୍ରରେ ସୀମିତ ରହୁଛି। ଫଳତଃ ରାଜ୍ୟରେ ଡିଗ୍ରୀଧାରୀ ମୂର୍ଖ ହିଁ ସୃଷ୍ଟି ହେଉଛନ୍ତି।

ରାଜ୍ୟରେ ୨୦୦୦ ମସିହାରେ ୩ଟି ଭେଷଜ ମହାବିଦ୍ୟାଳୟ ଥିଲା। ଏବେ ଏମ୍ସ ବ୍ୟତୀତ ୯ଟି ସରକାରୀ ଭେଷଜ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ତାଳଚେର ଓ ଫୁଲବାଣୀରେ ନୂତନ ଭେଷଜ ମହାବିଦ୍ୟାଳୟ ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ ବୋଲି ସରକାରୀ ସୂଚନା ରହିଛି। ଏତଦ୍‌ବ୍ୟତୀତ ୮୫୦ ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ ଥିବା ୫ଟି ବେସରକାରୀ ଭେଷଜ ମହାବିଦ୍ୟାଳୟ ମଧ୍ୟ କାର୍ଯ୍ୟକ୍ଷମ ଅଛି। କିନ୍ତୁ ସମସ୍ତ ନୂତନ ଭେଷଜ ମହାବିଦ୍ୟାଳୟ କେବଳ କୋଠା ନିର୍ମାଣରେ ସୀମିତ ରହିଛି। ଶିକ୍ଷାଦାନ ପାଇଁ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ହୋଇ ନ ଥିବାବେଳେ ନିଜସ୍ୱ ଚିକିତ୍ସାଳୟ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମହାବିଦ୍ୟାଳୟ ସହ ସଂଲଗ୍ନ କରାଯାଇଛି। କିନ୍ତୁ ରୋଗୀ ଚିକିତ୍ସାରେ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ଯନ୍ତ୍ରପାତି କିଣା ହୋଇଥିଲେ ବି ତାହା ଗୋଦାମରେ ପଡିରହିଛି। ତାକୁ ଜଗିବା ପାଇଁ ଏବଂ ଛାତ୍ରୀଛାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ନେବାପାଇଁ ପରିବହନଜନିତ ଅନେକ ଅର୍ଥ ବ୍ୟୟ ହୋଇଚାଲିଛି। ବେସରକାରୀ ଭେଷଜ ମହାବିଦ୍ୟାଳୟର ନିଜସ୍ୱ ଚିକିତ୍ସାଳୟ ଥିଲେ ମଧ୍ୟ ଆବଶ୍ୟକ ଅଧ୍ୟାପକ ଅଛନ୍ତି କି ନାହାନ୍ତି ତା'ର ତର୍ଜମା କରାଯାଉନାହିଁ। ଏହା ସତ୍ୟ ଯେ ସେମାନେ ଚିକିତ୍ସାଳୟ ମାଧ୍ୟମରେ ରାଜ୍ୟ ସରକାରଙ୍କଠାରୁ ଶହଶହ କୋଟି ଅର୍ଥ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ନେଉଥିବା ବେଳେ ଛାତ୍ରୀଛାତ୍ରଙ୍କଠାରୁ ଶତାଧିକ କୋଟି ଟଙ୍କା ନେଉଛନ୍ତି। କେବଳ କୋଠାବାଡ଼ି ନିର୍ମାଣ କରି ସରକାର ଭେଷଜ ମହାବିଦ୍ୟାଳୟ ଖୋଲିବା ପୂର୍ବରୁ ରାଜ୍ୟରେ ଶିକ୍ଷାଦାନ ପାଇଁ ଉପଯୁକ୍ତ ଅଧ୍ୟାପକ ଅଛନ୍ତି କି ନାହାନ୍ତି ଜାଣିବା ଦରକାର ଥିଲା। ଏଇ ବ୍ୟବସ୍ଥା ଲାଗିରହିଲେ ଏପରି ମହାବିଦ୍ୟାଳୟର ଡାକ୍ତରୀ ଡିଗ୍ରୀ ମୂଲ୍ୟହୀନ ଓ ଚିକିତ୍ସା ଅଭିଶାପ ହୋଇଯିବ।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା ହେଉଛି ନାଗରିକର ମୌଳିକ ଆବଶ୍ୟକତା। ତାହାକୁ ଅଣଦେଖା କଲେ ଫଳ ବିଷମୟ ହେବା ନିଶ୍ଚିତ। ତେଣୁ ପ୍ରଥମେ ଏହି ଦୁଇଟି ସମସ୍ୟାର ସମାଧାନ କରାଯାଉ। ଅଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ। ଯୁଦ୍ଧକାଳୀନ ଭିତ୍ତିରେ ଏବଂ ଆବଶ୍ୟକସ୍ଥଳେ ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ ରାଜ୍ୟ ବାହାରୁ ନିଯୁକ୍ତି କରାଯାଇ ଚିକିତ୍ସାଳୟକୁ କାର୍ଯ୍ୟକ୍ଷମ କରାଯାଉ। ନତୁବା ରାଜ୍ୟ ବିକାଶର ପାହାଚ ଅତିକ୍ରମ ପରିବର୍ତ୍ତେ ବିନାଶ ଅବଗଣନାର ସମ୍ମୁଖୀନ ହେବା ନିଶ୍ଚିତ।

୧୧୩– ଗୁଣ୍ଡିଚା ବିହାର, ପୁର
ମୋ: ୭୯୭୮୭୭୫୪୭୮

# ପ୍ରବାଦପୁରୁଷ ବିଜୁବାବୁ



ଚିତ୍ତରଞ୍ଜନ ପୃଷ୍ଟି

ବୀର ପ୍ରସବିନୀ ଉତ୍କଳମାଟି ଜନ୍ମ ଦେଇଛି ଅନେକ ବରପୁତ୍ରଙ୍କୁ। ସେହି ଯୋଗଜନ୍ମା ଯୋଗ୍ୟ ସୁତଙ୍କୁ ନେଇ ଉତ୍କଳମାଟି ଆଜି ଗର୍ବିତ। ଯେଉଁମାନଙ୍କର କୀର୍ତ୍ତି ଆଜି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ତନ୍ମଧ୍ୟରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଅନ୍ୟତମ। ୧୯୧୬ ମାର୍ଚ୍ଚ ୫ ତାରିଖରେ ପିତା ଲକ୍ଷ୍ମୀନାରାୟଣ ଓ ମାତା ଆଶାଲତାଙ୍କ କୋଳମଣ୍ଡନ କରିଥିଲେ ସେ। ବାଲ୍ୟ ଜୀବନରୁ ସେ ଥିଲେ ସ୍ୱାଧୀନ ଚେତା, ଅସୀମ ସାହସୀ ଓ ଦେଶପ୍ରେମୀ। ତେବେ ଆଧୁନିକ ଓଡ଼ିଶାର ସେ ଥିଲେ ବିଶ୍ୱକର୍ମା। ପ୍ରଗତିଶୀଳ ଓଡ଼ିଶାର ସେ ଥିଲେ ନିର୍ମାତା। ଲୋକପ୍ରିୟ ଜନନାୟକ, ସମାଜସେବକ, ଦୀନ ଦୁଃଖୀର ଆଶା ଓ ଭରସା ଥିଲେ ବିଜୁବାବୁ। ନାରୀ ସଶକ୍ତୀକରଣ, ଆଦିବାସୀଙ୍କ ପାଇଁ ନିରଳସ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ପରିଚୟ। ଅର୍ଥନୀତିରେ ଉନ୍ନତି ଆଣିବା ଥିଲା ତାଙ୍କ ଲକ୍ଷ୍ୟ। ଗର୍ବ, ଗରିମା ଓ ସ୍ୱାଭିମାନର ସ୍ୱାକ୍ଷର ଆଙ୍କିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ତାଙ୍କର ପ୍ରତିଟି ମୁହୂର୍ତ୍ତ ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ, ଦୂରଦ୍ରଷ୍ଟା, ସ୍ୱାଭିମାନୀ, ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏହି ସର୍ବମାନ୍ୟ ନେତା।

ଆଜି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଟଲ୍ ମ୍ୟାନ୍‌ଙ୍କ ସ୍ମୃତିକୁ ମନେପକାଉଛି ସାରା ଓଡ଼ିଶା। ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ ଓ ସ୍ୱାଭିମାନର ପ୍ରତୀକ, କଳିଙ୍ଗ ବୀର ଓ ପ୍ରବାଦପୁରୁଷ ଭାବରେ ଘରେ ଘରେ ପରିଚିତ ବିଜୁ ପଟ୍ଟନାୟକ। କେବଳ ଓଡ଼ିଶା ନୁହେଁ, ଭାରତର ରାଜନୀତିରେ ଯେଉଁ କେତେଜଣ ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚିପାରିଥିଲେ ସେମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ। ବାଲ୍ୟକାଳରୁ ଥିଲେ ସାହସୀ ଓ ସ୍ୱାଭିମାନୀ। କଟକ ମିଶନ ସ୍କୁଲ, ରେଭେନ୍‌ଶା କଲେଜରୁ ଆଇସିଏସ୍ ପରେ ପାଇଲଟ ଭାବେ ପ୍ରଶିକ୍ଷଣ ନେଇଥିଲେ। ନିଜକୁ ଜଣେ ଦକ୍ଷ ପାଇଲଟ ଭାବେ ପ୍ରତିଷ୍ଠା କରି କଳିଙ୍ଗ ବୀର ଭାବେ ଅଭିହିତ ହୋଇଥିଲେ। ଇଣ୍ଡୋନେସିଆ ମୁକ୍ତି ଆନ୍ଦୋଳନରେ ତତ୍‌ମାନଙ୍କ କବଳରୁ ସୁଲତାନ ସାଜହରିରଙ୍କୁ ମୁକ୍ତ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ସେଥିପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭୂମିପୁତ୍ର' ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀ ଧରି ସେ ଜଡ଼ିତ ଥିଲେ।

୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ

**ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ**



ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ପଞ୍ଚାୟତିରାଜ ବ୍ୟବସ୍ଥା, ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସାଙ୍ଗକୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା। ନିର୍ବାଚନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରାଯିବା ଫଳରେ ୨୭ ହଜାର ମହିଳା ନିର୍ବାଚିତ ହୋଇପାରିଥିଲେ। ଏପରି କି ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ। ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ପୁରୁଷ ଥିଲେ। ଉପାଧ୍ୟକ୍ଷ ପାଇଁ ମହିଳା ରହିବେ ବୋଲି ଆଇନ ପ୍ରଣୟନ କରାଗଲା। ମୋଟାମୋଟି ଭାବେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବେଶ୍ ସୁଦୃଢ଼ ହୋଇପାରିଥିଲା। ଖାଲି ସେତିକି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବାକୁ ବିଜୁବାବୁ ପ୍ରୟାସ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ନିରନ୍ତର ଉଦ୍ୟମ ରହିଥିଲା ବିଜୁବାବୁଙ୍କର। ବିଧାନସଭାରେ ଏସମ୍ପର୍କିତ ବିଲ୍ ପାସ୍ କରି ସେ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଏପରି କି ସାରା ଦେଶରେ ଏନେଇ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ।

ବିଜୁବାବୁ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଥିଲେ ଜଣେ ବିସ୍ମୟକର ରାଜନେତା ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର, ଡୁବୁରୀରୁ ପାରାଦୀପ ଏକ୍ସପ୍ରେସ ୱେ, ଚୌଦ୍ୱାରରେ ଓଟିଏମ୍ ଓ କଳିଙ୍ଗ ଟ୍ୟୁବ୍ସ କାରଖାନା, ଭୁବନେଶ୍ୱରରେ ସୈନିକ ସ୍କୁଲ ଆଦି ପ୍ରତିଷ୍ଠା କରିଥିଲେ। ପ୍ରଶାସନକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ୧୩ଟି ଜିଲାକୁ ୩୦ଟି ଜିଲାରେ ପରିଣତ କରିଥିଲେ। ସେ କେବଳ ଜଣେ ଦୁଃସାହସିକ, ଅଦମନୀୟ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ନ ଥିଲେ, ଥିଲେ ଜଣେ ଦରଦୀ ମଣିଷ। ସେ ଥିଲେ ଖାଣ୍ଟି ଓଡ଼ିଆ। ସେ ଦିନେ କହିଥିଲେ, 'ମୁଁ ଖାରବେଳଙ୍କ ବଂଶଧର। ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆଉ ମୋର ରାଜ୍ୟ କଳିଙ୍ଗ। ବୀର ପ୍ରସବିନୀ ଉତ୍କଳ ମାଟିର ବରପୁତ୍ର, ଜନପ୍ରତିନିଧି ଓ ଆଧୁନିକ ଓଡ଼ିଶାର ସୂକ୍ଷ୍ମ କାରିଗର ଥିଲେ ବିଜୁବାବୁ।

୧୭ ଏପ୍ରିଲ ୧୯୯୭ରେ ଏହି ମହାନ୍ ଜନନେତାଙ୍କର ମହାପ୍ରୟାଣ ଘଟିଥିଲା। ଉତ୍କଳ ମାତାର ଯୋଗ୍ୟତମ ସୁତ ନିର୍ଭୀକ ଜନନାୟକ ବିଜୁବାବୁ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ। ଉତ୍କଳଜନନୀ ତା'ର ବରପୁତ୍ରକୁ ହରାଇଲା। ବିଜୁବାବୁଙ୍କ ଅବଦାନ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ମଧ୍ୟ ଅତୁଳନୀୟ। ତାଙ୍କର ବୁଦ୍ଧି, ଦକ୍ଷତା ଓ ଦୂରଦୃଷ୍ଟି ବଳରେ ବିଜୟାନନ୍ଦ ପଟ୍ଟନାୟକରୁ ସେ ପାଲଟି ଯାଇଥିଲେ ଶତାବ୍ଦୀ ପୁରୁଷ। ତେବେ ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

ନିମାପଡା, ପୁରୀ
ମୋ: ୯୭୭୮୧୭୭୫୦୧

## ଏଇ ଭାରତରେ

କେରଳର ଆର୍. ବିଶ୍ୱନ ମହୁଚାଷ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଫାର୍ମରେ ୬,୦୦୦ ମହୁ ବାକ୍ସ ଅଛି ଓ ସେଥିରୁ ବର୍ଷକୁ ୯୦–୧୧୦ ଟନ୍ ମହୁ ସଂଗ୍ରହ ହେଉଛି। ବିଶ୍ୱନଙ୍କ ଜନ୍ମ ଥିରୁଭାନନ୍ତପୁରମ୍ ଜିଲା ନେୟାତିନ୍‌କାରା ଗାଁରେ। ଗାଁ ଲୋକ ଭାରି ଅନ୍ଧବିଶ୍ୱାସୀ। ସେ ପରିବାର ପାଇଁ ଅମଙ୍ଗଳ ବୋଲି କେତେଜଣ ଜ୍ୟୋତିଷ ତାଙ୍କ ମାତାପିତାଙ୍କୁ କହିବା ପରେ ବିଶ୍ୱନଙ୍କ ଜୀବନ ଅନ୍ଧକାର ହୋଇଯାଇଥିଲା। ତାଙ୍କୁ ପିଲାଙ୍କ ସହ ଖେଳିବାକୁ ଦିଆଯାଉ ନ ଥିଲା। ଏମିତି କି ତାଙ୍କ ପିତାଙ୍କ ବ୍ୟବସାୟରେ କ୍ଷତି ହେବାରୁ ପରିବାର ମାଳପୁରମ ଜିଲାର ନୀଳାମ୍ବୁରକୁ ଚାଲିଯାଇଥିଲେ। ହେଲେ ବିଶ୍ୱନଙ୍କୁ ରାସ୍ତାରେ ମାତ୍ର ୭ ବର୍ଷ ବୟସରେ ଛାଡ଼ି ଚାଲିଯାଇଥିଲେ। ବିଶ୍ୱନ ଦିନରେ ରାସ୍ତାକଡ଼ରେ ଓ ରାତିରେ ଫସଲ ଜଗିବା ଲାଗି ତିଆରି ହୋଇଥିବା ଟ୍ରି ହାଉସରେ ରହୁଥିଲେ। ଏପରି କି ତାଙ୍କୁ ଖାଦ୍ୟ ଚୋରି କରିବାକୁ ପଡ଼ିଥିଲା ଓ ଧରାପଡ଼ିବା ପରେ ଦୋକାନ ମାଲିକ ବିଶ୍ୱନଙ୍କୁ ଗାଈଚରା କାମରେ ଲଗାଇଥିଲେ। ଏହା ଥିଲା ୧୯୭୦ ଦଶକର ଘଟଣା। ଗାଈ ଜଗିବା ସମୟରେ ସେ ମହୁମାଛିଙ୍କୁ ଦେଖିବା ପରେ ଚାଷ କରିବାକୁ ମନ ବଳାଇଥିଲେ। ପରେ ସେ ଗାଈଜଗା କାମ ଛାଡ଼ି ପ୍ରଥମେ ବଜାରରୁ ଗୋଟିଏ ମହୁବାକ୍ସ କିଣି ମହୁମାଛି ପାଳନ କରିଥିଲେ। ସେ ସମୟରେ ତାଙ୍କ ବୟସ ଥିଲା ୧୩ବର୍ଷ।

## ୫୦ ବର୍ଷ ତଳର ଧରିତ୍ରୀ

**୫ ମାର୍ଚ୍ଚ ୧୯୭୬**

- ବିଦ୍ୟୁତ୍ କଣ୍ଡକ୍ଟର ଉତ୍ପାଦନ କରୁଥିବା କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ସିଧାସଳଖ ଆଲୁମିନିୟମ ଯୋଗାଇ ଦେବାଲାଗି କେନ୍ଦ୍ର ଯୋଗାଣ ଓ ସମବାୟ ବିଭାଗ ନିଷ୍ପତ୍ତି ନେଇଛନ୍ତି।
- କେନ୍ଦ୍ର ଶିଳ୍ପ ମନ୍ତ୍ରୀ କେ. ସି. ପନ୍ତ ଆନ୍ଧ୍ରପ୍ରଦେଶର ତଲସିଲେରୁ ଜଳ ବିଦ୍ୟୁତ୍ ଯୋଜନା ପ୍ରଥମ ବିଦ୍ୟୁତ୍ ଷ୍ଟେସନ ଚାଲୁ କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | | 2 | | 9 |
| 3 | 7 | | | | | | 1 | |
| | | | | 5 | 1 | | | |
| | | | | 8 | | 4 | | 6 |
| | | 8 | | 6 | 7 | | | 5 |
| 9 | 1 | | | | 4 | | | |
| | | | | | | | 5 | 3 |
| | | | 9 | 4 | | | | |
| | | | | | | 8 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 9 | 2 | 3 | 8 | 1 | 7 |
| 9 | 7 | 2 | 8 | 4 | 1 | 6 | 5 | 3 |
| 8 | 1 | 3 | 5 | 7 | 6 | 2 | 4 | 9 |
| 3 | 8 | 1 | 6 | 5 | 7 | 4 | 9 | 2 |
| 5 | 6 | 7 | 4 | 9 | 2 | 1 | 3 | 8 |
| 4 | 2 | 9 | 1 | 3 | 8 | 7 | 6 | 5 |
| 7 | 4 | 8 | 3 | 6 | 9 | 5 | 2 | 1 |
| 2 | 3 | 6 | 7 | 1 | 5 | 9 | 8 | 4 |
| 1 | 9 | 5 | 2 | 8 | 4 | 3 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାପ ଯୋଗୁ ଆତ୍ମହତ୍ୟା ବଢୁଛି

ମହାଶୟ,

ରାଜସ୍ଥାନର କୋଟା ସହରର କୋଚିଂ ସେଣ୍ଟରଗୁଡ଼ିକୁ ଅନେକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଆସୁଛନ୍ତି। ସେଠାରେ ସ୍ଥାନୀୟ ଲୋକମାନେ ମଧ୍ୟ ବାହାରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କୁ ସୁଲଭ ମୂଲ୍ୟରେ ରହିବା ପାଇଁ ଘର ଯୋଗାଇ ଦେଉଛନ୍ତି। ଏସବୁ ଭିତରେ ଏବେ ଦିନକୁ ଦିନ ସେହି କୋଚିଂ ସେଣ୍ଟର୍‌ଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ସେମାନେ ଚାପଗ୍ରସ୍ତ ହୋଇଯାଉଛନ୍ତି। ଏହାର ଆଉ ଗୋଟିଏ ମୁଖ୍ୟ କାରଣ ହେଉଛି, ଅଭିଭାବକମାନେ ନିଜ ସନ୍ତାନମାନଙ୍କଠାରୁ ଯଥେଷ୍ଟ ପରିମାଣରେ ଉଚ୍ଚ ଆଶା କରୁଛନ୍ତି। ଫଳ ସ୍ୱରୂପ ପିଲାମାନେ ମାନସିକ ସନ୍ତୁଳନ ହରାଇ ଏପରି ଅବସ୍ଥାରେ ପହଞ୍ଚି ଯାଉଛନ୍ତି। ପିଲାଙ୍କୁ ଅଭିଭାବକମାନେ କୋଟାକୁ ତାଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ପାଇଁ ଜୋରଜବରଦସ୍ତ ପଠାଉଛନ୍ତି। ସେଠାରେ ଯଦି ସେମାନେ ପାଠପଢ଼ାରେ ଅଧିକ ଚାପଗ୍ରସ୍ତ ହୋଇ ଜୀବନ ତ୍ୟାଗ କରୁଛନ୍ତି ତେବେ କୋଚିଂରେ କି ଲାଭ! ବର୍ତ୍ତମାନ କେନ୍ଦ୍ର ସରକାର ଏହା ଉପରେ ଅତ୍ୟନ୍ତ କଠୋର ପଦକ୍ଷେପ ନେବା ଉଚିତ। ଦରକାର ହେଲେ କୋଟାର କୋଚିଂ ସେଣ୍ଟରଗୁଡ଼ିକୁ ନିଷିଦ୍ଧ କରାଇବା ଆବଶ୍ୟକ। ଯଦି ଖୋଲି ରଖିବା ପାଇଁ ଅନୁମତି ଦିଆଯାଇଥାଏ, ତେବେ ସେଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ କରାଇବା ଦରକାର; ଯାହା ଫଳରେ ଆତ୍ମହତ୍ୟା ସଂଖ୍ୟା ହ୍ରାସ ପାଇବ।

–ପ୍ରଦୀପ୍ତ କୁମାର କର, ପ୍ଲଟ ନଂ.୨୫, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭ୍ରୁରୁ ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଗଞ୍ଜେଇ ଚାଲାଣ ମାମଲାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ କାଞ୍ଚନିବାଗ ଗ୍ରାମର ଚନ୍ଦନ ମାଝୀ (୨୫)। ତାଙ୍କଠାରୁ ୫.୧ କେଜି ଗଞ୍ଜେଇ ଜବତ କରାଯାଇଛି। ବରମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ପଛ ପାଖରେ ଥିବା ଓୟୁଏଟି ଫାର୍ମ ରାସ୍ତାରେ ସୋମବାର ପୋଲିସ ଟିମ୍ ଚଢ଼ାଉ କରି ଚନ୍ଦନଙ୍କଠାରୁ ଗଞ୍ଜେଇ ଜବତ କରିଥିଲା। ଚନ୍ଦନ ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରୁଥିଲେ। ବାଲେଶ୍ୱରରୁ ସେ ବସ୍‌ରେ ଗଞ୍ଜେଇ ଆଣି ଭୁବନେଶ୍ୱରର କେତେଜଣ ବେପାରୀଙ୍କୁ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

# ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା ଅଭିଯୋଗ

**ଆଳି, ୪।୩(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କୁଣ୍ଡିଲୋ ଗ୍ରାମରୁ ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା କରାଯାଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ହୋଇଛି। ଗ୍ରାମର ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ସମ୍ପତ୍ତି ନିମନ୍ତେ ତାଙ୍କ ପୁଅ ଓ ନାତି ମାରିଦେଇଥିବା ନେଇ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଥାନାରେ ମୃତା ବୈଦେହୀ ରାଉତ(୮୫)ଙ୍କ ବିବାହିତ ଝିଅ ସରସ୍ୱତୀ ବାରିକ ଅଭିଯୋଗ କରିଛନ୍ତି। ଏନେଇ ନଂ. ୧୧୦/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ଶୁକଦେବ ରାଉତ ଓ ବୈଦେହୀଙ୍କ ୩ ପୁଅ ଏବଂ ୨ ଝିଅ ଥିଲେ। ଶୁକଦେବଙ୍କ ପରଲୋକ ଘଟିଥିବାବେଳେ ବୈଦେହୀ ଶାରୀରିକ ଭାବେ ଅସୁସ୍ଥ ଥିଲେ। ସମସ୍ତ ପୁଅ ଓ ଝିଅ ବିବାହକରି ନିଜ ନିଜ ପରିବାରକୁ ନେଇ ଅଲଗା ରହୁଛନ୍ତି। ବଡ଼ପୁଅ ଗଣେଶ୍ୱର ବାପାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ପ୍ରମାଣପତ୍ରରେ ୨ ଭଉଣୀଙ୍କ ନାମକୁ କାଟି ୩ ଭାଇ ଓ ମା'ଙ୍କ ନାମ ରଖିଥିଲେ। ମା'ଙ୍କୁ ଭୟଭୀତ କରି ଗଣେଶ୍ୱର ତାଙ୍କୁ ଅକ୍ତିଆର କରି ରଖିଥିଲେ। ଏପରିକି ସେ ମା'ଙ୍କ ଅଂଶର କିଛି ସମ୍ପତ୍ତିକୁ ବିକ୍ରିକରି ଦେଇଥିଲେ।


ମୃତା ବୈଦେହୀ ରାଉତ।

ଏହା ଜଣାପଡ଼ିବା ପରେ ଅନ୍ୟ ଭାଇମାନେ ପୁନର୍ବାର ଠିକ୍ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରି କେସ୍ କରିଛନ୍ତି। ମା'ଙ୍କୁ ପାଖରେ ରଖି ବଡ଼ଭାଇ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ଅନେକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମା'ଙ୍କୁ ଠିକ୍ ଭାବେ ଖାଇବାକୁ ଦେଉ ନ ଥିଲେ। ଘର ଭିତରେ ପୂରାଇ ତାଲାମାରି ରଖୁଥିଲେ। ମା'ଙ୍କୁ ଅବହେଳା କରାଯାଉଥିବା ଖବର ପାଇବା ସରସ୍ୱତୀ ଓ ତାଙ୍କ ଭଉଣୀ ବାପଘରକୁ ଆସିଥିଲେ। ସେମାନେ ମା'ଙ୍କୁ ନେବାକୁ କହିବାରୁ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ସେମାନଙ୍କୁ ମନା କରିବା ସହ ଗାଳିଗୁଲଜ କରିଥିଲେ। ସୋମବାର ରାତିରେ ଗଣେଶ୍ୱର ଓ ପୁଅ ମାନସ ମା'ଙ୍କ ତଣ୍ଟି ଚିପି ମାରି ଦେବା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ବୋଲି ସରସ୍ୱତୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବୈଦେହୀଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସରସ୍ୱତୀ ତାଙ୍କ ବଡ଼ଭାଇ ଓ ପୁତୁରାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଗଣେଶ୍ୱର ଖଣ୍ଡନ କରିଛନ୍ତି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ମୃତଦେହକୁ ଜବତ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

# ଫେରାର ୨ ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

**ଏଟିଏମ୍ ତାଡ଼ି ଲୁଟ୍ ଘଟଣା**

**ଭୁବନେଶ୍ୱର,୪।୩(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରେ ଏଟିଏମ୍ ତାଡ଼ି ଟଙ୍କା ଲୁଟ ମାମଲାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଗାଜିଆବାଦ ଅଞ୍ଚଳର ଏ. ରୁସ୍ତମ୍ (୩୬) ଓ ପଶ୍ଚିମବଙ୍ଗ ଚବିଶପ୍ରଗଣା ଜିଲା ବାସନ୍ତୀ ଥାନା ଅଞ୍ଚଳର ରାଜୁ ଓରଫ ସେକ୍ ମିଜାନୁର ରେହେମାନ ମୁଲ୍ଲା (୪୫)। ଉଭୟଙ୍କଠାରୁ ୩୮ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏହି ଆନ୍ତଃରାଜ୍ୟ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୩ ଦିନ ତଳେ ପୋଲିସ ଟିମ୍ ଲିଙ୍ଗରାଜ ଥାନା ଅଞ୍ଚଳର ଭିକି ଦେବୀପ୍ରସାଦ ମଲ୍ଲିଆ, ଆକାଶ ମହାପାତ୍ର, ଏୟାରଫିଲ୍ଡ ଥାନା ଅଞ୍ଚଳର ସାଗର ସାମଲ, ବୀରେନ ରାଉତ, ଜଟଣୀର


ଗିରଫ ଦୁଇ ଅଭିଯୁକ୍ତ

ରମାକାନ୍ତ ସାହୁ ଓରଫ କାହ୍ନା ଏବଂ ରାଉରକେଲାର ବୁବାଇ ଓରଫ ଆକାଶ ମୁଖାର୍ଜୀଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ତାରିଖ ଭୋର ସମୟରେ ଅଭିଯୁକ୍ତମାନେ ଏଟିଏମ୍ ତାଡ଼ି ୨୧ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନେ ଏହି କାଣ୍ଡ ଭିଆଇବାକୁ ମାସେ ପୂର୍ବରୁ ଯୋଜନା କରିଥିଲେ। ଚୋରି ଟଙ୍କାକୁ ସେମାନେ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ। ଏକ ହତ୍ୟା ମାମଲାରେ ଭିକି ଓ ସାଇବର ମାମଲାରେ ଆକାଶ ଗିରଫ ହୋଇ ଝାରପଡ଼ା ଜେଲ ଯାଇଥିଲେ। ଧଉଳି ଏଟିଏମ୍ ଲୁଟ ମାମଲାରେ ରାଜୁ ମଧ୍ୟ ଜେଲରେ ରହିଥିଲେ। ସେଠାରେ ପରସ୍ପର ପରିଚିତ ହୋଇ ଆଉ ଏକ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ରାଜୁ ୨୦୨୨ରେ ଜାମିନରେ ଜେଲରୁ ବାହାରିଥିଲେ। ପରେ ୨୦୨୪ ଡିସେମ୍ବରରେ ଭିକି ଜାମିନରେ ଆସିଥିଲେ। ଏହାପରେ ଅଭିଯୁକ୍ତମାନେ ଗ୍ୟାଙ୍ଗ ଗଢ଼ି ଲୁଟ୍ କରିଥିଲେ। ଏନେଇ ଏସ୍‌ବିଆଇ ଓଲ୍ଡଟାଉନ ବ୍ରାଞ୍ଚ ଚିଫ୍ ମ୍ୟାନେଜର ପ୍ରଦୀପ ରଞ୍ଜନ ମହାପାତ୍ରଙ୍କ ଏତଲା ଆଧାରରେ ଲିଙ୍ଗରାଜ ଥାନା ପକ୍ଷରୁ ଏକ ମାମଲା (ନଂ.୨୬/୨୦୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

## ବନ୍ଦ ଘରୁ ଦମ୍ପତିଙ୍କ ଗଳିତ ମୃତଦେହ ଜବତ

**ହତ୍ୟା ସନ୍ଦେହ କରୁଛନ୍ତି ପରିବାର**

**ରାଇଘର, ୪।୩(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୁନ୍ଦେଇ ଥାନା ଅଧୀନ ଆମାପାରା ଗ୍ରାମରେ ଏକ ବନ୍ଦ ଘରୁ ଦମ୍ପତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତକମାନେ ହେଲେ ଦୁର୍ଜନ ଗଣ୍ଡ (୪୦) ଓ ତାଙ୍କ ସ୍ତ୍ରୀ ବିଜବାଇ ଗଣ୍ଡ (୩୫)। ସେମାନଙ୍କୁ ହତ୍ୟା କରାଯାଇଥିବା ନେଇ ଦୁର୍ଜନଙ୍କ ମା' ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଦୁର୍ଜନଙ୍କ ମା' କିଛିଦିନ ହେବ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସୋମବାର ସେ ଘରକୁ ଫେରିଥିଲେ। ଘର କବାଟ ଭିତର ପଟୁ ବନ୍ଦ ଥିବାରୁ ସେ ଦୁର୍ଜନ ଓ ତାଙ୍କ ସ୍ତ୍ରୀଙ୍କୁ ଡାକିଥିଲେ। ହେଲେ କେହି ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲେ। ଏହାପରେ ଦୁର୍ଜନଙ୍କ ମା' ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସମସ୍ତେ ମିଶି ମୁଖ୍ୟ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଦୁର୍ଜନଙ୍କ ଶୋଇବା ରୁମ୍ କବାଟ ମଧ୍ୟ ଭିତରୁ ବନ୍ଦ ଥିବାରୁ ସମସ୍ତେ ମିଶି ତାକୁ ମଧ୍ୟ ଭାଙ୍ଗିଥିଲେ। ଘର ଭିତରେ ଦୁର୍ଜନ ଓ ତାଙ୍କ ସ୍ତ୍ରୀ ବିଜବାଇଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ କୁନ୍ଦେଇ ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। କେସ୍ ନଂ. ୫/୨୫ ଓ ୬/୨୫ରେ ଅପମୃତ୍ୟୁ ମାମଲା ରୁଜୁକରାଯାଇଥିବା କୁନ୍ଦେଇ ଭାରପ୍ରାପ୍ତ ଥାନାଧିକାରୀ କହିଛନ୍ତି। ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛି।

# ଅତ୍ୟାଚାର ସହି ପାରିଲିନି, ମାରିଦେଲି

**ସତ ମାନିଲେ ସ୍ତ୍ରୀ**

**କୁଚିଣ୍ଡା,୪।୩(ବିରଞ୍ଚି ଦର୍ଣ୍ଣା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଶିରିଡ ପଞ୍ଚାୟତ କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର କିଷାନ(୩୫)ଙ୍କୁ ତାଙ୍କ ସ୍ତ୍ରୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ତ୍ରୀ ଯଶୋଦା କିଷାନ(୩୦)ଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସ୍ୱାମୀ ନିଶାସେବନ କରି ତାଙ୍କୁ ମାରପିଟ କରିଆସୁଥିଲେ। ଏଭଳି ଅତ୍ୟାଚାର ଅସହ୍ୟ ହେବାରୁ ସ୍ୱାମୀଙ୍କୁ ହତ୍ୟା କରିଥିବା ପୋଲିସ ପଚରା ଉଚରାବେଳେ ଯଶୋଦା କହିଛନ୍ତି। ଏ ନେଇ କୁଚିଣ୍ଡା ଥାନାରେ ଦଫା ୧୦୩ ବିଏନଏସରେ ଏକ ମାମଲା (ନଂ.୬୩/୨୫) ରୁଜୁ ହୋଇଛି।

ମୃତ ଗଜେନ୍ଦ୍ର ନିକଟସ୍ଥ ଗୁଦୁରାପଡା ଗ୍ରାମର ଯଶୋଦାଙ୍କୁ ବିବାହ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେ ତାମିଲନାଡୁରେ ଶ୍ରମିକଭାବେ କାମ କରୁଥିଲେ। ତାଙ୍କର ଏକମାତ୍ର ୧୨ବର୍ଷର ଝିଅ ଗୁଦୁରାପଡା ମିଶନ ସ୍କୁଲର ହଷ୍ଟେଲରେ ରହି ପଢୁଥିବା ବେଳେ ଯଶୋଦା ଘରେ ଏକୁଟିଆ ରହୁଥିଲେ। ଗଜେନ୍ଦ୍ର ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ରବିବାର ତାମିଲନାଡୁରୁ ଘରକୁ ଆସିଥିଲେ। ନିଶାସେବନ କରି ଗଜେନ୍ଦ୍ର ଯଶୋଦାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେ ବାହାଘରରେ ଯୋଗଦେଇ ରାତିରେ ଘରକୁ ଫେରି ଶୋଇଥିଲେ। ମାଡ଼ ଭୟରେ ଯଶୋଦା ମଧ୍ୟ ଘରୁ ବାହାଘରକୁ ଚାଲିଯାଇଥିଲେ। ସ୍ୱାମୀ ଘରକୁ ଫେରିବାର କିଛି ସମୟ ପରେ ଯଶୋଦା ଆସିଥିଲେ। ଗଜେନ୍ଦ୍ର ପଲଙ୍କ ଉପରେ ଶୋଇଥିବା ବେଳେ ଯଶୋଦା ଏକ ଟାଙ୍ଗିଆରେ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ମାରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଘରପାଖ ବୁଦାମୂଳରେ ଟାଙ୍ଗିଆ ଲୁଚାଇ ସେ ଶୋଇଯାଇଥିଲେ। ସୋମବାର ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଜେନ୍ଦ୍ର ନ ଉଠିବାରୁ ତାଙ୍କ ବଡ଼ଭାଇ ରାଜେନ୍ଦ୍ର କିଷାନଙ୍କର ସନ୍ଦେହ ହୋଇଥିଲା। ଯଶୋଦାଙ୍କ କଥାବାର୍ତ୍ତାକୁ ସନ୍ଦେହ କରି ସେ ଘର ଭିତରକୁ ଯାଇ ଗଜେନ୍ଦ୍ରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଛଣାରେ ପଡିଥିବା ଦେଖିଥିଲେ। ତାଙ୍କଠାରୁ କୁଚିଣ୍ଡା ପୋଲିସକୁ ଖବର ମିଳିଥିବା କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଯୋଗାଣ ବିଭାଗର ୨ ଆକାଉଣ୍ଟାଣ୍ଟ

**ବିଲ୍ ପାସ୍ ପାଇଁ ନେଉଥିଲେ ୫୦ ହଜାର ଟଙ୍କା ଲାଞ୍ଚ**

**ଅନୁଗୋଳ,୪।୩ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଯୋଗାଣ କାର୍ଯ୍ୟାଳୟର ୨ ଜଣ ଜୁନିୟର ଆକାଉଣ୍ଟାଣ୍ଟ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ରାଇସ୍ ମିଲ୍ ବିଲ୍ ପାସ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଜୁନିୟର ଆକାଉଣ୍ଟାଣ୍ଟ ରାଜନାରାୟଣ ସାହୁ ଏବଂ ଜିତେନ ପଟ୍ଟନାୟକଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି। ସୂଚନା ଅନୁଯାୟୀ, କ୍ରିଷ୍ଣା ରାଇସ ମିଲ୍ ପରିଚାଳକ ବକେୟା ଥିବା ୬୦ ଲକ୍ଷ ଟଙ୍କାର ବିଲ୍ ପାସ୍ କରିଦେବାକୁ ୨ ଆକାଉଣ୍ଟାଣ୍ଟଙ୍କୁ ମାସେ ହେଲା ଅନୁରୋଧ କରି ଆସୁଥିଲେ। କିନ୍ତୁ ଅଭିଯୁକ୍ତ ୨ ଆକାଉଣ୍ଟାଣ୍ଟ ୫୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ବିଲ୍ ପାସ୍ ହେବନାହିଁ ବୋଲି କହିଥିଲେ। ଏ ନେଇ ରାଇସ୍ ମିଲ୍ ମ୍ୟାନେଜର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଯୋଜନା ଅନୁସାରେ ମଙ୍ଗଳବାର ୨ ଆକାଉଣ୍ଟାଣ୍ଟଙ୍କୁ ରାଇସ୍ ମିଲ୍ ମ୍ୟାନେଜର ୫୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ସମୟରେ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ କାବୁ କରିଥିଲେ।

# ପୂର୍ବତନ ଡାଟା ଅପରେଟରଙ୍କୁ ଜେରା

**ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲା**

**ଝାରସୁଗୁଡ଼ା,୪।୩ (ଆଶିଷ ରଞ୍ଜନ ଦାଶ)**

ନବ ଦାସଙ୍କ ସରବାହାଲସ୍ଥିତ ବାସ ଭବନରେ ରୋଷେୟା ଲଳିତ ସାହୁ ମୃତ୍ୟୁ ମାମଲାରେ ମଙ୍ଗଳବାର ଝାରସୁଗୁଡ଼ା ଟାଉନ ଥାନା ପୋଲିସ ପୁଣି ତଦନ୍ତ ଆରମ୍ଭ କରିଛି। ନବଙ୍କ ସରବାହାଲସ୍ଥିତ ଘର ତଥା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ତତ୍କାଳୀନ ଡାଟା ଅପରେଟର ବିକାଶ ମହାୱାରଙ୍କୁ ଟାଉନ ଥାନା ପୋଲିସ ପଚରାଉଚରା କରିଛି। ପୋଲିସ ପ୍ରଶ୍ନ ଉତ୍ତରରେ ବିକାଶ କହିଥିଲେ ଯେ, ସେ ପ୍ରଥମେ ସକାଳୁ ରୋଷେୟା ଲଳିତଙ୍କୁ ଫୋନ୍ କରିଥିଲେ। କିନ୍ତୁ ଲଳିତ ଫୋନ୍ ନ ଉଠାଇବାରୁ ସେ ତାଙ୍କ କ୍ୱାର୍ଟର୍ସକୁ ଯାଇ ଦେଖିବା ବେଳେ ଲଳିତଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏ ନେଇ ସେ ଅଫିସରେ ଜଣାଇଥିଲେ ବୋଲି କହିଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଏହା ପୂର୍ବରୁ ନବଙ୍କ ପାଳିତ କୁକୁର ସେବା କରିବା ପାଇଁ ନିୟୋଜିତ କର୍ମଚାରୀ ମୁନୁ ପ୍ରସାଦ ଓ ଗେଟ ରକ୍ଷକ ହେମ ସାଗରଙ୍କୁ ଜେରା କରାଯାଇଛି। ଏହି ଘଟଣାରେ ଜଡିତ ଥିବା ବିଭିନ୍ନ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ଥାନାରେ ହାଜର ପାଇଁ ନୋଟିସ ଦିଆଯାଇଛି। ବୟାନ ଦେଇଥିବା ହେମ ସାଗର ଏବଂ ମୁନୁ ଏବଂ ବିକାଶଙ୍କୁ ମଧ୍ୟ ବିଭିନ୍ନ ସମୟରେ ପଚାରାଉଚୁରା ପାଇଁ ଡାକିଲେ ଆସିବା ପାଇଁ କୁହାଯାଇଥିବା ବେଳେ ଏ ସମସ୍ତଙ୍କ ଉପରେ ନଜର ରଖାଯାଇଛି ବୋଲି ତଦନ୍ତ ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

## ବିଦ୍ୟାଳୟରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**କବିସୂର୍ଯ୍ୟନଗର, ୪।୩(କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଖରିଡା ଶ୍ରୀକାଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କେତେ ଜଣ ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଛନ୍ତି। ସେମାନେ ବିଦ୍ୟାଳୟର ଏନ୍‌ସିସି କକ୍ଷରେ ନିଆଁ ଲଗାଇ ଦେଇଥିଲେ । ଅଗ୍ନିକାଣ୍ଡ ଦେଖି ରାତ୍ରି ଜଗୁଆଳି ନିଆଁ ଲିଭାଇଥିଲେ ମଧ୍ୟ ବହୁ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଏକ ମାସ ମଧ୍ୟରେ ଏହି ବିଦ୍ୟାଳୟରୁ ବାରମ୍ବାର ଚୋରି ହୋଇଛି। ଦୁର୍ବୃତ୍ତମାନେ ପୂର୍ବରୁ ୫ଟି ଶ୍ରେଣୀ ଗୃହରେ ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟପାଟ କରି ବ୍ଲାକ ବୋର୍ଡରେ ଆମେ ଲୋକାଲ ଗ୍ୟାଙ୍ଗ ବୋଲି ଲେଖି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଏବେ ବିଦ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ଏହାକୁ ନେଇ



ପୋଲିସର ମୁଣ୍ଡବ୍ୟଥା ବଢ଼ିଯାଇଛି। ନିଆଁ ଲଗାଇବାର ଗୋଟିଏ ଦିନ ପୂର୍ବରୁ ଦୁର୍ବୃତ୍ତମାନେ ବିଦ୍ୟାଳୟ କାର୍ଯ୍ୟାଳୟରେ ପଶି ୫ଟି କମ୍ପ୍ୟୁଟର ଚୋରି କରି ନେଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କହିଛନ୍ତି। ଲଗାତର ବିଦ୍ୟାଳୟରୁ ଚୋରି ହେବା ନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ବିଦ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

## ୫ ବର୍ଷର ଶିଶୁକୁ ନବମ ଶ୍ରେଣୀ ଛାତ୍ରଙ୍କ ଅସଦାଚରଣ

**ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା**

**ପାଟକୁରା, ୪।୩(ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ କୁଦାନଗରୀ ଥାନା ଅଧୀନ ଏକ ଗ୍ରାମରେ ଜନୈକା ୫ ବର୍ଷର ଶିଶୁକୁ ପାଖ ଗ୍ରାମର ଜଣେ ନବମଶ୍ରେଣୀ ଛାତ୍ର ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୯/୨୫ରେ ମାମଲା ରୁଜୁକରି ସମ୍ପୃକ୍ତ ନାବାଳକଙ୍କୁ ଧରି ମଙ୍ଗଳବାର କେନ୍ଦ୍ରାପଡ଼ା ଜୁଭେନାଇଲ କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ଅନୁଗୋଳ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୋମବାର ଅପରାହ୍ନ ୨ଟାରେ ଶିଶୁକନ୍ୟାକୁ ପ୍ରଲୋଭିତ କରି ଛାତ୍ର ଜଣକ ଚିତ୍ରୋତ୍ପଳା ନଦୀକୂଳ ଆମ୍ବତୋଟାକୁ ଡାକିନେଇ ଯାଇଥିଲା। ସେଠାରେ ଶିଶୁକନ୍ୟାକୁ ଛାତ୍ର ଜଣକ ଅସଦାଚରଣ କରୁଥିବାବେଳେ କେତେଜଣ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଏ ସମ୍ବନ୍ଧରେ ଶିଶୁକନ୍ୟାଙ୍କ ପରିବାର ସମ୍ପୃକ୍ତ ଛାତ୍ରଙ୍କ ଘରକୁ ଯାଇ ତାଙ୍କ ମା'ବାପାଙ୍କୁ ପଚାରିଥିଲେ। ଏହି ସମୟରେ ଛାତ୍ର ଜଣକ ପାଲଟା ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଶିଶୁକନ୍ୟାଙ୍କ ମା'ଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁକରି ଉଭୟ ଶିଶୁକନ୍ୟା ଓ ଅଭିଯୁକ୍ତ ଛାତ୍ରଙ୍କୁ ମେଡିକାଲ ଟେଷ୍ଟ କରାଇଥିଲା। ଅଭିଯୁକ୍ତ ଛାତ୍ରଙ୍କ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ ସେ ପଢୁଥିବା ହାଇସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଥିଲା।

# ସମ୍ବଲପୁରରେ ଏନ୍‌କାଉଣ୍ଟର


ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଉଛନ୍ତି। ପାର୍ଶ୍ୱରେ ଅଭିଯୁକ୍ତଙ୍କ ନିକଟରୁ ଜବତ ଟଙ୍କା ଓ ବନ୍ଧୁକ।

- ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର
- ଅଭିଯୁକ୍ତଙ୍କ ବିରୋଧରେ ରହିଛି ୨୫ ମାମଲା


ଘଟଣାସ୍ଥଳରୁ ଜବତ ଅପରାଧୀଙ୍କ ପିସ୍ତଲ।

**ସମ୍ବଲପୁର, ୪।୩(ପ୍ରମୋଦ ବହିଦାର):** ସମ୍ବଲପୁର ସହରରେ ମଙ୍ଗଳବାର ସକାଳେ ଏନ୍‌କାଉଣ୍ଟର ହୋଇଛି। ପୋଲିସ ସହିତ ଗୁଳି ବିନିମୟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ବରଗଡ଼ ଟାଉନ ଥାନା ଗୋଲପଡ଼ାର ମହେଶ କୁମାର ଶର୍ମା ଓରଫ ଗୁଡୁ(୩୫)ଗୁରୁତର ହୋଇଛନ୍ତି। ତାଙ୍କୁ ଭିମ୍‌ସାରରେ ଭର୍ତ୍ତିକରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଗୋଟିଏ ବାଇକ୍ ଓ ୪୦ ହଜାର ଟଙ୍କା ଜବତ ହୋଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ସୋମବାର ଅପରାହ୍ନରେ ସମ୍ବଲପୁରରେ ରହି ଔଷଧ ଅଭିକର୍ତ୍ତାଭାବେ କାର୍ଯ୍ୟରତ ସୁବର୍ଣ୍ଣପୁର ଜିଲା ସବୁଲୟା ଥାନା ଆନନ୍ଦପୁରର ଅକ୍ଷୟ କୁମ୍ଭାରଙ୍କଠାରୁ ଅଇଁଠାପାଲି ନିକଟରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୪୫ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୬୪/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାରେ ଅଭିଯୁକ୍ତ ମହେଶ ଶର୍ମାଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ସୂଚନା ପାଇଥିଲା। ତାଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ମଙ୍ଗଳବାର ଭୋରରୁ ଅଇଁଠାପାଲି ଜମାଦାରପାଲି ବିମାନ ଅବତରଣ କେନ୍ଦ୍ର ରାସ୍ତାରେ ମହେଶ ଏକ ବାଇକ୍‌ରେ ବୁଲାବୁଲି କରୁଥିବା ବେଳେ ପ୍ରାତଃ ଭ୍ରମଣରେ ବାହାରିଥିବା ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ କରିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ମହେଶ ନିଜ ବାଇକ୍‌ରେ ଫେରାରହେବାକୁ ଉଦ୍ୟମ କରିବାରୁ ପୋଲିସ ତାଙ୍କୁ ପିଛା କରିଥିଲେ। ଏହା ଦେଖି ମହେଶ ତାଙ୍କ ପିସ୍ତଲରୁ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଏହି ରାସ୍ତାର ନିଲଡୁଙ୍ଗୁରି ମନ୍ଦିର ନିକଟରେ ସକାଳ ପ୍ରାୟ ୫ଟା୪୫ରେ ଉଭୟ ପକ୍ଷରୁ ଗୁଳିବିନିମୟରେ ମହେଶଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା। ସେ ଗୁରୁତର ଆହତ ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁକରି ପ୍ରଥମେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭିମ୍‌ସାରରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ସେ ବିପଦମୁକ୍ତଅଛନ୍ତି। ସମ୍ବଲପୁରରେ ଏହି ଟଙ୍କା ଲୁଟ୍ ମାମଲାକୁ ମିଶାଇ ମହେଶଙ୍କ ନାମରେ ସମ୍ବଲପୁର ସହିତ ବରଗଡ଼, ବଲାଙ୍ଗୀର ଆଦି ଜିଲାର ବିଭିନ୍ନ ଥାନାରେ ପ୍ରାୟ ୨୫ଟି ଅପରାଧିକ ମାମଲା ରହିଛି। ରେଢ଼ାଖୋଲ ଥାନାରେ ସର୍ବାଧିକ ୧୧ଟି, ବୁର୍ଲା ଓ ବରଗଡ଼ ଥାନାରେ ୩ଟି ଲେଖାଏ, ଜମନକେରା ଥାନାରେ ୨ଟି, ଭେଡ଼େନ, ବରପାଲି, ଟିଟିଲାଗଡ଼, ହୀରାକୁଦ, ବରେଇପାଲି ଓ ଅଇଁଠାପଲି ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ତେବେ ଅଭିଯୁକ୍ତ କେଉଁ ଉଦ୍ଦେଶ୍ୟରେ ଓ କେବେ ସମ୍ବଲପୁର ଆସିଥିଲେ ଏବଂ ଏଠାରେ କାହା ସହ ତାଙ୍କ ଲିଙ୍କ୍ ରହିଛି ତାହାର ତଦନ୍ତ ଚାଲିଛି ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧); ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୨୮; ଦ.ପୂ. ରେଳପଥର ଏଡିଇଇ/ଟିଆରଡି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆରଡି କାର୍ଯ୍ୟ; ₹୪୯,୦୦,୦୭୦.୦୦; ₹୯୮,୦୦୦.୦୦; (୨); ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୨୭; ଦ.ପୂ. ରେଳପଥର ଏଡିଇଇ/ଟିଆରଡି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆରଡି କାର୍ଯ୍ୟ; ₹୪୭,୬୯,୪୮୫.୦୦; ₹୯୫,୪୦୦.୦୦; **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ); **ଖୋଲାଯିବା ତାରିଖ:** ତା୨୭।୦୩।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ); **ସମାପ୍ତି ଅବଧି:** ୨୪ ମାସ (କ୍ର.ସଂ. ୧ ଓ ୨ ପାଇଁ); **ଦାଖଲର ତାରିଖ:** ତା୨୭।୦୩।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ) । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1201)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/113, ତା.28.02.2025ରିଖ
ଟେଣ୍ଡର ସଂ. etenderhqkur-331-2024 ତା.20.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର/P.WAY/ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ଖୋର୍ଦ୍ଧା ରୋଡ଼ ୟାର୍ଡ ଏବଂ ପ୍ରବେଶ ମାର୍ଗରେ ଟ୍ରାକ୍, ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଡିପ୍ ସ୍କ୍ରିନିଙ୍ଗ୍ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟସମୂହ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 263.63 ଲକ୍ଷ, **EMD :** ₹ 2,81,800/-, **ଶେଷ ହେବା ଅବଧି :** 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.03.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼
PR-1039/P/24-25

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, KHARUNG WATER RESOURCES DIVISION, BILASPUR, DISTT.: BILASPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**

NIT No.: 24, 25 & 26/SAC/2024-25 Dated: 28.02.2025
Online tenders are invited for the following works

| NIT No. | Tender System No. | Name of Work | Probable Amount |
|---|---|---|---|
| 24/SAC/24-25 Dt.28.02.25 | 164752 (Second Call) | Construction of Scape at RD 2310 M., RD 3960 M., RD 5730 M. & RD 8340 M. and Silt Clearance form RD 2400 M. to 12000 M. of Main Canal of Bharari Diversion Scheme | 101.05 Lakhs |
| 25/SAC/24-25 Dt.28.02.25 | 164755 First Call | Renovation work of Baniyadih Tank with repair of Bund, Construction of Spill Channel, Shut Fall, Canal Repair and Lining work under Block Masturi, Distt.: Bilaspur | 224.37 Lakhs |
| 26/SAC/24-25 Dt.28.02.25 | 164758 First Call | Improvement work of Panbhariya Tank at Village: Seepat Block Masturi, Distt.: Bilaspur | 267.01 Lakhs |

**(Portable Amount of Contract based on SOR 22.08.2022)**
The details can be viewed and downloaded online directly from the Government of Chhattisgarh integrated e-Procurement Portal **(https://eproc.cgstate.gov.in) from Date:07.03.2025 at 17.31 hours (IST) onwards**.
**NOTE:** 1. All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.
G-242505677/2
Sd./- Executive Engineer
Kharung W.R. Division, Bilaspur (C.G.)

**Directorate of Tourism**
**Govt. of Jharkhand**
**Department of Tourism, Art Culture, Sports and Youth Affairs (Tourism Division)**
**MDI Building, 2nd Floor, Dhurwa, Ranchi-834004**
**Phone:(0651)2400493, email:dirjharkhandtourism@gmail.com,**
**Web:https://tourism.jharkhand.gov.in**

RFP No:- 284 / Dated:-04/03/2025

**Short Notice Inviting Tender**
**for**
**Selection of an Agency for Design, Supply, Installation, Operation and Maintenance, Support for Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion (Call-3)**

The Directorate of Tourism (DoT), Govt. of Jharkhand intends to Selection of An Agency for Design, Supply, Installation, Operation And Maintenance, Support For Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion therefore, invites interested agencies to submit their Bids.

Interested agencies may download the document from **04.03.2025, 17:00 Hours** onwards from the Department of Tourism website:–www.tourism.jharkhand. gov.in/ and submit their Applications. The Bid Due Date is **20.03.2025 at 11:00 hours**. A Bid opening Conference will be held on **20.03.2025 at 11:30 hours** at the office of Directorate of Tourism, MDI Building, 2nd floor, HEC Campus, Dhurwa, Ranchi–04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.

Sd/- Director, Tourism
PR 347787 Tourism, Art Culture Sports And Youth Affairs (24-25).D

**छत्तीशगढ़ शासन, जल संसाधन विभाग**
**कार्यालय कार्यपालन अभियंता, जल प्रबंध संभाग क्र. 02 बलौदाबाजार (छ.ग.)**
**ई-प्रोक्यूरमेंट निविदा सूचना**
**Main Portal: http://cgeprocurement.gov.in**
**WRD Portal: http://wrd.cgeprocurement.gov.in**
**निरस्तीकरण सूचना**

इस कार्यालय द्वारा आमंत्रित सिस्टम क्रमांक 162740 (प्रथम आमंत्रण) निविदा सूचना क्रमांक 07/व.ले.लि./ई-प्रोक्युरमेंट/2024-25 दिनांक 13.12.2024, जिसका जी नंबर 242504594/2 दिनांक 17.12.2024 में जी शेड्यूल में आवश्यक सुधार होने के कारण निविदा निरस्त की जाती है।

स्वा./- कार्यपालन अभियंता
जल प्रबंध संभाग क्र 02, बलौदाबाजार
कृते मुख्य अभियंता महानदी परियोजना
जल संसाधन विभाग, रायपुर, छ.ग.
G-242505645/4

**कार्यपालक अभियंता का कार्यालय,**
**लघु सिंचाई प्रमंडल, गोड्डा।**
**शुद्धि–पत्र**

एतद द्वारा सूचित किया जाता है कि इस कार्यालय द्वारा आमंत्रित **e-Tender Reference No.-DMFT/MID/GODDA/ F2-17 2nd Call/2024-25 Gr. No.-03** जिसका **PR No.-346140** में प्रकाशित, वेवसाइट में ई–निविदा प्रकाशन की तिथि–14.02.2025 के स्थान पर 08.03.2025, ई–निविदा प्राप्ति की तिथि एवं समय–25.02.2025 के स्थान 22.03.2025 अपराह्न 05:00 बजे तक एवं ई–निविदा खोलने की तिथि 27.02.2025 के स्थान पर 24.03.2025 को अपराह्न 05:00 बजे तक पढ़ा जाय। निविदा की अन्य शर्तें पूर्ववत रहेगी।

कार्यपालक अभियंता,
लघु सिंचाई प्रमंडल, गोड्डा।
PR 347792 Minor Irrigation(24-25)D

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଯାଜପୁରରୋଡ୍,୪।୩(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ରଗଡ଼ି ଅଞ୍ଚଳରେ ଚଢ଼ାଉ କରାଯାଇ ଏକ ବାଇକ ସହିତ ୭୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ବିଜୟ ମଲିକ। ଅବକାରୀ ଅଧୀକ୍ଷକ ଦିବ୍ୟକିଶୋର ଟାଣ୍ଡେଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସସ୍ମିତା ହୋତା ରଗଡ଼ି ଅଞ୍ଚଳରେ ଚଢ଼ାଉ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ କେନ୍ଦୁଝର ଜିଲାରୁ ବାଇକରେ ଦେଶୀମଦ ଆଣୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ କେସ୍ ନଂ.୨୭୮/୨୪-୨୫ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍ଆଇ ବିଭୂପ୍ରସାଦ ସାହୁ, ଏଏସ୍ଆଇ ରମେଶ ନାୟକ, କର୍ମଚାରୀ ବିକ୍ରମ ବେହେରା ଓ ଲିପ୍ସା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ

ସିଂହପୁର,୪।୩(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ବ୍ୟବସାୟୀ ମନୋରଞ୍ଜନ ବେଉରିଆ ପ୍ରମୁଖ ଯୋଗଦେଇ ୧୨୯ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଏସ୍ଏମ୍ସି କମିଟିର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

### ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଧର୍ମଶାଳା,୪।୩(ବଟକୃଷ୍ଣ ପରିଡା):

ଜେନାପୁର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ୧୫ ବର୍ଷର ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାଳିଆପାଣି ଥାନା ଅନ୍ତର୍ଗତ କଣ୍ଟାବିନ୍ଧି ଗ୍ରାମର ରଞ୍ଜନ ମହାରଣା। ସେ କିଛି ଦିନ ହେବ ଅଞ୍ଜିରା ପଞ୍ଚାୟତର ଗମ୍ଭାରିଆରେ ଘର କରି ରହୁଥିଲେ। ସୋମବାର ଜେନାପୁର ପୋଲିସ ଖବରପାଇ ଗମ୍ଭାରିଆ ଗାଁରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲା। ମଙ୍ଗଳବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି। ନାବାଳିକାଙ୍କୁ ସମ୍ପୃକ୍ତ ଯୁବକ ୧୫ଦିନ ପୂର୍ବରୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ଖଣି ଅଞ୍ଚଳରେ ଦେଶୀମଦ, ଗଞ୍ଜେଇ କାରବାର ବଢ଼ୁଛି

- ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ
- ନକଲି ମଦ ବି ବହୁ ଲୋକ ନାନା ରୋଗରେ ଆକ୍ରାନ୍ତ

କାଳିଆପାଣି,୪।୩(ଅସିତ ମହାନ୍ତ):

ଦିନକୁ ଦିନ କ୍ରୋମାଇଟ୍ ଖଣି ଅଞ୍ଚଳରେ ଦେଶୀମଦ ଓ ଗଞ୍ଜେଇ କାରବାର ବଢ଼ି ଚାଲିଛି। ଏଥିପାଇଁ ପ୍ରତିଦିନ ଛୋଟବଡ଼ କଳି ଝଗଡ଼ା ଲାଗୁଛି । ପରିବାରରେ ବି ଶାନ୍ତି ରହୁନାହିଁ। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବର୍ଷରେ ଥରେ ବି ଅବକାରୀ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଖଣି ଅଞ୍ଚଳକୁ ଆସୁଥିବା ଦେଖିବାକୁ ମିଳୁନାହିଁ । ଏହାର ସୁଯୋଗ ନେଇ ଚୋରା ବ୍ୟବସାୟୀମାନେ ବେଧଡ଼କ ଭାବେ ଏପରି ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି ।

ବିଶେଷ କରି ହଟିଂ ଓ ପଡ଼ାସାହିର ଛୋଟ, ବଡ଼ ଦୋକାନରେ ଏହି ନିଶାଦ୍ରବ୍ୟ ବିକ୍ରି ହେଉଛି । ଏଥିଯୋଗୁ ଖଣିଅଞ୍ଚଳର ଯୁବକମାନେ ନିଶାଗ୍ରସ୍ତ ହୋଇ ଅକାଳରେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । କ୍ରୋମ୍‌ନଗର ଅଞ୍ଚଳରେ ଲୋକମାନେ ଖଣିରେ ପରିଶ୍ରମ କରି ଥକ୍କା ମେଣ୍ଟେଇବାକୁ ରାତିରେ ମଦ ପିଇ ଶୋଇ ପଡୁଛନ୍ତି । ହେଲେ ଅଧିକାଂଶ ସମୟରେ ମଦ ସେମାନଙ୍କ ପାଇଁ କାଳ ସାଜୁଛି। ଖଣି ଅଞ୍ଚଳକୁ ଆସୁଥିବା ମଦ ନକଲି । ସେହି ମଦ ଶରୀର ଉପରେ କୁପ୍ରଭାବ ପକାଉଥିବାରୁ ଯୁବକମାନେ ଅକାଳରେ ବୃଦ୍ଧ ପରି ଦିଶୁଛନ୍ତି । ବିଭିନ୍ନ ରୋଗରେ ବି ସେମାନେ ଆକ୍ରାନ୍ତ ହେଉଛନ୍ତି। ଦେଶୀମଦ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ମହୁଲ ପୋଚ ତିଆରି କରିବା ସମୟରେ ୧ କିଲୋ ମହୁଲ ଫୁଲରେ ୫ କେଜି ଗୁଡ଼, କିଛି ଚେରିମୁଳି, ୟୁରିଆ ସାର ମିଶାଇ ଦେଶୀ ମହୁଲି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଏପରି ନକଲି ମହୁଲି ମଦ ପିଉଥିବା ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଖବର ମିଳିଛି । ଏପରିକି କେତେଜଣଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେହିପରି ମହ୍ଲାରସାହି ହଟିଂରେ ୧୫ ରୁ ୨୦ ସ୍ଥାନରେ ବେଧଡ଼କ ଭାବେ ମଦ ବିକ୍ରି ହେଉଛି। ଉପରୋକ୍ତ ଅଞ୍ଚଳର ଛୋଟ ବଡ଼ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିଲା। ଧୀରେ ଧୀରେ ସେହି କାରବାର ଗାଁକୁ ଗ୍ରାସ କରିବାରେ ଲାଗିଛି । ଅବାଧରେ ଗଞ୍ଜେଇ ଯୋଗାଣ ଚାଲିଥିବାରୁ ଲଗାମ ଦେବାକୁ ପ୍ରଶାସନ ପ୍ରୟାସ କରୁନି । ଏହାଦ୍ୱାରା ପ୍ରଶାସନ ଉପରେ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି ।

ଅନ୍ୟପକ୍ଷେ ଦେଶୀ ମହୁଲି ମଦ କଂସ ପଞ୍ଚାୟତର ଟିକରପଡ଼ା ପାହାଡ଼ ତଳ ଝରଣା କୂଳରେ ପ୍ରସ୍ତୁତ କରାଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି । ସେହି ପଞ୍ଚାୟତର କୋଳିପଶି ହଟିଂରେ ଏକ ବେଆଇନ ମଦ ଦୋକାନ ଚାଲିଛି । ସେହିପରି ସୀମାନ୍ତ ଢ଼େଙ୍କାନାଳ ଜିଲାର ବିଭିନ୍ନ ଗାଁରେ ଦେଶୀ ମଦ ପ୍ରସ୍ତୁତ ହେଉଛି। ବ୍ୟବସାୟୀମାନେ ସେହି ମଦକୁ ଖଣି ଅଞ୍ଚଳକୁ ଚୋରାରେ ଯୋଗାଣ କରୁଛନ୍ତି। ଖଣି ଅଞ୍ଚଳର ବିଭିନ୍ନ ଗାଁରେ ମହୁଲି ରନ୍ଧା ଯାଉଛି । ଖଣି ସଂଲଗ୍ନ ଢ଼େଙ୍କାନାଳ ଜିଲା ଭୁବନ ବ୍ଲକ ଓ କେନ୍ଦୁଝର ଜିଲାର କଙ୍କଡାହାଡ ବ୍ଲକର ବିଭିନ୍ନ ଗାଁରେ ମଦ ପ୍ରସ୍ତୁତ କରାଯାଇ ଖଣି ଅଞ୍ଚଳକୁ ଚାଲାଣ ହେଉଛି । ଏନେଇ ମତାମତ ପାଇଁ ସୁକିନ୍ଦା ଅବକାରୀ ବିଭାଗ ଅଧିକାରୀ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଗଡ଼ମଧୁପୁର ମା' ମଙ୍ଗଳାଙ୍କ ଯଜ୍ଞ ଉତ୍ସବ



ଚଢ଼େଇଧରା,୪।୩ (ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ସ୍ଥିତ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଗ୍ରାମ ପୋଖରୀରୁ କଳସରେ ଜଳ ଆଣି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ୫ ଦିନ ଧରି ଅନୁଷ୍ଠିତ ହେବ। ଯଜ୍ଞ ଅବସରରେ ମା'ମଙ୍ଗଳାଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେକ ଦିନ ଭଜନକୀର୍ତ୍ତନ ସହ ପାଲା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

# ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଜୋର ଧରିଲା



ବ୍ରାହ୍ମଣୀ ବଞ୍ଚାଅ ଅଭିଯାନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ।

ଧର୍ମଶାଳା,୪।୩(ବଟକୃଷ୍ଣ ପରିଡ଼ା):

ଓଡ଼ିଶାର ୨ୟ ବୃହତମ ଚିରସ୍ରୋତା ବ୍ରାହ୍ମଣୀ ଦୀର୍ଘ ବର୍ଷ ହେବ ମୃତ ନଦୀରେ ପରିଣତ ହୋଇଛି। ଏହି ନଦୀକୁ ଚିରସ୍ରୋତା କରିବା ପାଇଁ ୨୦୦୯ରେ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଧର୍ମଶାଳା ଓ ବରୀଠାରେ ଗଠନ କରାଯାଇ ଆନ୍ଦୋଳନ କରାଯାଇଥିଲା। ପୁନଶ୍ଚ ୧୬ ବର୍ଷ ପରେ ବ୍ରାହ୍ମଣୀ ବଞ୍ଚାଅ ନେଇ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ଉଦ୍ୟମକ୍ରମେ ଗୋକର୍ଣ୍ଣେଶ୍ୱର ଶୈବ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ନିଶା ନିବାରଣ ସଂଘର ଜିଲା ସଭାପତି ବିଶ୍ୱଜିତ୍ ମହାନ୍ତି, କୃଷକ ନେତା ବସନ୍ତ ପରିଡ଼ା, ଗୋକର୍ଣ୍ଣେଶ୍ୱର ବାଲିଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ରାୟ, ପୂର୍ବତନ ସମିତିସଭ୍ୟ ନକୁଳ ଜେନା, ବାବୁଲି ମଲିକ, ନବୀନ ପ୍ରଧାନ, ଯୁବନେତା ଦୀପକ ବଳ, ସଞ୍ଜୟ କୁମାର ରାଉତ, ଅମରେନ୍ଦ୍ର ସାମଲ, ସୁନିଲ ଦୋରା ପ୍ରମୁଖ ଯୋଗଦେଇ ଏବେଠାରୁ ମୃତ ବ୍ରାହ୍ମଣୀ ନଦୀ କିଭଳି ଚିରସ୍ରୋତା ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଇଂରେଜ୍ ସରକାର ସମୟରେ ଜେନାପୁରଠାରେ ହୋଇଥିବା ବ୍ୟାରେଜ୍ ବାଲି ଯୋଗୁ ପୋତି ହୋଇ ପଡ଼ିଲାଣି। ଏହି ବ୍ୟାରେଜ୍‌କୁ ପୁନରୁଦ୍ଧାର କରିବା ସହ ଯୋକଡ଼ିଆ ବ୍ୟାରେଜ୍‌କୁ ଉଚ୍ଚା କରିବା, କଳିଙ୍ଗନଗରଠାରେ ଗଢ଼ି ଉଠିଥିବା କମ୍ପାନୀଗୁଡ଼ିକୁ ଏହି ନଦୀରୁ ମାତ୍ରାଧିକ ପାଣି ନ ଦେବା ନେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଧର୍ମଶାଳାର କବାଟବନ୍ଧଠାରୁ ବରୀ ବ୍ଲକର ନଦୀକୂଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୈଠକ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ଆବାହକ ପଣ୍ଡା ସୂଚନା ଦେଇଥିଲେ।

### ହତ୍ୟା ଘଟଣାର ଅଭିଯୁକ୍ତ ଗିରଫ

ଯାଜପୁରରୋଡ୍,୪।୩(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଥାନା ଦାନଗଦି ଫାଣ୍ଡି ଅନ୍ତର୍ଗତ ମିଲିଟାରୀ ଛକ ନିକଟରେ ରବିବାର ରାତିରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୂଆଗାଁ ଗ୍ରାମର ସଞ୍ଜୟ ନାଥ(୩୫)। ଅଭିଯୁକ୍ତ ସଞ୍ଜୟଙ୍କ ଜଣେ ଆଦିବାସୀ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିଲା। ଫଳରେ ତାଙ୍କ ପରିବାର ଲୋକେ ତାଙ୍କୁ ଘରେ ପୁରାଉ ନ ଥିଲେ। ସଞ୍ଜୟ ମାନସିକ ଭାରସାମ୍ୟ ହରାଇ ମିଲିଟାରୀ ଛକ ନିକଟରେ ଭଡ଼ାଘରେ ରହୁଥିବା ଦଶରଥପୁର କାଟିଆ ଅଞ୍ଚଳର ବିଘ୍ନେଶ୍ୱର ଷଡ଼ଙ୍ଗୀ(୫୮)ଙ୍କ ପାଖରେ ରହୁଥିଲେ। ଘଟଣା ଦିନ କୌଣସି କାରଣରୁ ବିଘ୍ନେଶ୍ୱର ଓ ସଞ୍ଜୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବିଘ୍ନେଶ୍ୱର ସୋଇଥିବା ସମୟରେ ଅଭିଯୁକ୍ତ ଏକ ଛୁରିରେ ତାଙ୍କ ଗଳାକାଟି ହତ୍ୟା କରିଥିଲେ। ଏନେଇ ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ସୋମବାର ପୋଲିସରେ ଅଭିଯୋଗ କରିଥିଲେ। ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଅଭିଯୋଗ ପାଇ ସଞ୍ଜୟକୁ ଗିରଫ କରିଥିଲେ। ଏନେଇ ଥାନାରେ ନଂ.୧୧୫/୨୫ରେ ମାମଲା ରୁଜୁ ହୋଇଛି।

# ଭାଜପା ନେତାଙ୍କୁ ନିମନ୍ତ୍ରଣ ପତ୍ର ଦେବାରୁ ୩ଜଣଙ୍କୁ ଆକ୍ରମଣ

ସରପଞ୍ଚଙ୍କ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ



ଖୁଣ୍ଟୁରୀ,୪।୩(ସରୋଜ ନାୟକ):

ଭାଜପା କର୍ମୀଙ୍କୁ ନିମନ୍ତ୍ରଣ ପତ୍ର ଦେବାକୁ ନେଇ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ବିହାରୀ ପଞ୍ଚାୟତ ନାହାପଡ଼ା ଗ୍ରାମରେ ୩ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଦଶରଥପୁର ଥାନାରେ ସରପଞ୍ଚ ସ୍ୱାମୀଙ୍କ ନାଁରେ ଅଭିଯୋଗ ହୋଇଛି। ଗ୍ରାମର ତିଳୋତ୍ତମା ମଲ୍ଲିକଙ୍କ ଅଭିଯୋଗ, ଅନୁଯାୟୀ ତାଙ୍କ ସ୍ୱାମୀ କଳିଙ୍ଗ ମଲ୍ଲିକ ଓ ଦିଅର ନିହାର ମଲ୍ଲିକଙ୍କୁ ସେହି ଗ୍ରାମରେ ଅନୁଷ୍ଠିତ ଏକ କୀର୍ତ୍ତନ ନିମନ୍ତ୍ରଣକୁ ନେଇ ସଂଘବଦ୍ଧଭାବେ ସରପଞ୍ଚଙ୍କ ସ୍ୱାମୀଙ୍କ ନେତୃତ୍ୱରେ ଆକ୍ରମଣ କରାଯାଇଛି। ଗତ ଦୁଇଦିନ ତଳେ କଳିଙ୍ଗ ଓ ନିହାର ଗ୍ରାମ କମିଟିର ନିଷ୍ପତ୍ତି ଅନୁଯାୟୀ ଗ୍ରାମ କୀର୍ତ୍ତନକୁ କେତେଜଣ ଭାଜପା ନେତା ଓ କର୍ମୀଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ନିମନ୍ତ୍ରଣକୁ ନେଇ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଇନ୍ଦୁମତୀ ଦାସଙ୍କ ସ୍ୱାମୀ ସଞ୍ଜୟ ଦାସ ଉତ୍କ୍ଷିପ୍ତ ହୋଇ ନିମନ୍ତ୍ରଣ କରିଥିବା ନିହାରଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କୀର୍ତ୍ତନ ହେଉଥିବା ସ୍ଥାନରେ ବଚସା ହୋଇଥିଲା। ଏହି ବଚସା ପରେ ମଙ୍ଗଳବାର ନିହାର ଯାଜପୁରରୁ ଘରକୁ ଫେରୁଥିବାବେଳେ ସଞ୍ଜୟଙ୍କ ଭାଇ ରାଜେନ୍ଦ୍ର ଦାସ, ଭଣଜା ଦୀପୁନା ଦାସ କୌଣସି କାରଣ ନ ଥାଇ ନିହାରଙ୍କୁ ମିଳିତ ହୋଇ ଅଟକାଇ ମାଡ଼ ମାରିଥିଲେ। ନିହାରଙ୍କ ଭାଉଜ ଏହି ଘଟଣା ଦେଖିବା ପରେ ଆକ୍ରମଣକାରୀଙ୍କ କବଳରୁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଫଳରେ ଆକ୍ରମଣକାରୀ ତିଳୋତ୍ତମାଙ୍କୁ ମଧ୍ୟ ଘୋଷାରି ଘୋଷାରି ତଳେ ପକାଇ ଦେଇଥିଲେ। ପରେ ତାଙ୍କ ସ୍ୱାମୀ କଳିଙ୍ଗ ଆସି ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ଆକ୍ରମଣକାରୀ ତାଙ୍କୁ ଛାଡ଼ି ନ ଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଚଳାଇଛି।

# ୨୦ ନଂ. ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା

ପାଣିକୋଇଲି,୪।୩(ବିକାଶ ମଲ୍ଲିକ):




କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଧନପୁରଛକ ନିକଟରେ ସୋମବାର ରାତି ପ୍ରାୟ ୧ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ହାଇୱା ଚାଳକ ଗୁରୁତର ହୋଇଛନ୍ତି। ରାଜପଥର ଯାଜପୁରରୋଡ ପାଣିକୋଇଲି ମଝି ଧନପୁର ଛକ ନିକଟରେ ଏକ ଟ୍ରକ ରଖି ଚାଳକ ତଳକୁ ଯାଇଥିଲେ। ତାର ସମ୍ମୁଖରେ ଏକ ହାଇୱା ମଧ୍ୟ ଅଟକି ଥିଲା। ଏହି ସମୟରେ ଅନ୍ୟ ଏକ ହାଇୱା ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ଟ୍ରକ୍ ପଛରେ ପିଟି ହୋଇଥିଲା। ଫଳରେ ହାଇୱାର ଆଗ ଟ୍ରକ୍ ପଛରେ ଫସି ରହିଥିଲା। ଟ୍ରକ୍‌ଟି ଆଗରେ ଥିବା ହାଇୱା ପଛରେ ପିଟି ହୋଇଥିଲା। ସିରିଜ ଦୁର୍ଘଟଣା ପରେ ଆଗରେ ଥିବା ହାଇୱା ଫେରାର ହୋଇଯାଇଥିଲା। ଧକ୍କା ଦେଇଥିବା ହାଇୱା ଚାଳକ ଗାଡ଼ିରୁ ବାହାରି ପାରି ନ ଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଯାଜପୁରରୋଡ ଦମକଳ ବାହିନୀ ପହଞ୍ଚି ଗାଡ଼ିକୁ କଟରରେ କାଟି ଚାଳକଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା। ପୋଲିସ ଦୁର୍ଘଟଣା ଗ୍ରସ୍ତ ହାଇୱା ଓ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### କପିଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଦଶରଥପୁର,୪।୩ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଅଧୀନ ବୌଳାଙ୍ଗ ଗ୍ରାମର କପିଳେଶ୍ୱର ମହାଦେବଙ୍କ ପୀଠରେ ଷଷ୍ଠ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିଦିବସୀୟ ଯଜ୍ଞରେ ଉତ୍କଳ ପାତ୍ର ଓ ମାନସୀ ଦାସ କର୍ତ୍ତା ଦାୟିତ୍ୱ ସମ୍ପନ୍ନ କରିଥିଲେ। ମୁଖ୍ୟ ପୁରୋହିତ ଦ୍ୱାରିକା ତ୍ରିପାଠୀଙ୍କ ନେତୃତ୍ୱର ଅନୁଷ୍ଠିତ ଯଜ୍ଞରେ ମନ୍ଦିର ମୁଖ୍ୟ ପୂଜକ ସନ୍ତୋଷ ପତି, ଭାବଗ୍ରାହୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଲକ୍ଷ୍ମୀ ନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମବରଦା,୪।୩(ଯଯାତି କେଶରୀ ବେହେରା): ଯାଜପୁର ବ୍ଲକ୍ ଝାଲପଡ଼ା ପଞ୍ଚାୟତ ଅନ୍ତର୍ଗତ କାକୁଡିକୁଦ-ନିଳକଣ୍ଠପୁର ଗ୍ରାମରେ ପ୍ରଭୁ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପଣ୍ଡିତ ପ୍ରଭଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ଏହି ପୂଜାକାର୍ଯ୍ୟ କରାଯାଉଛି। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟକର୍ତ୍ତା ଅଜୟ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ମଧୁଶ୍ରୀ ସାହୁଙ୍କ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଶତାଧିକ କଳସଧାରୀ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ଶଙ୍ଖ, ଘଣ୍ଟ ଓ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ପୂଜା କର୍ମ ଆରମ୍ଭ ହୋଇଥିଲା। ଏହି ପ୍ରତିଷ୍ଠା ଦିବସ ୫ ଦିନ ଧରି ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଜେନାପୁର,୪।୩(ଅଶୋକ ଦାସ):

କିଡ୍‌ନୀ ଓ ମେରୁଦଣ୍ଡଜନିତ ରୋଗୀଙ୍କ ଦୁଃଖ



ସ୍ତ୍ରୀଙ୍କୁ ସହ ବିନୋଦ କୁମାର ପାଳ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଶ୍ୟାମସୁନ୍ଦର ଗ୍ରାମର ବିନୋଦ କୁମାର ପାଳ(୪୨) ଆଜିକୁ ୨ ବର୍ଷ ହେବ କିଡ୍‌ନୀ ଓ ମେରୁଦଣ୍ଡଜନିତ ରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି । ସରକାରୀ ଡାକ୍ତରଖାନାରୁ ଯେତିକି ଚିକିତ୍ସା ସେବା ପାଉଛନ୍ତି ସେଥିରେ ତାଙ୍କୁ ସନ୍ତୁଷ୍ଟ ହେବାକୁ ପଡୁଛି। କାରଣ ଉଚ୍ଚତର ଚିକିତ୍ସା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ । ସେଥିପାଇଁ ବିନୋଦ ଭାଗ୍ୟକୁ ଆଦରି ବଞ୍ଚିଛନ୍ତି। ସେ ଜଣେ ଗରିବ ଦିନମଜୁରିଆ ହୋଇଥିବାରୁ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ଘରେ ସ୍ତ୍ରୀ ଓ ୨ପିଲାଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ହେଲେ ୨ବର୍ଷ ତଳେ ସେ ଅସୁସ୍ଥ ହୋଇପଡିଥିଲେ । ଆବଶ୍ୟକ ଚିକିତ୍ସା ଓ ପରୀକ୍ଷା ପରେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ପ୍ରଥମେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ମେରୁଦଣ୍ଡଜନିତ ରୋଗରେ ପୀଡିତ ଅଛନ୍ତି। ଡାକ୍ତର କିଡ୍‌ନୀ ରୋଗ ପାଇଁ ପ୍ରତିମାସରେ ଡାକ୍ତରଖାନାକୁ ଆସି ପରୀକ୍ଷା କରିବା ସହ ଔଷଧ ନେବା ପାଇଁ ପରାମର୍ଶ ଦେଇଥିଲେ। ଚିକିତ୍ସା ପାଇଁ ତାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏପରି କି କଟକ ଯିବା ଆସିବା ଓ ରହିବା ଖର୍ଚ୍ଚ ବି ତାଙ୍କ ପାଖରେ ନ ଥିବାରୁ ଏକାଧିକ ଥର ସେ ନିର୍ଦ୍ଧାରିତ ତାରିଖରେ କଟକ ବଡ଼ ମେଡିକାଲକୁ ଯାଇପାରୁ ନାହାନ୍ତି। ପୁଣି ପରିବାର ଲୋକଙ୍କ ମୁହଁରେ ଆହାର ଦେବାକୁ ବି ଅର୍ଥ ନାହିଁ। ଏପରି ଚିନ୍ତାରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ବୋଲି ବିନୋଦ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ଜିଲା ପ୍ରଶାସନ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସାମାଜକ ସଙ୍ଗଠନ ତାଙ୍କୁ ସହଯୋଗ କରିବା ପାଇଁ ସେ ନିବେଦନ କରିଛନ୍ତି। ଦେବାଶିଷ ସାହୁ, କବିବର ସାହୁ, ପ୍ରେମାନନ୍ଦ ସାହୁ, ଚକ୍ରଧର ସାହୁ, ଅଶୋକ ଦାସ ପ୍ରମୁଖ ତାଙ୍କ ବନ୍ଧୁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ।

# ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରେ ପାଠଚକ୍ର

ଦଶରଥପୁର,୪।୩(ସୁଶାନ୍ତ କୁମାର ବେହୁରିଆ):




ପାଠଚକ୍ରରେ ଯୋଗଦେଇଥିବା ଅତିଥି।

ଦଶରଥପୁର ବ୍ଲକ ଅନ୍ତର୍ଗତ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ 'ବ୍ରିଜିଂ ଦି ସ୍କିଲ୍ ଗ୍ୟାପ୍ ଫର୍ ଷଷ୍ଟନେବଲ ବିଜ୍‌ନେସ୍'ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ଏହାକୁ ଉଦ୍‌ଘାଟନ କରିବା ସହିତ ପରିବର୍ତ୍ତିତ ବ୍ୟବସାୟର ଧାରା ଓ ଏହାର ସହନୀୟତା ନିମିତ୍ତ ଆବଶ୍ୟକ ଦକ୍ଷତା ବିକାଶ ଉପରେ ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ନଲେଜ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପୁଥାଳ ଏବଂ ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଟାଟା ଷ୍ଟିଲର ସିନିୟର ରେଜିଷ୍ଟ୍ରାର ପ୍ରଶାନ୍ତ ଦାସ ଯୋଗଦେଇ ଦକ୍ଷତା ବିକାଶ, ଏହାର ଅନ୍ତରର କାରଣ, ନିରାକରଣ ଏବଂ ଏଥିରେ ବ୍ୟବସାୟ, ସରକାର, ଶିକ୍ଷାନୁଷ୍ଠାନର ଭୂମିକା ଆଦି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟାବଣିଆ ଯାଜପୁରରେ ଅବସ୍ଥାପିତ ଆଇ-ବ୍ରେନ୍ ସଂସ୍ଥାର ସଂସ୍ଥାପକ ପ୍ରତାପ ଜେ. ଦାସ ଏବଂ ନିଯୁକ୍ତି ଭାରତର ସଂସ୍ଥାପକ ସରୋଜକାନ୍ତ ବେହେରା ଯୋଗଦେଇ ଦକ୍ଷତା ଓ ନିଯୁକ୍ତି ଉପରେ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ନିଯୁକ୍ତି ଭାରତ ନାମକ ଏକ ୱେବପୋର୍ଟାଲ ଉନ୍ମୋଚନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁଧାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ରର ସଂଯୋଜକ ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା ପାଠଚକ୍ରର ଉଦ୍ଦେଶ୍ୟ ଓ ଅଭିପ୍ରାୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭାଗର ଅନ୍ୟତମ ଅଧ୍ୟାପକ ଗଜେନ୍ଦ୍ର କୁମାର ଦାସ, ସୌମ୍ୟବ୍ରତ ନାୟକ, ରିୟାସତ ଖାନ ଉପସ୍ଥିତ ରହି ସହଯୋଗ କରିଥିଲେ। ଟାଟା ଷ୍ଟିଲ ତରଫରୁ ମହାବିଦ୍ୟାଳୟର ୨୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ନିମନ୍ତେ ସାକ୍ଷାତକାର ପରୀକ୍ଷା କରାଯାଇଥିଲା। ଅଧ୍ୟାପିକା ଧରିତ୍ରୀ ସାମନ୍ତରା ଧନ୍ୟବାଦ ଦେଇଥିଲେ।

**ଶିଶୁକନ୍ୟା ବଳାତ୍କାରୀ ଗିରଫ**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁଙ୍କୁ ସୋମବାର ଜଣେ ବ୍ୟକ୍ତି ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୧୧୪/୨୫ରେ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେ ହେଲେ ପ୍ରଭାକର ମଲ୍ଲିକ (୫୫)। ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଶିଶୁଟି ତାଙ୍କ ଘର ନିକଟରେ ଖେଳୁଥିଲେ। ପ୍ରଭାକର ତାଙ୍କୁ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ପରିବାର ସଦସ୍ୟ ଏ ସମ୍ପର୍କରେ ଅଭିଯୋଗ ପରେ ଭାରତୀୟ ନ୍ୟାୟ ସଂହିତା ଧାରା ୬୫ ଓ ପୋକ୍ସୋ ଆକ୍ଟର ସେକଶନ ୪ରେ ଗିରଫ କରାଯାଇଛି।



# ଭାରପ୍ରାପ୍ତ ଅଧିକାରୀରେ ଚାଲିଛି ବହୁ କାର୍ଯ୍ୟାଳୟ

- ଅସୁବିଧା ଭୋଗୁଛନ୍ତି ପଟ୍ଟାମୁଣ୍ଡାଇବାସୀ
- ସରକାରୀ କାର୍ଯ୍ୟାଳୟରେ ଅଧିକାରୀ, କର୍ମଚାରୀ ଅଭାବ

ପଟ୍ଟାମୁଣ୍ଡାଇ, ୪ା୩ (କଳ୍ପତରୁ ନାୟକ)


ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ପଟ୍ଟାମୁଣ୍ଡାଇ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ନ ଥିବାରୁ ଏବେ ଅତିରିକ୍ତ ଦାୟିତ୍ୱ ଭାରପ୍ରାପ୍ତରେ ଅନେକ କାର୍ଯ୍ୟାଳୟ ଚାଲିଛି। ପରିଣାମ ସ୍ୱରୂପ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜୁଥିବାବେଳେ ବିଭିନ୍ନ କାର୍ଯ୍ୟାଳୟର କାମ ଅଟକି ରହୁଛି। ସାଧାରଣ ଲୋକଟିଏ ଏସବୁ କାର୍ଯ୍ୟାଳୟରୁ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ ମଧ୍ୟରୁ ପୂର୍ତ୍ତ ବିଭାଗର ସହନିର୍ବାହୀ ଅଧିକାରୀ ପଦବୀ ସମେତ ଗ୍ରାମ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ସବ୍‌ଡିଭିଜନାଲ ମେଡିକାଲ ଅଫିସର, ଜଳ ସମ୍ପଦ ବିଭାଗ ଏସ୍‌ଡିଓ ଭଳି ବହୁ ସରକାରୀ କାର୍ଯ୍ୟାଳୟରେ ଏକାଧିକ କର୍ମଚାରୀ ପଦବୀ ଖାଲି ପଡ଼ିଛି। ବିଡିଓ, ଏସ୍‌ଡିଓ, ଜେଇ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାବେଳେ ଏବେ ଏଠାରେ କେବ ଭାରାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କାମ ଚଳାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତିରାଜ ବିଭାଗରେ ବିଡିଓଙ୍କ ବଦଳି ପରେ ସବ୍‌ରେଜିଷ୍ଟ୍ରାର ଭାରପ୍ରାପ୍ତ ଦାୟିତ୍ୱରେ ରହିଥିବାବେଳେ ଜଣେ ଜେଇ, ୬ ଜଣ ପିଇଓ, ୮ ଜଣ ଆକାଉଣ୍ଟାଣ୍ଟ କମ୍ ଡାଟା ଅପରେଟର, ୨୬ଜଣ ଜିଆର୍‌ଏସ୍, ଜଣେ ଜିପିଡିଓ ପଦବୀ ଖାଲି ପଡିଛି। ଦୈନିକ ବହୁଲୋକ ସେମାନଙ୍କ ବିଭିନ୍ନ କାର୍ଯ୍ୟ ନେଇ ଏସବୁ କାର୍ଯ୍ୟାଳୟକୁ ଆସୁଥିବାବେଳେ ସ୍ଥାୟୀ ଅଧିକାରୀ ନ ଥିବାରୁ କୌଣସି କାମ ହୋଇପାରୁନାହିଁ। ଫଳରେ ବହୁ ଦୂରଦୂରାନ୍ତରୁ ବ୍ଲକକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ତହସିଲ କାର୍ଯ୍ୟାଳୟ ସହିତ ତହସିଲ ନିୟନ୍ତ୍ରଣରେ ରହିଥିବା ବିଭିନ୍ନ ରାଜସ୍ୱ ସର୍କଲରେ ମଧ କର୍ମଚାରୀ ଅଭାବ ଯୋଗୁ ଗ୍ରାମାଞ୍ଚଳ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ସେହିପରି ଗ୍ରାମ ଉନ୍ନୟନ ବିଭାଗରେ ଗତ ୮ ମାସରୁ ଉର୍ଦ୍ଧ୍ୱ ହେବ ରାଜନଗର ଆର୍‌ଡି ଏସ୍‌ଡିଓ ଦାୟିତ୍ୱରେ ଥିଲେ। ସେ ପଟ୍ଟାମୁଣ୍ଡାଇ ଆରଡି କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଉନ୍ନତିମୂଳକ କର୍ଯ୍ୟ ଠପ ହୋଇଯାଇଛି। କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ଦସ୍ତଖତ ନ ହୋଇ ମାସ ମାସ ଧରି ପଡି ରହିଥିଲା। ୨ ଦିନ ହେବ ନୂଆ ଏସ୍‌ଡିଓ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହି ପରି ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ରାଜଶ୍ରୀ ବେହେରାଙ୍କ ବଦଳି ପରେ ରାଜନଗର ଏସ୍‌ଡିଓ ନଟବର ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଗତ ଶୁକ୍ରବାର ଏସ୍‌ଡିଓ ପ୍ରଧାନ ଅବସର ନେବା ପରେ କେନ୍ଦ୍ରାପଡ଼ା ଏସ୍‌ଡିଓ ଅତିରିକ୍ତ ଭାରପ୍ରାପ୍ତ ଦାୟିତ୍ୱ ନେଇଥିଲେ। ମାତ୍ର ସୋମବାର ରାଜନଗର ପୂର୍ତ୍ତ ବିଭାଗ ଏସ୍‌ଡିଓ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗରେ ୨ ଜଣ ସହକାରୀ ଯନ୍ତ୍ରୀଙ୍କ ଅବଶ୍ୟକ ଥିବାବେଳେ ଜଣେ ଯନ୍ତ୍ରୀ ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ପୂର୍ତ୍ତ ଦାୟିତ୍ୱ ତୁଲାଉଛନ୍ତି। ପରିଣାମ ସ୍ୱରୂପ ଏହିସବୁ କାର୍ଯ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଜଳ ସମ୍ପଦ ବିବାଗ ଏସ୍‌ଡିଓ ନ ଥିବାରୁ ଚଣ୍ଡିଖୋଲ ଏସ୍‌ଡିଓ ଦାୟିତ୍ୱ ନେଇଥିବାରୁ ବିଭାଗୀୟ କାର୍ଯ୍ୟରେ ବାଧା ଉପୁଜୁଛି। ସେହିପରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶିକ୍ଷା ବିଭାଗ, ଗୃହ ତଥା ଆଇନ ବିଭାଗ, ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, ମିଶନଶକ୍ତି ବିଭାଗ, ରାଜସ୍ୱ ବିଭାଗ, ପାନୀୟ ଜଳ ପରିମଳ, କୃଷି ବିଭାଗରେ ବିଭିନ୍ନ ପଦବୀ ଖାଲି ପଡ଼ିଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ପଦବୀ ଖାଲି ନେଇ ସରକାରଙ୍କ ଦୃଷ୍ଟି ଆକଷଣ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ପଞ୍ଚାୟତିରାଜ ଦିବସ ପାଳନ ବଦଳ ନିଷ୍ପତ୍ତିକୁ ବିଜେଡିର ବିରୋଧ



ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଜେଡି ନେତା ଓ କର୍ମୀମାନେ।

କେନ୍ଦ୍ରାପଡ଼ା, ୪ା୩(ଜଗନ୍ନାଥ ଧଳ)

ପଞ୍ଚାୟତିରାଜ ଦିବସ ବୁଧବାର ଅର୍ଥାତ୍ ୫ ତାରିଖରେ ପାଳନ ହେବନାହିଁ। ଆସନ୍ତା ଏପ୍ରିଲ ୨୪ରେ ରାଜ୍ୟସାରା ଏହି ଦିବସ ପାଳନ ହେବ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କେନ୍ଦ୍ରାପଡ଼ା ବିଜେଡି ମଙ୍ଗଳବାର ବିରୋଧ କରିଛି। ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହାକୁ ବିରୋଧ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ମଙ୍ଗଳବାର ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଧାୟକ ବେହେରା କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତି ଅସୂୟା ଭାବ ପ୍ରକାଶ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଷ୍ଟ୍ରନାୟକ ବିଜୁ ପଟ୍ଟନାୟକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ କ୍ଷେତ୍ର ଓ ମହିଳାଙ୍କୁ ସଶକ୍ତୀକରଣ କରିବାକୁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଦେଶରେ ପ୍ରଥମଥର ଆଣିଥିଲେ। ଦେଶର ୭୩ତମ ସମ୍ବିଧାନ ପୂର୍ବରୁ ପ୍ରତ୍ୟେକ ବ୍ଲକ, ମ୍ୟୁନିସିପାଲିଟି ଓ ପଞ୍ଚାୟତରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ଥିଲା। ତାଙ୍କର ଏହି ବ୍ୟବସ୍ଥା ପ୍ରଣୟନକୁ ଏବେ ରୋଲ୍‌ମଡେଲ କରାଯାଇଛି। ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ଦୀର୍ଘଦିନ ଧରି ପାଳିତ ହୋଇଆସୁଛି। ରାଜ୍ୟ ସରକାରଙ୍କ ସାମ୍ପ୍ରତିକ ନିଷ୍ପତ୍ତିକୁ ବଦଳାଇବାକୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଜିଲା ବିଜେଡି ସଭାପତି ଧୀରେନ କୁମାର ସାହୁ, ପୌରାଧକ୍ଷା ସରିତା ସାହୁ, କାଉନସିଲ କାଳୀପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏହି ସ୍ମାରକପତ୍ର ପ୍ରଦାନରେ ସାମିଲ ଥିଲେ।

**ସଂକ୍ଷେପରେ**

### ଉତ୍ତମ ଜଣେ ଉଦାର ହୃଦୟର ମଣିଷ

ରାଜନଗର, ୪ା୩(ଭାସ୍କର ରାଉତରାୟ)

ରାଜନଗରର ଅଗ୍ରଣୀ ଅନୁଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ, ରାଜନଗର ପକ୍ଷରୁ ଓଡ଼ିଶାର ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଶତ୍ରୁଘ୍ନ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚ ଅଭିନେତା ପ୍ରଫୁଲ୍ଲ କୁମାର ଦାସ ତାଙ୍କ ବକ୍ତବ୍ୟରେ ଉତ୍ତମ ଜଣେ ଅତ୍ୟନ୍ତ ଉଦାର ହୃଦୟର ମଣିଷ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାର ପୁରପଲ୍ଲୀରେ ସବୁ ମଣିଷ ହୃଦୟରେ ତାଙ୍କ ଚଳଚ୍ଚିତ୍ରର ଛାପ ରହିଗଲା। ଆମେ ଜଣେ ଭଲ ମଣିଷ ହରାଇଦେଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଦାଶ, ବାଲ୍ମୀକି ଜେନା, ମଳୟ ରଞ୍ଜନ ମହାନ୍ତି, ସଚିନ୍ ଦାସ, ଗୌତମ ଜେନା, ଦେବରତୀ ରାଉତ, ପୂଜାରାଣୀ ରାଉତ, ଆଶୁତୋଷ ନାଥଶର୍ମା, ଅର୍ଚ୍ଚିତା ପ୍ରଧାନ, ପଦ୍ମାଳୟା ପଣ୍ଡା, ମାଧବ ସେଠୀ, ଆଶିଷ ଦାସ, ସୂର୍ଯ୍ୟକାନ୍ତ ଜେନା, ସୁଶ୍ରୀ ସଂଗୀତା ସାମଲ ପ୍ରମୁଖ ଉତ୍ତମ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ।

### ରାଜନଗରରେ ନୂତନ ତହସିଲଦାର ଅମିୟଙ୍କ ଯୋଗଦାନ

ରାଜନଗର, ୪ା୩(ଭାସ୍କର ରାଉତରାୟ)

ରାଜନଗର ତହସିଲରେ ନୂତନ ତହସିଲଦାର ଭାବେ ସୋମବାର ଅମିୟ କେତନ ସ୍ୱାଇଁ ଯୋଗଦେଇଛନ୍ତି। ସ୍ୱାଇଁ ପୂର୍ବରୁ କଟକ ସବ୍‌କଲେକ୍ଟର ଅଫିସ୍‌ରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିଲା। ନୂତନ ତହସିଲଦାର ଭାବେ ସ୍ୱାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ୱାଇଁ ତହସିଲରେ ଯୋଗଦେବା ପରେ କର୍ମଚାରୀମାନେ ସ୍ୱାଗତ କରିଛନ୍ତି।

### ବାଇକ୍‌ରୁ ପଡ଼ି ସମିତିସଭ୍ୟା ଗୁରୁତର

ପଟ୍ଟାମୁଣ୍ଡାଇ, ୪ା୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଣରା ସମିତି ସଭ୍ୟା ସସ୍ମିତା ଜେନା (୩୫) ମଙ୍ଗଳବାର ବାଇକ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ପଟ୍ଟାମୁଣ୍ଡାଇ ଆସି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ନୀଳକଣ୍ଠପୁର ରାସ୍ତାରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସ୍ପିଟାଲ କେନ୍ଦ୍ରାପଡ଼ା ଜିଲା ହସ୍ପିଟାଲରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଖବରଦାତାଙ୍କ ଗଣଧାରଣା ପ୍ରତ୍ୟାହୃତ

କେନ୍ଦ୍ରାପଡ଼ା,୪ା୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର କାର୍ଯ୍ୟରତ ଖବରଦାତା ବସାଉଠା ପାଇଁ ଏକ ଗୃହ ଯୋଗାଇ ଦେବା ଦାବିରେ କେତେଜଣ ଖବରଦାତାଙ୍କ ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ୫ ଦିନ ଧରି ଗଣଧାରଣା ଦିଆଯାଇଥିଲା। ମଙ୍ଗଳବାର ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନକାରୀ ଖବରଦାତାଙ୍କ ଦାବି ଉପରେ ଆଲୋଚନା କରିଥିଲେ। ପରେ ଏହି ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପାନୀୟ ଜଳ, କ୍ଷେତରେ ପାଣି ପରିଚାଳନାକୁ ଗୁରୁତ୍ୱ

**ପାଟକୁରା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକ**

କେନ୍ଦ୍ରାପଡ଼ା, ୪ା୩ (ଜଗନ୍ନାଥ ଧଳ)



ବୈଠକରେ ବିଧାୟକ ଅରବିନ୍ଦ ମହାପାତ୍ର ଏବଂ ଅନ୍ୟମାନେ।

ଖରା ତାତି ଆରମ୍ଭ ହୋଇଛି। ପାନୀୟ ଜଳ ସଙ୍କଟ ଦେଖାଦେଉଛି। ସେହିପରି କୃଷି କ୍ଷେତ୍ର ଜଳ ପରିଚାଳନା ଏବେ ଜରୁରୀ ଆବଶ୍ୟକତା ହୋଇଛି। କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକରେ ଏହାକୁ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ନିର୍ବାଚନମଣ୍ଡଳୀର ଉନ୍ନୟନ କାର୍ଯ୍ୟକୁ ବିଧାୟକ ଅରବିନ୍ଦ ମହାପାତ୍ର ସମୀକ୍ଷା କରିଛନ୍ତି।

ଜିଲା ପରିଷଦ ସଭା ଗୃହରେ ଏହି ବୈଠକ ବିଧାୟକ ମହାପାତ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଠାରେ ବିଧାୟକ ମହାପାତ୍ର ରାସ୍ତା ଏବଂ କୋଠବାଡି ବିଭାଜନ ଅଧୀନ ରାସ୍ତାର ପ୍ରଶସ୍ତୀକରଣ ତଥା ନୂତନ ରାସ୍ତା ନିର୍ମାଣ, ଟିପିସିଓଡିଏଲ ଦ୍ୱାରା ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ପାଟକୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆମ୍ବୁଲାନ୍ସ, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନରେ ପୁରାତନ ଚିକିତ୍ସାଳୟର ପୁନରୁଦ୍ଧାର ଏବଂ ନୂତନ ଚିକିତ୍ସା ଗୃହ ନିର୍ମାଣ, ଆସନ୍ତା ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଯୋଗାଣ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡର ପ୍ରସ୍ତୁତି, ଗ୍ରାମ୍ୟ ଉନ୍ନୟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟରତ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାର ରୂପରେଖ ଓ କାର୍ଯ୍ୟାନ୍ୱୟନ ଆଦି କାର୍ଯ୍ୟକୁ ସମୀକ୍ଷା କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳର ଯୋଗାଣ ତଥା ସୁବନ୍ଦୋବସ୍ତ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ଜଳ ନିଷ୍କାସନ ନିମନ୍ତେ ବର୍ଷା ଋତୁର ଆଗମନ ପୂର୍ବରୁ ସ୍ଥାୟୀ ନାଳର ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ପରିଷଦ ଅଧକ୍ଷା ଲିଲିତା ଦାସ, ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଧକ୍ଷାଅଧକ୍ଷ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧକାରୀ ଅଜାମ୍ବର ମହାନ୍ତି, ବିଡିଓ, ତହସିଲଦାର ପ୍ରମୁଖଙ୍କ ସହ ଜିଲାସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ।

## ବ୍ରାହ୍ମଣୀ କଲେଜରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ପଟ୍ଟାମୁଣ୍ଡାଇ, ୪ା୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧକ୍ଷ ଡ. ଗୌରୀ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ଶିବିର ସଂଯୋଜିକା ଅଧାପିକା ସୋନାଲି ଚୌଧୁରୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପିକା ମମତାମୟୀ ପଟ୍ଟନାୟକ, ସଂଘମିତ୍ରା ମହାନ୍ତି, ସୁମିତ୍ରା ସେଠୀ, ଅଧାପକ ଡ. ମନୋରଞ୍ଜନ ସାହୁ, ନଟବର ସୂତାର, ନିରଞ୍ଜନ ବାରିକ, ସୁଧାଂଶୁ ସାମଲ, ସତ୍ୟଜିତ ବେହେରା, ମାନସ ନାୟକ, କାହ୍ନୁ ମଲିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ବାଳିକା ଆତ୍ମସୁରକ୍ଷାର ଆବଶ୍ୟକତା ଓ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ୨ଜଣ ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ସୋନାଲି ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର

ଡେରାବିଶ,୪ା୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ମଙ୍ଗଳବାର ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅକ୍ଷୟ କୁମାର ବଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅଧାପିକା ସ୍ମୃତି ଶ୍ରାବଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ ପ୍ରଫେସର ବଳଙ୍କ ସମେତ ଅଧାପିକା ମୀନାକ୍ଷୀ ପ୍ରଧାନ, ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି ଓ ଝରାଶ୍ରୀ ପରିଜା ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସମାଜରେ ନାରୀ ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ଶିବିରରେ ୧୦୦ଜଣ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ନେବେ। ପ୍ରଶିକ୍ଷିକା ଭାବେ ଆଦ୍ୟାଶା ଲେଙ୍କା ଓ ଅପର୍ଣ୍ଣା ସାମନ୍ତରାୟ ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ଅଧାପିକା ସ୍ମୃତିରେଖା ପଣ୍ଡା ପରିଚାଳନା କରିଥିବା ବେଳେ ଅଧାପିକା ମେନକା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସିଡିପିଓଙ୍କ ବଦଳି ପାଇଁ ଜିଲାପାଳଙ୍କୁ ଅଙ୍ଗନୱାଡି ସଂଘର ଦାବି


ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ରାଜନଗର, ୪ା୩ (ଭାସ୍କର ରାଉତରାୟ)

ରାଜନଗର ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ରାଜନଗରରୁ ବଦଳି କରିବାକୁ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଦାବି କରାଯାଇଛି। ମଙ୍ଗଳବାର ଆସୋସିଏଶନର ଜିଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ରାଜନଗର ବ୍ଲକ ସଂଘର ସଭାନେତ୍ରୀ ଲୀଳାବତୀ ବେହେରା, ଉପସଭାନେତ୍ରୀ ରମାବତୀ ସ୍ୱାଇଁ, ସହ ସମ୍ପାଦିକା ମିନତି ଭୂୟାଁ, ମଞ୍ଜୁବାଳା ମଲ୍ଲିକ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ରାଜନଗର ସିଡିପିଓଙ୍କ ବଦଳି ଲାଗି ଦାବି କରିଛନ୍ତି।

ଦାବିପତ୍ରରେ ଫେବୃଆରୀ ୨୪ ତାରିଖ ସେକ୍ଟର ବୈଠକରେ ସିଡିପିଓ କର୍ମୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ଥାନାରେ ଅଭିଯୋଗ କରିଥିଲୁ। ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଟଙ୍କା ଆଦାୟ କରୁଛନ୍ତି। ତମେ ଖାଉଛ, ଅଧା ମୋତେ ଦିଅ ବୋଲି ମାଗିବା ସହିତ ଦରମା ବନ୍ଦ କରିବା ନେଇ ଧମକ ଦେଉଛନ୍ତି। ଏପରି ଦୁର୍ନୀତିଖୋର ସିଡିପିଓଙ୍କୁ ଏଠାରୁ ବଦଳି କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

## ପୁନର୍ବାସ ପକ୍ଷରୁ ଟେକ୍ନୋ-ସକ୍ଷମ ମିଶନ

କେନ୍ଦ୍ରାପଡ଼ା, ୪ା୩ (ଜଗନ୍ନାଥ ଧଳ)



ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

ଭିନ୍ନକ୍ଷମଙ୍କ ସଶକ୍ତୀକରଣ ଦିଗରେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଟେକ୍ନୋ-ସକ୍ଷମ ମିଶନ ମଙ୍ଗଳବାର ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ସହରର ମାଧପୁରସ୍ଥିତ ଅମର ଉଦ୍ୟାନଠାରେ ଓଡ଼ିଶା ନଲେଜ୍ କର୍ପୋରେଶନ ଲିମିଟେଡ୍ (ଓକେସିଏଲ)ର ଏଥିନେଇ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥିସହ ଓକେସିଏଲ ଅଧୀନରେ ଅନୁମୋଦିତ ଶିକ୍ଷାକେନ୍ଦ୍ର ଭାବେ ପୁନର୍ବାସଠାରେ ନୂତନ ସ୍କିଲିଂ ଏବଂ କମ୍ପ୍ୟୁଟର ୱିଙ୍ଗ ଖୋଲାଯାଇଛି। ଏ ସମ୍ପର୍କରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ କହିଛନ୍ତି, ଏଠାରେ ଓଏସ୍-ସିଆଇଟି ଆଧାରିତ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ। ସାଧାରଣବର୍ଗଙ୍କ ବ୍ୟତୀତ ଏହି କେନ୍ଦ୍ରରେ ଅଗ୍ରାଧିକାର ଭିତ୍ତିରେ ରିହାତି କୋର୍ସ ଫି ବ୍ୟବସ୍ଥା ଦ୍ୱାରା ଜିଲାର ଭିନ୍ନକ୍ଷମ ଶିକ୍ଷାର୍ଥୀ, ବ୍ୟକ୍ତିମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନର ବ୍ୟବସ୍ଥା ରଖାଯାଇଛି। ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଅନ୍ୟ ସାଧାରଣଙ୍କ ପରି ତାଲିମପ୍ରାପ୍ତ ହୋଇ ନିଯୁକ୍ତି ଓ ଅନ୍ୟାନ୍ୟ ବୃତ୍ତିଗତ କ୍ଷେତ୍ରରେ ଦୁର୍ବଳ ଭିନ୍ନକ୍ଷମବର୍ଗଙ୍କୁ ଏହାଦ୍ୱାରା ସମର୍ଥ କରାଇବା ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଅନୁଷ୍ଠାନ କର୍ମକର୍ତ୍ତା ବଂଶୀଧର ମହାନ୍ତି, ଶିବ ଚରଣ ସାମଲ, କାଉନସିଲର ରଶ୍ମିତା ସିଂ, ସ୍ୱତନ୍ତ୍ର ଶିଶୁ ଶିକ୍ଷା ସଂଯୋଜକ ବିଜୟ କୁମାର ପରିଡା, ସଦସ୍ୟ ସ୍ୱପ୍ନାଂଶୁ କୁମାର ଦାସ, କ୍ଷୀରୋଦ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବଗଡାରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କେନ୍ଦ୍ରାପଡ଼ା, ୪ା୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ବଗଡ଼ାଠାରେ ନେହେରୁ ଯୁବକେନ୍ଦ୍ର ଓ ମୋ ଭାରତ ପକ୍ଷରୁ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କ୍ରୀଡା ପ୍ରତିଭାଧାରୀ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଯୁବ କେନ୍ଦ୍ର ଅଧିକାରୀ ଗୋଲି ତିରୁପତି ରେଡ୍ଡି ସୂଚନା ଦେଇଛନ୍ତି। ଏଠାରେ କବାଡି, ଫୁଟ୍‌ବଲ, ଧୀର ସାଇକେଲ ଚାଳନା, ବ୍ୟାଡମିଣ୍ଟନ, ତାଇକୁଣ୍ଡ ଓ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୫ରୁ ୨୯ ବର୍ଷ ବୟସ୍କ କ୍ରିଡାବିତ୍ ଭାଗ ନେଇଥିବା ଏହି ପ୍ରତିଯୋଗିତିକୁ ଖେଳ ଶିକ୍ଷକ ଉମାକାନ୍ତ କର, ଦେବେନ୍ଦ୍ର କୁମାର ସାହୁ, ଶଶାଙ୍କ ଶେଖର ସାହୁ, ବିବେକାନନ୍ଦ ସାମଲ ନିରୀକ୍ଷଣ କରିଥିଲେ। କୃତୀ ପ୍ରତିଭାଧାରୀଙ୍କୁ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବକେନ୍ଦ୍ରର ଲକ୍ଷ୍ମୀକାନ୍ତ ଜେନାଙ୍କ ସହ ବଗଡ଼ା ଗ୍ରାମର ସ୍ଥିତିପ୍ରଜ୍ଞା ଜେନା, ନିଖିଲ ସ୍ୱାଇଁ, ଦେବସ୍ମିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଓଡ଼ିଆ ଅସ୍ମିତାର ଝଲକ କେନ୍ଦରା ଗୀତ

### ଡିଜିଟାଲ ଯୁଗରେ ହଜିଗଲାଣି କୌଳିକ ବୃତ୍ତି

ମହାକାଳପଡ଼ା, ୪ା୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଓଡ଼ିଶାର କଳା ସଂସ୍କୃତି ପରମ୍ପରା ମହାନ୍। ପ୍ରାଚୀନ ଲୋକକଳା ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଡିଜିଟାଲ ଯୁଗରେ ଚାଲିଛି ସଂଗ୍ରାମ। ବୟସର ଅପରାହ୍ନରେ ଚମ ଧୁଡୁଧୁଡୁ ଶରୀରରେ ପାଦକୁ ଅବିଶ୍ରାନ୍ତ ନାହିଁ। କେନ୍ଦରାର ସୁମଧୁର ସୁର ଆଗରେ ହାର ମାନିଛି ବୟସ। ମୁଖରୁ ଅନର୍ଗଳ ବାହାରୁଛି ଟୀକା ଗୋବିନ୍ଦ ଚନ୍ଦ୍ରଙ୍କ ରଚିତ ଭଜୁକି ନା ରାମ ନାମରେ ରାଜନ୍ ଭଜୁକି ନା ରାମ ନାମ..। ଦିନ ଥିଲା ଗାଁ ଗଣ୍ଡାରେ ପ୍ରାଚୀନ ସଂସ୍କୃତି ଲୋକକଳା କେନ୍ଦରା ସ୍ୱର ବେଶ୍ ମନ ମୋହୁଥିଲା। ଘର ଅଗଣାରେ ଯୋଗୀ ପୁଅ କେନ୍ଦରା ଗୀତରେ କାନରେ ବାଜିବା ମାତ୍ରେ ଘରର ନୂଆ ବୋହୂ ଶ୍ରଦ୍ଧାର ସହ ଚାଉଳ ମୁଠେ, ଟଙ୍କା, ପଇସା, ପନିପରିବା ଯିଏ ଯାହା ପାଇଲା ଯୋଗୀ ନାଉଥାଳରେ ଅଜାଡ଼ି ଦେଉଥିଲେ। ଏବେ ଆଧୁନିକ ବା ଡିଜିଟାଲ ଯୁଗରେ ଲୋକକଳା ବିଲୁପ୍ତହେବାକୁ ବସିଲାଣି। ଆଉ ଖରା ବେଳେ ଗାଁ ମୁଣ୍ଡ ବରଗଛ ମୂଳେ ଯୋଗୀ ପୁଅର ଧୁନ୍ ଶୁଭୁନାହିଁ।

କେନ୍ଦ୍ରାପଡ଼ା ଜିଲା ପୁନ୍ଦାଳ କଉଡ଼ିଆ ବାରି ଅଞ୍ଚଳର ଚକ୍ରଧର ନାଥ (୮୦) ଓ ବିଜୟ ନାଥ (୬୦) ପ୍ରଚଣ୍ଡ ଖରାକୁ ଖାତିର ନ କରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ଦେଖିବାକୁ ମିଳିଛି। ବ୍ଲକ୍ ଅଧୀନ ମହାକାଳପଡ଼ା ଓ ମଙ୍ଗଳପୁର ସମେତ ଗାଁକୁ ଗାଁ ବୁଲି ଲୋକଙ୍କୁ ଭଗବାନଙ୍କ ବାଣୀ ଓ ହରି କଥାମୃତ କେନ୍ଦରାର ସୁରେ ସୁରେ ଶୁଣାଇଥାନ୍ତି। ଏହି ଗୀତକୁ କାନ ଡେରି ଶୁଣିବା ପାଇଁ ଆବାଳ ବୃଦ୍ଧ ବନିତା ଧାଇଁ ଆସୁଛନ୍ତି। ୨ ବରିଷ୍ଠ କେନ୍ଦରା ବାଦକଙ୍କ କହିବା କଥା ଏହି କୌଳିକ ବୃତ୍ତି ପାଞ୍ଚ ପିଢ଼ି ଧରି ଚାଲି ଆସୁଛି। ତେବେ ଆମ ପିଢ଼ି ପରେ ଆଉ ଗାଁ ଗାଁରେ କେନ୍ଦରାର ଗୀତ ଶୁଭିବ ନାହିଁ। ପିଲାବେଳୁ ବାପା ଜେଜେଙ୍କଠାରୁ ଶିକ୍ଷା ଗ୍ରହଣ କରିଛୁ। ଏହି ବାଦ୍ୟ ସୃଷ୍ଟି ଆରମ୍ଭରୁ ରହିଛି। ଏହି ବାଦ୍ୟକୁ ଅନୁକରଣ କରାଯାଇ ଅନ୍ୟ ବାଦ୍ୟ ସୃଷ୍ଟି କରାଯାଇଛି। ଦିନ ଥିଲା ରାଜାରାଜୁଡ଼ାଙ୍କ ରାଜ ସଭାରେ କେନ୍ଦରା ଗୀତକୁ ପ୍ରାଧାନ୍ୟ ଦିଆଯାଉଥିଲା। ବିଶେଷକରି ରାଜ ଦରବାରରେ ମହାରାଣୀଙ୍କ ମାନ ଭଞ୍ଜନ ପାଇଁ ସେ ସମୟର ସଙ୍ଗୀତଗୁଡ଼ିକୁ କେନ୍ଦରା ମାଧ୍ୟମରେ ସ୍ୱର କରାଯାଇ ଅତି ଚମତ୍କାର ଭାବେ ରାଜସଭାରେ ଉପସ୍ଥାପନ କରାଯାଇଥିଲା। ରାଜ ନଅରରେ ଅନୁଷ୍ଠିତ ହେଉଥିବା ପୂଜାପାର୍ବଣରେ କେନ୍ଦରା ବାଦକକୁ ଖୋଜା ପଡୁଥିଲା। ରାଜା ଖୁସି ହୋଇ ପୁରସ୍କାର ପ୍ରଦାନ କରୁଥିଲେ ବୋଲି ବାପା ଜେଜେଙ୍କଠାରୁ ଶୁଣିଛୁ। ସମୟ ବଦଳିବା ସାଙ୍ଗକୁ ଡିଜିଟାଲ ଯୁଗରେ କେନ୍ଦରା ତା'ର ସତ୍ତା ହରାଇନାହିଁ। ଯଦି ସରକାର କେନ୍ଦରା ବାଦକମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତି ପରମ୍ପରା ଓ ଅସ୍ମିତା ଅକ୍ଷୁର୍ଣ୍ଣ ରହନ୍ତା ବୋଲି ୨ ବରିଷ୍ଠ କେନ୍ଦରା ବାଦକ କହିଛନ୍ତି।


ମଙ୍ଗଳପୁର ଗାଁରେ ବୁଲି କେନ୍ଦରା ସ୍ୱରରେ ହରି କଥାମୃତ ୨ ଜଣ ଶୁଣାଉଛନ୍ତି।

# ନୀଳମାଧବ ମନ୍ଦିର ପାହାଡ଼ରୁ ନିର୍ଗତ ପାଣି ପାଇଁ ନାହିଁ ଡ୍ରେନେଜ ବ୍ୟବସ୍ଥା

ଖଣ୍ଡପଡ଼ା,୪।୩
(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ । ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ହୋଇଛନ୍ତି ପ୍ରଭୁ ଶ୍ରୀନୀଳମାଧବଜୀଉ । ହେଲେ ଉକ୍ତ ମନ୍ଦିରର ପରିଚାଳନାଗତ ତ୍ରୁଟି ଯୋଗୁ ବିଭିନ୍ନ ସମସ୍ୟା ଲାଗି ରହିଛି । ଅପରପକ୍ଷେ ବର୍ଷା ସମୟରେ ପାହାଡ଼ ଉପରୁ ନିର୍ଗତ ବର୍ଷା ଜଳ ମନ୍ଦିର ପାଦଦେଶରେ ଥିବା ବିଭିନ୍ନ ସାହିକୁ ପ୍ରବାହିତ ହେଉଛି। ଏଥିପାଇଁ ପଞ୍ଚାୟତ ପକ୍ଷରୁ ବହୁଦିନ ତଳେ ଡ୍ରେନ ନିର୍ମାଣ ହୋଇଥିଲା । ସେହି ନାଳ ଦେଇ ବର୍ଷା ଜଳ ପ୍ରବାହିତ ହୋଇଥାଏ । ମାତ୍ର ସମୟାନୁକ୍ରମେ ରାସ୍ତା ଉଚ୍ଚ ହେବା ପରେ ନିର୍ଗତ ବର୍ଷାଜଳ ପ୍ରବାହିତ ହେବାରେ ବାଧା ସୃଷ୍ଟି ହୋଇଥିଲା। ଏପରି କି ସଙ୍କୁଚିତ ହୋଇପଡିଥିବା ଡ୍ରେନ ଦେଇ ନୀଳମାଧବଙ୍କ ବିଭିନ୍ନ ସଂରକ୍ଷିତ ଜଳଉତ୍ସରେ ତାହା ଜମି ରହୁଥିଲା । ମାତ୍ର ଏସବୁ ଜଳଉତ୍ସକୁ ଦେବୋତ୍ତର ବିଭାଗ ବିକ୍ରୀ କରିଦେବା ଫଳରେ ଏବେ ମନ୍ଦିର ପାହାଡରୁ ଏବଂ ବିଭିନ୍ନ ସାହିରୁ ନିର୍ଗତ ନର୍ଦ୍ଦମା ତଥା ବର୍ଷାଜଳ ସେହି ସଙ୍କୁଚିତ ଡ୍ରେନରେ ପ୍ରବାହିତ ହେଉଛି । ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା କଣ୍ଟିଲୋ ପରି ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏକ ରାଜସ୍ୱ ଗ୍ରାମର ଡ୍ରେନେଜ ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଏଥିପାଇଁ ଏକ ମାଷ୍ଟର ପ୍ଲାନର ଆବଶ୍ୟକତା ରହିଛି । ଅପରପକ୍ଷେ ଶୋଚନୀୟ ଅବସ୍ଥାରେ ରହିଥିବା ବିଭିନ୍ନ ସାହିବସ୍ତିର ଡ୍ରେନଗୁଡ଼ିକୁ ପୁନରୁଦ୍ଧାର ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥର ଆବଶ୍ୟକତା ରହିଛି । ପଞ୍ଚାୟତ ଅନୁଦାନ ଅର୍ଥରେ ସେହି ସମସ୍ୟାକୁ ସମାଧାନ କରିବା ଅସମ୍ଭବ ହୋଇପଡିଛି । ବିଶେଷ କରି ବର୍ଷାଜଳ ନିଷ୍କାସନ ପାଇଁ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମନ୍ଦିର ପାଦଦେଶରେ ଥିବା ହାଟମୁଣ୍ଡ ପାଟଣା, ମଝିସାହି ପାଟଣା, ସେବକସାହି, ଛାମୁପାଟଣା ଓ ଫକୀରଅତବୁଦ୍ଧିପାଟଣାର ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସମୁହ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଣ୍ଟିଲୋ ଜନକଲ୍ୟାଣ କ୍ଲବ୍ ପକ୍ଷରୁ ଏକ ଦରଖାସ୍ତ ରାଜ୍ୟ ସରକାରଙ୍କ ଡ୍ରେନେଜ ବିଭାଗକୁ ପ୍ରଦାନ କରାଯାଇଥିଲା । ଏ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଡ଼ିଭିଜନ ସହକାରୀ ଯନ୍ତ୍ରୀ ଇଂ. ବଂଶୀଧର ବେହେରା ଓ ନୟାଗଡ଼ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ. ରବିନ୍ଦ୍ର କୁମାର ବାରିକ ମଙ୍ଗଳବାର କଣ୍ଟିଲୋ ଗସ୍ତରେ ଆସି ନୀଳମାଧବ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିବା ସହ ସମୀକ୍ଷା କରି ଫେରି ଯାଇଛନ୍ତି ।

ସୂଚନାଯୋଗ୍ୟ, କଣ୍ଟିଲୋ ପଞ୍ଚାୟତ ଅଧୀନ ବିଭିନ୍ନ ଡ୍ରେନେଜ ପ୍ରକଳ୍ପ ଡ୍ରେନେଜ ବିଭାଗ ଅଧୀନରେ ନ ଥିବାବେଳେ ନୀଳମାଧବ ମନ୍ଦିର ସୁରକ୍ଷା ଦିଗରେ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହିତ ପରାମର୍ଶ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସମ୍ପୃକ୍ତ ଅଧିକାରୀମାନେ ସୂଚନା ଦେଇଥିଲେ । ଅପରପକ୍ଷେ ପୁରାତନ କିର୍ତ୍ତୀରାଜିର ସୁରକ୍ଷା ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିୟମ ତଥା ବିଧି ରହିଥିବା ବେଳେ ଜଗନ୍ନାଥ ସଂସ୍କୃତିରେ ଆଦିପୀଠ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରର ସୁରକ୍ଷା ନିମନ୍ତେ ମନ୍ଦିର ପାହାଡ଼କୁ ଅନ୍ତର୍ଭୁକ୍ତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପରିଦର୍ଶନରେ ଆସିଥିବା ଯନ୍ତ୍ରୀମାନଙ୍କ ନିକଟରେ ଦାବି ଉପସ୍ଥାପିତ କରାଯାଇଥିଲା । ଯନ୍ତ୍ରୀମାନଙ୍କ ପରିଦର୍ଶନ ଓ ସମୀକ୍ଷା ସମୟରେ ଜନକଲ୍ୟାଣ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା, ବରିଷ୍ଠ ଖବରଦାତା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, କଣ୍ଟିଲୋ ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା, ନୀଳମାଧବ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଡ୍ରେନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଡ୍ରେନେଜ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ଦିଗରେ ତାଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି ।



ତଦନ୍ତ ଦାୟିତ୍ୱ ଚାଲିଥିବା ଅଧିକାରୀଙ୍କ ସହ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି ।

# ଭିନ୍ନକ୍ଷମ, ବୃଦ୍ଧା ପାଉନାହାନ୍ତି ଭତ୍ତା

ନୟାଗଡ଼,୪।୩(ଲୋକନାଥ ମିଶ୍ର):

■ଜିଲାପାଳଙ୍କୁ ଫେରାଦ
■ଆବେଦନର ୨ ବର୍ଷ ପରେ ବି ପଡୁନି ପାଳି

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଓସ୍ତପଡା ଗାଁର ବୃଦ୍ଧା ଯଶୋଦା ସାହୁ(୬୪) ଓ ମଞ୍ଜୁ ଜେନା(୭୦), ଭିନ୍ନକ୍ଷମ ସୁକାନ୍ତ ପାଇକରାୟ(୪୪) ଓ ବିଜୟ କୁମାର ପରିଡ଼ା(୩୦) ଭତ୍ତା ପାଇବା ପାଇଁ ବାରମ୍ବାର ଚେଷ୍ଟା କରି ଥକି ପଡିଲେଣି । ହେଲେ ଭତ୍ତା ପାଉ ନାହାନ୍ତି । ଭତ୍ତା ପାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିବାର ୧ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ୍ୟ ସୁଫଳ ମିଳିନି । ତେବେ ଏମାନଙ୍କ ପଛରେ ଆବେଦନ କରିଥିବା ଅଧିକାଂଶ ଲୋକ ଭତ୍ତା ପାଇ ସାରିଲେଣି । ଏଭଳିସ୍ଥଳେ ଭତ୍ତା ଯୋଗାଇ ଦେବାକୁ ବୃଦ୍ଧା ଓ ଭିନ୍ନକ୍ଷମ ନୟାଗଡ଼ ଜିଲାପାଳ, ନୟାଗଡ଼ ଉପଜିଲାପାଳ, ଜିଲା ସୋସିଆଲ ସିକ୍ୟୁରିଟ ଅଫିସର, ବିଭାଗୀୟ ସଚିବଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ଓସ୍ତପଡା ଗାଁର ବୃଦ୍ଧା ଯଶୋଦା ସାହୁ(୬୪) ଓ ମଞ୍ଜୁ ଜେନା କୁହନ୍ତି ବାର୍ଦ୍ଧକ୍ୟ ଅବସ୍ଥାରେ ସରକାର ଭତ୍ତା ଦେବା ଏକ ଭଲ କାର୍ଯ୍ୟକ୍ରମ। ହେଲେ ଆମ ପରି ବୃଦ୍ଧାମାନଙ୍କୁ ଭତ୍ତା କାହିଁକି ଦେବାରେ ଅବହେଳା କରାଯାଉଛି ସେନେଇ ଜାଣି ହେଉନି। ଭତ୍ତା ପାଇବା ପାଇଁ ବାରମ୍ବାର ବ୍ଲକ ଅଫିସ, ଜିଲାପାଳ ଓ ଉପଜିଲାପାଳ ଅଫିସକୁ ଦୌଡି ଥକି ପଡିଥିଲେ ମଧ୍ୟ ସୁଫଳ ମିଳିନି । ଏବେ ପୁଣି ଥରେ ଅଭିଯୋଗ କରିଛୁ । ଭତ୍ତା ନ ମିଳିଲେ ଜିଲାପାଳ ଅଫିସ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ । ଭିନ୍ନକ୍ଷମ ସୁକାନ୍ତ ପାଇକରାୟ କୁହନ୍ତି, ମୋ ଡାହାଣ ଗୋଡ଼ ୨୦ ବର୍ଷ ତଳେ କଟି ଯାଇଛି । ମୋତେ ୮୦ ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିଟେ ମିଳିଛି । ହେଲେ ଭତ୍ତା ହୋଇ ପାରୁନି । ବିଜୟ କୁମାର ପରିଡ଼ା କୁହନ୍ତି, ମୋ ମୁଣ୍ଡରେ ଟ୍ୟୁମର ହେବାରୁ ଆଖିର ଦୃଷ୍ଟିଶକ୍ତି କମି ଯାଇଛି। ମୋତେ ୭୫ ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଛି । ତେବେ ଲାଭ କିଛି ନାହିଁ। ମୋ ପରି ଗରିବ ଲୋକମାନେ ଅଭିଶପ୍ତ ଜୀବନଯାପନ କରୁଥିବାବେଳେ ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ପଡୁନାହିଁ ।

# ମହାବୀର ବଣିକ ମହାସଂଘର ବାର୍ଷିକ ଉତ୍ସବ



ମହାସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଦଶପଲ୍ଲା,୪।୩
(ପ୍ରକାଶ କୁମାର ପାଣି):

ମଙ୍ଗଳବାର ଦଶପଲ୍ଲା ମହାବୀର ବଣିକ ମହାସଂଘର ୧୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ସମସ୍ତ ୧୪ଟି ବଜାର ବନ୍ଦ ରହିଥିଲା । ବିଶ୍ୱକର୍ମା ବଜାରଠାରୁ ନାମ ସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ, ସାରସ୍ୱତସାଧକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଦଶପଲ୍ଲାର ଆରାଧ୍ୟ ଦେବ ପ୍ରଭୁ ରଘୁନାଥ ଓ ଶ୍ରୀମହାବୀରଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମହାସଂଘର ସଭାପତି ଅଲେଖ ସାହୁ ବଣିକମାନଙ୍କ ପ୍ରତୀକ ଏକତା ପତାକାକୁ ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଦଶପଲ୍ଲାର ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟରେ ମହାସଂଘର ସହଯୋଗ କାମନା କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଓ ଏନ୍‌ଏସି ଅଧ୍ୟକ୍ଷା ଇଂ.ପୁନମ ପ୍ରିୟଦର୍ଶନୀ ଯୋଗ ଦେଇ ଅନୁଷ୍ଠାନର ଶୁଭକାମନା କରିଥିଲେ। ସଙ୍ଗଠନର ଉପସଭାପତି ଉମାକାନ୍ତ ସାହୁ ଅତିଥି ପରିଚୟ କାରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ବ୍ୟବସାୟୀ ବିଜୟ କୁମାର ଅଗ୍ରୱାଲା ଓ ରବୀନ୍ଦ୍ର ନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୃହତ୍ ବଜାର ଦୁର୍ଗା ବଜାର ବଣିକ ସଂଘକୁ ଶୃଙ୍ଖଳିତ ବଜାର ଭାବେ ସଭାପତି ମନୋଜ କୁମାର ସାହୁ ଓ ସାଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନକୁ ସୁଦୃଢ କରିବା ପାଇଁ ବରିଷ୍ଠ ଉପଦେଷ୍ଟା ସଜନ କୁମାର ରାୟ, ଦଣ୍ଡପାଣି ସାହୁ, ତାରାକାନ୍ତ ସାହୁ, ନାରାୟଣ ମହାନ୍ତି ମାର୍ଗଦର୍ଶନ କରିଥିଲେ। ଅନୁରୂପ ଭାବେ ପୀତବାସ ପାତ୍ର, କୋଷାଧକ୍ଷ ସଜନ କୁମାର ଅଗ୍ରୱାଲା, ସନ୍ତୋଷ କୁମାର ମିଶ୍ର, ସଂଯୁକ୍ତା ଦାଶଗୁପ୍ତା, ସନ୍ତୋଷ ପଣ୍ଡା ଉଦ୍‌ବୋଧନ ଦେଇଥିଲେ। ନବ ନିର୍ବାଚିତ ମହାସଂଘର କର୍ମକର୍ତ୍ତାଙ୍କୁ କିଶୋର ଚନ୍ଦ୍ର ସାହୁ ଓ ମାଧବ ଚନ୍ଦ୍ର ପୃଷ୍ଟି ଶପଥ ପାଠ କରାଇଥିଲେ ।

# ମାଳିସର ଗ୍ରାମରେ ବଧୂହତ୍ୟା ଅଭିଯୋଗ

ନୂଆଗାଁ, ୪।୩ (ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅଞ୍ଚଳରେ ସୋମବାର ଏକ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ମାଳିସର ଗ୍ରାମର ଲଛବନ ସାହୁଙ୍କ ପୁଅ ନିରଞ୍ଜନ ସାହୁ ୨୦୨୨ ମସିହାରେ ବ୍ରହ୍ମପୁର ବଡ଼ ବଜାର କାଲୁପଡର ସାହିର ସୁରେଶ କୁମାର ସାହୁଙ୍କ ଝିଅ ମୋନାଲିସା ସାହୁଙ୍କୁ ବିବାହ କରିଥିଲେ । ମୋନାଲିସାଙ୍କ ସୋମବାର ମୃତ୍ୟୁ ହୋଇଥିବା ବେଳେ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି । ମୃତ ମୋନାଲିସାଙ୍କ ବାପା ଥାନାରେ କରିଥିବା ଅଭିଯୋଗ ମୁତାବକ ବିବାହର ପରେ ପରିବାର ଲୋକ ବିଭିନ୍ନ ସମୟରେ ମୋନାଲିସାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ରବିବାର ରାତିରେ ମୋନାଲିସାଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ବାପା ଥାନାରେ ଅଭିଯୋଗ କରିଛନ୍ତି । ଘଟଣା ବାବଦରେ ଖବର ପାଇ ନୂଆଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ବାବଦରେ ନୂଆଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ, ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ।

# ବ୍ରଜେନ୍ଦ୍ର ହାଇସ୍କୁଲର ୧୯୬୮ ବ୍ୟାଚ ବନ୍ଧୁମିଳନ

ନୟାଗଡ଼/ଓଡ଼ଗାଁ, ୪।୩
(ଲୋକନାଥ ମିଶ୍ର/ଆଦର୍ଶ ପଟ୍ଟନାୟକ)

ନୟାଗଡ଼ ବଜେନ୍ଦ୍ର ହାଇସ୍କୁଲ ଦଶମଶ୍ରେଣୀର ୧୯୬୮ ବ୍ୟାଚ ସହପାଠୀମାନଙ୍କ ଏକ ବନ୍ଧୁମିଳନ ସମାବେଶ ବୁଢାବୁଢିଆଣୀ ଜଳଭଣ୍ଡାରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶ ପ୍ରାରମ୍ଭରେ ବିଦାୟୀ ବନ୍ଧୁମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସହପାଠୀମାନେ ଆଲୋଚନା, ଛାତ୍ର ଜୀବନ ଅନୁଭୂତି, ସମ୍ପର୍କ ଏବଂ ଅନେକ ସ୍ମରଣୀୟ କଥାକୁ ନିଜ ଭିତରେ ବାଣ୍ଟି ଥିଲେ। ସେହିପରି ମଉଜ ମଜଲିସ ମଧରେ ସହପାଠୀମାନେ ସେମାନଙ୍କ ସ୍ତ୍ରୀମାନଙ୍କ ସହ ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ଆନନ୍ଦର ସହ ବିତାଇଥିଲେ। ଡ. ଅଶ୍ୱିନୀ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବକୁ ଅନ୍ୟତମ ସହପାଠୀ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଡ. ବିଧୁକଲ୍ୟାଣ ମହାନ୍ତି, ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ଡ. ପ୍ରମୋଦ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ତ୍ରିନାଥ କୁମାର ସାହୁ, ପ୍ରଫେସର ମୋହିନୀକାନ୍ତ ମିଶ୍ର, ଆଇନଜୀବୀ ବିପିନ କୁମାର ଧଳ, ବିଭୁଦତ୍ତ ମିଶ୍ର, ପ୍ରହ୍ଲାଦ ଡାକୁଆ, ପ୍ରଫେସର ହେମନ୍ତ କୁମାର ପରିଡା, ଶରତ ଚନ୍ଦ୍ର ଦଳବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ସଦସ୍ୟ ନିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୂରାତନ ସହପାଠୀ ।

# କଣ୍ଟିଲୋ ବିକାଶ ପରିଷଦର ନୂତନ କର୍ମକର୍ତ୍ତା

ଖଣ୍ଡପଡ଼ା,୪।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ବିକାଶ ପରିଷଦର କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଶ୍ମଶାନଚଣ୍ଡୀ ପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ୨୫ ଜଣ ସଦସ୍ୟ ଉପସ୍ଥିତ ରହି ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ଏହି ନିର୍ବାଚନୀ ସଭାରେ ସହମତି ଭିତ୍ତିରେ ତଥା ନିର୍ଦ୍ୱନ୍ଦ୍ୱରେ କର୍ମକର୍ତ୍ତା ଚୟନ କରାଯାଇଥିବା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାରଣାଙ୍କ ଠାରୁ ସୂଚନା ମିଳିଛି । ଏହି କ୍ରମରେ ସଭାପତି ଭାବେ ମାଧବ ଚନ୍ଦ୍ର ସାହୁ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣା, ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ସହ ସମ୍ପାଦକ ସୁଶାନ୍ତ କୁମାର ବେହେରା(ମିଥୁନ), କୋଷାଧକ୍ଷ ଭାବେ ଦିଲୀପ କୁମାର ସାହୁଙ୍କ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି । ସେହିପରି ପରିଚାଳନା କମିଟିର ସଦସ୍ୟ ଭାବରେ ଅମୀୟ କୁମାର ସାହୁ, କାଶୀନାଥ ମହାରଣା, ମାନଗୋବିନ୍ଦ ବେହେରା, ରାଜେଶ କୁମାର ମହାରଣା, ରାମଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଜେନା, ନିହାର ରଞ୍ଜନ ମିଶ୍ର, ବସନ୍ତ କୁମାର ସାହୁ, ସରୋଜ କୁମାର ସାହୁ, ରଜତ କୁମାର ଦାସ ଓ ଚିତ୍ତ ରଞ୍ଜନ ମହାରଣା ପ୍ରମୁଖ ୧୧ ଜଣ କମିଟି ସଦସ୍ୟଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଛି। ତେବେ ଏହି ପରିଚାଳନା ପରିଷଦ ଆସନ୍ତା ୨ବର୍ଷ ଯାଏ ଦାୟିତ୍ୱ ନେବା ଦିନଠାରୁ କାର୍ଯ୍ୟକାରୀ ହେବ ବୋଲି ନିର୍ବାଚନ ଅଧିକାରୀ ମହାରଣା ଲିଖିତ ସୂଚନା ଦେଇଛନ୍ତି । ଅପରପକ୍ଷେ ବିକାଶ ପରିଷଦର ବର୍ତ୍ତମାନର ସଭାପତି ଥିବା ଯୁଗଳ କିଶୋର ନାୟକ ଅଭିଯୋଗ କରିଛନ୍ତି, ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ବହୁ ସଦସ୍ୟ ନିଜସ୍ୱ ମତାମତ ଦେଇ ନାହାନ୍ତି । ଏଣୁ ଏହା ଅସିଦ୍ଧ ଅଟେ ।

# ଫାଇନାଲରେ କଟକ ମଙ୍ଗଳା କ୍ଲବ

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ



ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ନୟାଗଡ଼/ଭାପୁର,୪।୩(ଲୋକନାଥ ମିଶ୍ର/ଭରତ କୁମାର ବେହେରା):

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ମହୋତ୍ସବ ପଡ଼ିଆରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି। ଭାପୁର ସମ୍ପର୍କ କ୍ଲବ ଯୁବକ ସଂଘ ଦ୍ୱାରା ଆୟୋଜିତ ଓ ମୋ ମାଟି ଭାପୁର ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ମା'ମଙ୍ଗଳା କ୍ଲବ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ମା' ମଙ୍ଗଳା କ୍ଲବ କଟକ ସହିତ ଭଞ୍ଜନଗର ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୩ ମିନିଟ ମଧରେ କଟକ ଟିମର ଜର୍ସି ନଂ. ୨୪ ଗଣେଶ ସେଠୀ ଗୋଟିଏ ଗୋଲ ଦେଇଥିଲେ। ପରେ ୧୦ ନଂ.ଜର୍ସି ଖେଳାଳି ଦୀନବନ୍ଧୁ ଦାସ ଆଉ ଗୋଟିଏ ଗୋଲ ଦେଇଥିଲେ। ପୁନର୍ବାର ସେହି କଟକ ଟିମର ଜର୍ସି ନଂ. ୧୨ ଖେଳାଳି ସୁନୀଲ ସୋରେନ ତୃତୀୟ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ସମ୍ମାନୀତ ଅତିଥି ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି, ସାମାଜିକ କର୍ମୀ ମାଧବ ଚନ୍ଦ୍ର ବେହେରା, ଯୁବ ଉଦ୍ୟୋଗପତି ଦୀପ୍ତି ରଞ୍ଜନ ବଳିୟାର ସିଂହ, ଖବରଦାତା ଶୁଭେନ୍ଦୁ କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡା ଓ ପ୍ରଭାତ କୁମାର ବରାଡ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଉଲାସ ଚନ୍ଦ୍ର ପରିଡ଼ା, ଅବସରପ୍ରାପ୍ତ ଖେଳ ଶିକ୍ଷକ ଅନ୍ତର୍ଯାମୀ ପରିଡ଼ା ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ପରିଚାଳନା କରିଥିଲେ ମୁଖ୍ୟ ରେଫରୀ ରାଜୁ ମହାନ୍ତି ଓ ଲାଇନ୍‌ରେ ସହଯୋଗ କରିଥିଲେ ପ୍ରସନ୍ନ ନାୟକ, ପ୍ରଫୁଲ୍ଲ କୁମାର ବେହେରା। ଚତୁର୍ଥ ରେଫରୀ ଭାବେ ସାଗିର ଅହମ୍ମଦ ଓ ମ୍ୟାଚ କମିଶନର ଭାବରେ ଅବଦୁଲ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା

ଖଣ୍ଡପଡ଼ା,୪।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବ୍ରଜବନ୍ଧୁ ମିଶ୍ରଙ୍କ ଦ୍ୱାଦଶ ତିଥିରେ ଶନିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଉପସଭାପତି ମାନଗୋବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଅଖିଳ କୁମାର ସାହୁ, ଦେବୀଲାଲ ରଥ, ଦିଲୀପ କୁମାର ସାହୁ, ପ୍ରମୋଦ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମହାରଣା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ସ୍ମୃତି ସଭାରେ ସ୍ୱର୍ଗତ ମିଶ୍ରଙ୍କ ୨ ପୁଅ ଅରୁଣ ଓ ତପୁ ଉପସ୍ଥିତ ଥିଲେ ।

# ପଥପ୍ରାନ୍ତ ନାଟକ 'ଜଙ୍ଗଲ ଦେଇଛି ଜୀବନ ପ୍ରାଣ' ମଞ୍ଚସ୍ଥ

ଓଡ଼ଗାଁ,୪।୩(ଆଦର୍ଶ କୁମାର ପଟ୍ଟନାୟକ):

ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋକ୍ଲବ ଓ ସ୍କାଉଟ୍ ଗାଇଡ୍‌ର ପ୍ରାୟ ୨୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ରୋହିବାଙ୍କ ଗ୍ରାମରେ 'ଜଙ୍ଗଲ ଦେଇଛି ଜୀବନ ପ୍ରାଣ' ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ପିଲାମାନେ ଭାଲୁ, ସିଂହ, ହରିଣ, ଶୁଆ, ଚିଲ, ଶାଗୁଣା ଆଦି ବେଶ ଓ ମୁଖାପିନ୍ଧି ଏହି ନାଟକ ମଞ୍ଚସ୍ଥ କରିଥିଲେ। ଜଙ୍ଗଲରେ ନିଆଁ ଲଗାଇବାର କୁପରିଣତି ସ୍ୱରୂପ ତାପମାତ୍ରାରେ ଅହେତୁକ ବୃଦ୍ଧି ସାଙ୍ଗକୁ ଜଙ୍ଗଲରେ ବାସକରୁଥିବା ପଶୁପକ୍ଷୀମାନେ ବାସସ୍ଥାନ ହରାଇଛନ୍ତି। ସେହି କାରଣରୁ ପଶୁପକ୍ଷୀମାନେ ଗ୍ରାମ ଓ ସହର ଅଭିମୁଖୀ ହେବା ସାଙ୍ଗକୁ ମଣିଷ ଓ ପଶୁମାନଙ୍କ ମଧ୍ୟରେ ଖାଦ୍ୟ ଖାଦକ ଲଢେଇ ଚାଲିଛି । ଏଥିପାଇଁ ଉଭୟଙ୍କ ଜୀବନହାନୀ ଘଟୁଛି । ବର୍ଷା ଉଭେଇ ଯାଇଛି । ଏପରି ବିପଦ ପ୍ରତି ଲୋକଙ୍କୁ ସଚେତନ କରାଇବା, ଜଙ୍ଗଲରେ ଗଛ ଲଗାଇବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ବାର୍ତ୍ତା ପ୍ରେରଣ କରାଯାଇଥିଲା। ଏଭଳି ପରିବେଶ ଧର୍ମୀ ନାଟକ ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଥିଲେ ଶିକ୍ଷକ ସନ୍ତୋଷ କୁମାର ସାହୁ। ଗ୍ରାମର ସଭାପତି ସମେତ ଅନେକ ବୁଦ୍ଧିଜୀବୀ ଓ ଲୋକମାନେ ପିଲାଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ଆଲୋକ ନାୟକ, ଅବନ୍ତୀ ବେହେରା, ସୁନିତା ବେହେରା, ବିଷ୍ଣୁପ୍ରିୟା ବାରିକ, ବିଜୟଲକ୍ଷ୍ମୀ ଦଳେଇ, ପ୍ରିୟଦର୍ଶନୀ ମହାପାତ୍ର, ସୂର୍ଯ୍ୟମଣୀ ନାୟକ, ଖଗେଶ୍ୱର ବେହେରା, ରାଧାଗୋବିନ୍ଦ ନାୟକ ପ୍ରମୁଖ ଶିକ୍ଷୟିତ୍ରୀ,ଶିକ୍ଷକମାନେ ସହଯୋଗ କରିଥିଲେ।



ପଥପ୍ରାନ୍ତ ନାଟକରେ ଭାଗ ନେଇଥିବା ଛାତ୍ରଛାତ୍ରୀ ।

# ମାସେ ନ ପୂରୁଣୁ ଭାଙ୍ଗିଗଲା ପିଚୁରାସ୍ତା

## ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ

**ଯାଜପୁର,୪।୩(ହର୍ଷବର୍ଦ୍ଧନ ବେହେରା)**

ସହରବାସୀ ଏବଂ ପର୍ଯ୍ୟଟକଙ୍କ ଚିତ୍ତ ବିନୋଦନ ପାଇଁ ରାଜ୍ୟ ସରକାର ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏଥିପାଇଁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍)ରୁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଅଟକଳ ପ୍ରସ୍ତୁତ ହୋଇଛି। ଗତ ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧିବଦ୍ଧ ଭାବେ ଏହି ପ୍ରକଳ୍ପର ଉଦ୍‌ଘାଟନ କରି ସାରିଛନ୍ତି। ତେବେ ଉଦ୍‌ଘାଟନ ପୂର୍ବରୁ ବ୍ୟାସ ସରୋବର ପ୍ରକଳ୍ପକୁ ନିର୍ମାଣ ହୋଇଥିବା ପିଚୁ ରାସ୍ତାର ଏକାଧିକ ସ୍ଥାନ ଫାଟି ଯାଇ ଦବିଯାଇଛି। ଏପରି କି ପ୍ରକଳ୍ପ ଭିତରେ ଟାଇଲ୍ କାର୍ଯ୍ୟ, ଚାରାରୋପଣ, ବିଦ୍ୟୁତୀକରଣ, ଲୁହା ପାଇପ୍ ଇତ୍ୟାଦି କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଦିଲ୍ଲୀର ଠିକାସଂସ୍ଥା ଏନ୍‌ବିସିସି(ନ୍ୟାଶନାଲ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ


ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ରାସ୍ତାରୁ ପିଚୁ ଉଠିଯାଇଛି।

କ୍ରିଷ୍ଣା ବିଲଡର୍ସ ଏହି କାର୍ଯ୍ୟ କରୁଛି।

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇଥିଲା। ଏନ୍‌ଜିଟି ମାମଲା ଯୋଗୁ ପ୍ରକଳ୍ପର ଅଗ୍ରଗତିରେ କେତେକାଂଶ ପ୍ରଭାବିତ ହୋଇଥିଲା। ଏନ୍‌ଜିଟି ମାମଲାକୁ ନେଇ ଲଗାଇଥିବା କଟକଣା ୨୭।୯।୨୦୨୩ରୁ ଉଠାଇ ଦେଇଥିଲେ। ତେବେ ଏହି କଟକଣା ଯୋଗୁ ପ୍ରକଳ୍ପର ପାଥ୍‌ୱେ, କମ୍ୟୁନିଟି ସେଣ୍ଟର, ରାସ୍ତା, ପ୍ରକଳ୍ପର ପଶ୍ଚିମକୁ ପାଚେରି ନିର୍ମାଣ ଇତ୍ୟାଦି ଅଧାପନ୍ତରିଆ ରହିଥିଲା। ଫଳରେ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ ଠିକ୍ ଭାବେ ହୋଇ ପାରି ନ ଥିଲା। କିନ୍ତୁ ପ୍ରଶାସନିକ ଅବହେଳା କାରଣରୁ ଏନ୍‌ଜିଟି କଟକଣା ଉଠିବାର ପ୍ରାୟ ଦେଢ଼ ବର୍ଷ ପରେ ବି ବାକି କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ଏହାସହ ପୋଖରୀ, ଜଙ୍ଗଲ ସୃଷ୍ଟି, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି କାର୍ଯ୍ୟ ନୈରାଶ୍ୟଜନକ ହୋଇଛି। ବିଶେଷକରି ଜଙ୍ଗଲ ସୃଷ୍ଟି ନାମରେ ୧୦ କୋଟି ୫୦ ଲକ୍ଷ ୭୭ ହଜାର ୮୨୧ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସବୁଜିମା ଏଯାଏ ହୋଇ ପାରିନାହିଁ। ଫୁଲ ବଗିଚା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ଏହାବାଦ୍ ସିଭିଲ କାର୍ଯ୍ୟ ପାଇଁ ୩୮.୭୪ କୋଟି, ବିଦ୍ୟୁତୀକରଣ ପାଇଁ ୭.୦୩ କୋଟି, ବୋଟିଂ, ଶିଶୁ ଉଦ୍ୟାନ, ଫ୍ଲୋଟିଂ ଫାଉଣ୍ଟେନ ଇତ୍ୟାଦି ବାବଦକୁ ୬୯.୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପାଣି ସିଞ୍ଚନ ବ୍ୟବସ୍ଥା ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ ଅଧିକାଂଶ ଗଛ ମରିଯାଇଛି କିମ୍ବା ଠିକ୍ ଭାବେ ବଢ଼ିପାରିନାହିଁ। ରାସ୍ତା ନିର୍ମାଣ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପିଡବ୍ଲ୍ୟୁଡି ରାସ୍ତାଠାରୁ ବ୍ୟାସ ସରୋବର ଫାଟକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାର୍ଯ୍ୟରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ଫଳରେ ବିଭିନ୍ନ ସ୍ଥାନରେ ପିଚୁ ଉଠି ଗେଟି ଓ ମୋରମ ଦେଖିବାକୁ ମିଳିଛି। ଏହି ରାସ୍ତାର ଭିତ୍ତିଭୂମି ଠିକ ଭାବେ ନିର୍ମାଣ ହୋଇ ନ ଥିବାରୁ ବିଭିନ୍ନ ସ୍ଥାନରେ ଦବି ଯାଉଛି। ଆସନ୍ତା ୩ ରୁ ୪ ମାସ ମଧ୍ୟରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏଥିରୁ ସମ୍ପୃକ୍ତ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଅସାଧୁ କାରବାର ଥାଇପାରେ, ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲ୍‌ଡରର ପରିଚାଳକ ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା କାର୍ଯ୍ୟ ଠିକ ଭାବେ ନିର୍ମାଣ ହୋଇଛି। ତେବେ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଦବି ଯାଇଛି। ଆଗାମୀ ଦିନରେ ଏହାର ମରାମତି କରାଯିବ।

# ରାଜନୈତିକ, ଅର୍ଥନୈତିକ ଗଣତନ୍ତ୍ର ମଧ୍ୟରେ ବହୁ ପାର୍ଥକ୍ୟ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ବରୀ,୪।୩(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ 'ଅର୍ଥନୈତିକ ଗଣତନ୍ତ୍ର, ସାମାଜିକ ପରିବର୍ତ୍ତନର ଏକ ନୂତନ ବିଚାରଧାରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲ ଯୋଗଦେଇ ସମାଜର ବର୍ତ୍ତମାନର ବାସ୍ତବ ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଆଜିର ସମାଜ କିପରି ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ପରିପୁଷ୍ଟ ହେବା ସହ ଏହାର ମୂଳ ମହାନ ସଂସ୍କୃତିରୁ ଦୂରେଇ ଯାଉଛି ବୋଲି ମତ ରଖିଥିଲେ।

## 'ଅର୍ଥନୈତିକ ଗଣତନ୍ତ୍ର, ସାମାଜିକ ପରିବର୍ତ୍ତନର ନୂତନ ବିଚାରଧାରା' ଶୀର୍ଷକ ଆଲୋଚନାଚକ୍ର

ମୁଖ୍ୟବକ୍ତାଭାବେ ଭାରତର ବିଶିଷ୍ଟ ସମାଜଚିନ୍ତକ, ଅର୍ଥନୀତିବିଶ୍ଳେଷକ ରାଜେଶ ସିଂ ଯୋଗଦେଇ ରାଜନୈତିକ ଗଣତନ୍ତ୍ର ଓ ଅର୍ଥନୈତିକ ଗଣତନ୍ତ୍ର ମଧ୍ୟରେ ବହୁ ପାର୍ଥକ୍ୟ ରହିଛି ବୋଲି ମତରଖିଥିଲେ। ଅନ୍ୟତମ ବକ୍ତା କାହ୍ନୁ ଚରଣ ବେହୁରା ଯୋଗଦେଇ ଛାତ୍ର ଓ ବେକାରି ସମସ୍ୟା ପାଇଁ ବର୍ତ୍ତମାନର ପ୍ରଚଳିତ ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ଦାୟୀ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କୁଳମଣି ଶୁକ୍ଳ ଯୋଗଦେଇ ଯୁବ ପିଢ଼ିଙ୍କ ଅର୍ଥନୈତିକ ବିକାଶ ହେଲେ ସମାଜର ପରିବର୍ତ୍ତନ ସମ୍ଭବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ଅଧ୍ୟାପକ ମିଳନ କୁମାର ସେଠୀ ସଭା ପରିଚାଳନା କରଥିଲେ। ସରୋଜ ମହାପାତ୍ର, ବନ୍ଦିତା ଦାସ, ତାରକାନ୍ତ ଆଚାର୍ଯ୍ୟ, ଜୟୀରାମ ନାୟକ, ପ୍ରଶାନ୍ତ ବେହୁରା, ସୁଧୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ କୁଳମଣି ସାହୁ ଧନ୍ୟବାଦ ଦେଇଥିଲେ।

# ମହାବିନାୟକ ସଂରକ୍ଷିତ ଜଙ୍ଗଲରେ ନିଆଁ

**ଚଣ୍ଡିଖୋଲ,୪।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବୈରୀ ଡାଳିଯୋଡା ରେଞ୍ଜ ଅଧୀନ ଚଣ୍ଡିଖୋଲ ନିକଟ ମହାବିନାୟକ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ନିଆଁଲାଗିଛି। ପରେ ଚଣ୍ଡିଖୋଲ ଦମକଳ କେନ୍ଦ୍ର ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତଭାବେ ନିଆଁକୁ ଆୟତ୍ତ କରାଯାଇଛି। ସକାଳେ ହଠାତ ଜଙ୍ଗଲରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲା। ଏହାପରେ ଜଙ୍ଗଲ ବିଭାଗର କର୍ମଚାରୀ ଆସି ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ପବନ ବହୁଥିବା କାରଣରୁ ନିଆଁ ବ୍ୟାପୀ ଯାଇଥିଲା। ବହୁ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲାଗିବା କାରଣରୁ ବହୁ ମୂଲ୍ୟବାନ ଗଛ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। ତେବେ କେହି ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ରରେ ବିଡି କିମ୍ବା ସିଗାରେଟ ନିଆଁ ପକାଇ ଥାଇପାରନ୍ତି ବୋଲି ଚଣ୍ଡିଖୋଲ ଦମକଳ କେନ୍ଦ୍ରର ଫାୟର ଅଫିସର ସନ୍ତୋଷ କୁମାର ସାଇଁ ପ୍ରକାଶ କରିଛନ୍ତି। ଖରାଦିନ ଆସି ଯାଇଥିବାରୁ ଜଙ୍ଗଲ ନିଆଁ ଲାଗିଲେ ଏହାକୁ ଆୟତ୍ତ କରିବା କଷ୍ଟକର। ତେଣୁ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହେବା ଜରୁରୀ ବୋଲି ସେ କହିଛନ୍ତି।


ମହାବିନାୟକ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି।

# ବାପାଙ୍କ ମୃତ୍ୟୁର ୧୬ ଦିନ ପରେ ପୁଅଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ,୪।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ବାପାଙ୍କ ମୃତ୍ୟୁର ୧୬ ଦିନ ପରେ ଏକମାତ୍ର ପୁଅ ସୋମବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ପାଟଣା ଗ୍ରାମରେ। ଗତ ମାସ ୧୫ ତାରିଖରେ ନାନପୁର ପାଟଣା ଗ୍ରାମର ବିଦ୍ୟାଧର ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ସମସ୍ୟା ଯୋଗୁ ଦୀର୍ଘ ଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ତାଙ୍କର ଏକମାତ୍ର ପୁଅ ପ୍ରଦୀପ କୁମାର ପ୍ରଧାନ(୪୦) ଶୁଦ୍ଧି କ୍ରିୟା କାର୍ଯ୍ୟ କରିଥିଲେ। ହେଲେ ଏହାପରେ ହଠାତ ଘରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବା ସହ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପାରିବାରିକ କଳହ କାରଣରୁ ପ୍ରଦୀପ ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ଆଲୋଚନା ହେଉଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦର୍ଶ


@ ଆଲୋକ


@ ବଳରାମ


@ ସୁଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଦ ଜବତ, ୨ ଗିରଫ

**ଯାଜପୁରରୋଡ୍,୪।୩(ପବିତ୍ର ରଞ୍ଜନ ମହାନ୍ତି):**

ଡୋଳିପୁର ଅବକାରୀ ବିଭାଗ ପକ୍ଷରୁ କୋରେଇ ଥାନା ପୂର୍ବକୋଟ ଅଞ୍ଚଳରେ ସୋମବାର ଅପରାହ୍ନରେ ଚଢ଼ାଉ କରାଯାଇ ୯୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିସହିତ ୨ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସେହି ଅଞ୍ଚଳର ରାଜୁ ଦାସ(୩୦) ଓ ଶିବ ପ୍ରଧାନ(୩୦)। ଏନେଇ ଅବକାରୀ କେସ ନଂ.୨୭୫ ଓ ୨୭୬/୨୪-୨୫ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଅବକାରୀ ଅଧିକାରୀ ଶ୍ରୀକାନ୍ତ ପଣ୍ଡା, ଏଏସ୍ଆଇ ରଶ୍ମିରେଖା ଜେନା, ସୁଚିତ୍ରା ନାୟକ ଏବଂ ଚଗଲା ମଲିକ ସାମିଲ ହୋଇଥିଲେ।

# ଅବହେଳିତଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ


ଭାଜପାର ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**ରସୁଲପୁର,୪।୩(ରଞ୍ଜିତ ରାଉତ):**

## ଭାଜପାର ସମ୍ବର୍ଦ୍ଧନା ସଭା

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଦୈନିକ ପରିବା ବଜାରଠାରେ ଭାଜପା ପକ୍ଷରୁ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭା ପ୍ରାକ୍ତନ ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃଣମୂଳସ୍ତରରେ ରହିଥିବା ଅବହେଳିତ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟବକ୍ତା ଭାବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ, ବରୀ ଭାଜପା ନେତା ଉମେଶ ଜେନା, ବିଞ୍ଝାରପୁର ଭାଜପା ନେତ୍ରୀ ବବିତା ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମୀଙ୍କ ଅବିଶ୍ରାନ୍ତ ପରିଶ୍ରମ ଓ ଭୋଟରଙ୍କ ଦଳ ଉପରେ ବିଶ୍ୱାସ ଯୋଗୁ ରାଜ୍ୟରେ ଭାଜପା ସରକାର ଗଠନ ସମ୍ଭବପର ହୋଇପାରିଛି ବୋଲି କୁହାଯାଇଥିଲା। ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ସମନ୍ୱୟ ରକ୍ଷା କରି ଶୃଙ୍ଖଳିତ ଭାବରେ କାର୍ଯ୍ୟ କରୁଥିବାରୁ ଦଳୀୟ ସକ୍ରିୟ କର୍ମୀଙ୍କ ସଂଖ୍ୟା ୫ଲକ୍ଷରେ ପହଞ୍ଚି ପାରିଛି ବୋଲି ସୂଚନା ଦିଆଯାଇଥିଲା। ଏଭଳି ସଫଳତା ପାଇଁ ମଞ୍ଚାସୀନ ଅତିଥି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହିତ କର୍ମୀମାନେ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବାରେ ବ୍ରତୀ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ନୂତନ ଭାବରେ ମନୋନୀତ ହୋଇଥିବା ଜିଲା ସଭାନେତ୍ରୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦଳୀୟ କର୍ମୀ ସହଯୋଗ କରିଥିଲେ। ସଭାରେ ୧୦୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢ଼େଙ୍କାନାଳ ସଦର (ନଂ. ୩), ଥାନା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢ଼େଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ସାମାଜିକ କର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ**

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣସିଂହ)-ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ଗୋକୁଳପୁର ଗ୍ରାମର ଯୁବ କଳାକାର ତଥା ସାମାଜିକ କର୍ମୀ ସୁଦର୍ଶନ ସିଂହ(୫୨)ଙ୍କ ସୋମବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ଘରେ ବସିଥିବା ସମୟରେ ହଠାତ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ପରିବାର ଲୋକେ ନେଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଦର୍ଶନ ବିଭିନ୍ନ ସାମାଜିକ କ୍ଷେତ୍ରରେ ଜଡ଼ିତ ରହିବା ସହ ଜଣେ ମଞ୍ଚ କଳାକାର ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମ ଶ୍ମଶାନରେ ସୁଦର୍ଶନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଚାଲିଛି ନିମ୍ନମାନର କାମ


ନଦୀପଠା ଖୋଳାଯାଇ ମାଟି ଉଠାଯାଇଛି।


ରାସ୍ତାରେ ପଡ଼ିଥିବା ବାଲିମିଶା ମାଟି ଓ ମୋରମ।

- ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଠିକାଦାର
- ନଦୀପଠା ତଡ଼ାଯାଇ ନିର୍ମାଣାଧୀନ ବନ୍ଧରେ ପଡୁଛି ମାଟି
- ବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନାଉଗାଁ,୪।୩(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳଠାରୁ ଅଙ୍ଗେଶ୍ୱରପଡ଼ା ଦେବୀନଦୀର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟଟି ଜଗତ୍‌ସିଂହପୁର ଜଳସେଚନ ବିଭାଜନ ଅଧୀନ ଆଳିପିଙ୍ଗଳ ଓ ଅଲଣାହାଟ ଉପଖଣ୍ଡ ଅଧୀନରେ ରହିଛି। ଏହି ନଦୀବନ୍ଧ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ବନ୍ଧ କାର୍ଯ୍ୟ ବନ୍ଦ ରଖିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଠିକାଦାର ମାନୁନାହାନ୍ତି । ସମ୍ପୃକ୍ତ ଠିକାଦାର ଏଠାରେ ନିମ୍ନମାନର କାର୍ଯ୍ୟ ଜାରି ରଖିଛନ୍ତି। ଶତକଡା ୯୦ ଭାଗ ବାଲିରେ ୧୦ ଭାଗ ନାଲି ମୋରମ ନାମକୁମାତ୍ର ମିଶାଇ ବନ୍ଧରେ ପକାଉଛନ୍ତି। ଫଳରେ ସାମାନ୍ୟ ପବନରେ ଉକ୍ତ ବାଲି ମୋରମ ନଦୀବନ୍ଧରୁ ଉଡ଼ିଯାଉଛି। ସେହିପରି ନଦୀପଠାରୁ ମାଟି ତାଡ଼ିବାର ନିୟମ ନ ଥିବା ବେଳେ ସମ୍ପୃକ୍ତ ଠିକାଦାର ସେଠାରୁ ମାଟି ତାଡ଼ି ବନ୍ଧର ଉଭୟ ପାର୍ଶ୍ୱରେ ପକାଉଛନ୍ତି। କାହା ନିର୍ଦ୍ଦେଶରେ ନଦୀପଠାରୁ ମାଟି ତଡ଼ାଯାଉଛି ତାହା ତଦନ୍ତସାପେକ୍ଷ। ନଦୀପଠାରୁ ମାଟି ତଡ଼ାଯିବା ଫଳରେ ବର୍ଷାଦିନେ ନଦୀବନ୍ଧ ପ୍ରତିବିପଦ ସୃଷ୍ଟିକରିପାରେ ବୋଲି ସ୍ଥାନୀୟ ବାସିନ୍ଦା କୈଳାସ ଲେଙ୍କା, ବିପିନ ମହାନ୍ତି, ନିରଞ୍ଜନ ଲେଙ୍କା ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି। ନିୟମାନୁସାରେ, ବନ୍ଧକାର୍ଯ୍ୟରେ ପ୍ରଥମେ ମେଟାଲ, ମୋରମ ପକାଯାଇ ରୋଲିଂ ପରେ ପିଚୁ କରାଯିବାର ନିୟମ ରହିଛି। କିନ୍ତୁ ସମ୍ପୃକ୍ତ ଠିକାଦାର ତାହା କରୁନାହାନ୍ତି। ଏହି ନଦୀବନ୍ଧର ପାଖାପାଖି ୧୧ କି.ମି. କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଅପରପକ୍ଷେ କାର୍ଯ୍ୟାଦେଶର ଅବଧି ମଧ୍ୟ ସରିଯାଇଛି। ଏହି ଅବଧି ୨୮ ଡିସେମ୍ବର ୨୦୨୩ରୁ ୨୭ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ। ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧର ଉନ୍ନତୀକରଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ କୌଣସି ସୂଚନାଫଳକ ଲଗାଯାଇନାହିଁ। ଫଳରେ ଠିକାସଂସ୍ଥା ମନମୁଖି କାର୍ଯ୍ୟ କରୁଛି। ନିମ୍ନମାନର କାର୍ଯ୍ୟ ଯୋଗୁ ନଦୀବନ୍ଧ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ବିଷୟରେ ଆଳିପିଙ୍ଗଳ ଜଳସେଚନ ଉପଖଣ୍ଡ ଯନ୍ତ୍ରୀ ଫକୀର ଚରଣ ସେଠ୍‌ଙ୍କୁ ପଚାରିବାରେ ଠିକାଦାରଙ୍କୁ କାର୍ଯ୍ୟ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେପର୍ଯ୍ୟନ୍ତ ନିୟମାନୁସାରେ ପୁନର୍ବାର କାର୍ଯ୍ୟ କରାଯାଇନାହିଁ ସେପର୍ଯ୍ୟନ୍ତ ଉକ୍ତ ସଂସ୍ଥାର ବିଲ୍ କରାଯିବ ନାହିଁ ବୋଲି ସେ କହିଛନ୍ତି।

# ସୁରକ୍ଷା ସଂସ୍କୃତିକୁ ସମସ୍ତେ ମାନିବା ଉଚିତ

## ଇଫ୍‌କୋ ପରିସରରେ ଜାତୀୟ ସୁରକ୍ଷା ଦିବସ କାର୍ଯ୍ୟକ୍ରମ

ପାରାଦୀପ, ୪।୩(ଶରତ ରାଉତ)

ପାରାଦୀପ ଇଫ୍‌କୋ କାରଖାନା ପରିସରରେ ମଙ୍ଗଳବାର ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ କରାଯାଇଛି। ଏହି ଅବସରରେ କମ୍ପାନୀର ସୁରକ୍ଷା ଟିମ୍, ଅଗ୍ନିଶମ ବିଭାଗ ଓ ଅନ୍ୟ ଶ୍ରମିକ କର୍ମଚାରୀମାନଙ୍କୁ ନେଇ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା, କମ୍ପାନୀ ମୁଖ୍ୟ ପି.କେ. ମହାପାତ୍ର, ଯୁଗ୍ମ ସାଧାରଣ ପରିଚାଳକ ଆର.କେ. ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ସଂସ୍କୃତିକୁ ସମ୍ମାନ ଜଣାଇ ସମସ୍ତେ ସତର୍କ ରହିଲେ ଆମେ ନିଜର ଓ ଅନ୍ୟର ସୁରକ୍ଷା କରିପାରିବା ବୋଲି କମ୍ପାନୀ ମୁଖ୍ୟ ମହାପାତ୍ର କହିଥିଲେ। କମ୍ପାନୀ ପ୍ରଥମେ ସୁରକ୍ଷା ନିରାପତ୍ତା କଥା ଚିନ୍ତାକରେ। ସେହି ହିସାବରେ କେତେକ କଟକଣା ମଧ୍ୟ ଜାରି କରେ। ଏହା କେତେଜଣଙ୍କୁ ଅଡୁଆ ଲାଗିପାରେ କିନ୍ତୁ ସମସ୍ତଙ୍କ ସୁରକ୍ଷା ପାଇଁ ଏହା ନିହାତି ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ଅଧିକାରୀ ଡା. ପ୍ରସନ୍ନ କୁମାର ବେଉରା ଓ ଅନ୍ୟମାନେ ପରିଚାଳନା କରିଥିଲେ।

# କର୍ମକ୍ଷେତ୍ରରେ ସୁରକ୍ଷା ନିରାପତ୍ତା ଅତ୍ୟନ୍ତ ଜରୁରୀ


ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଏବଂ ଅନ୍ୟମାନେ।

## ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାରାଦୀପ,୪।୩(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ୫୪ତମ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଇଏମ୍‌ଇ ସୁଶୀଲ ନାହାକ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବନ୍ଦର ପ୍ରଶାସନିକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହାରାନ୍ଧ କର୍ମକ୍ଷେତ୍ରରେ ସୁରକ୍ଷା ନିରାପତ୍ତା ରହିବା ଅତ୍ୟନ୍ତ ଜରୁରୀ। ସବୁବେଳେ ମନେରଖିବା କଥା, ତୁମର ନିରୀହ ପରିବାର ତୁମକୁ ଅପେକ୍ଷା କରିଛି। ଏହାକୁ ମନରେ ରଖି କାମ କଲେ ଆମେ ଅନେକ ସମ୍ଭାବ୍ୟ ବିପଦରୁ ବର୍ତ୍ତି ପାରିବା। ଏହି ଅବସରରେ ଏକ ସଚେତନତା ରଥକୁ ହାରାନ୍ଧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଏକ ସଚେତନତା ରାଲି ପ୍ରଶାସନିକ ଭବନରୁ ବାହାରି ବନ୍ଦରର ୪ନଂ. ଗେଟ୍ ପର୍ଯ୍ୟନ୍ତ ଯାଇଥିଲା। ଏହି ଉପଲକ୍ଷେ ସପ୍ତାହବ୍ୟାପୀ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି।

# ଜିଲା ମହୋତ୍ସବ କଲ୍ଲୋଳ ପାଇଁ ସ୍ମରଣିକା ସବ୍‌କମିଟିର ପ୍ରସ୍ତୁତି

ଜଗତ୍‌ସିଂହପୁର, ୪।୩(ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ (ସାଧାରଣ)ଙ୍କ ପ୍ରକୋଷ୍ଠରେ ଜିଲା ମହୋତ୍ସବ କଲ୍ଲୋଳ-୨୦୨୫ ପାଳନ ନିମନ୍ତେ ସ୍ମରଣିକା ସବ୍‌କମିଟିର ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଆଦିପତ୍ର ସ୍ମରଣିକାର ସଫଳ ରୂପାୟନ କାମନା କରିବା ସହ ଏହାକୁ ଜିଲାର ଦର୍ପଣ ବୋଲି ସମ୍ବୋଧିତ କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସ୍ମରଣିକାର ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସମ୍ପାଦକୀୟ ସୂଚନା ପ୍ରଦାନ କରିବା ପରେ ଆଦିପତ୍ର ନିମନ୍ତେ ଲେଖା ସଂଗ୍ରହର ଶେଷତାରିଖ ଧାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ମାର୍ଚ୍ଚ ୧୨ ସୁଦ୍ଧା ଜଗତ୍‌ସିଂହପୁରର ବିଭିନ୍ନ ଲେଖକ ଓ ଲେଖିକାଙ୍କଠାରୁ ଭୂଗୋଳ,ଐତିହ୍ୟ, କଳା, ସଂସ୍କୃତି, ସାହିତ୍ୟ, ପରିବେଶ, ବ୍ୟକ୍ତି ଓ ଧର୍ମଧାରା ଉପରେ ଆଧାରିତ ଲେଖାଗୁଡ଼ିକ ଦାଖଲ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହାପରେ ସ୍ମରଣିକା ନିମନ୍ତେ ବାର୍ତ୍ତା ଓ ବିଜ୍ଞାପନ ସଂଗ୍ରହ, ସ୍ଥାନିତ ହେବାକୁଥିବା ଚିତ୍ର, ମୁଦ୍ରଣ କାର୍ଯ୍ୟ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ସହକାରୀ ଜିଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ।

# ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ

## ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଏରସମା,୪।୩(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଡିଓ ଦାଶରଥି ଜେନା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲିଆକତ୍ ଅଲ୍ଲୀ ଖାଁ, ସିଡିପିଓ କ୍ରିଷ୍ଣାକୁମାରୀ ରାଉତ, ଯୋଗାଣ ନିରୀକ୍ଷକ ଅମିୟ ରଞ୍ଜନ ପ୍ରଧାନ, ଜିପିଡିଓ ସୂର୍ଯ୍ୟପ୍ରକାଶ ସାମନ୍ତସିଂହାର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ୍ ନାୟକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷୀକେଶ ରାଉତରାୟ ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଉପରେ ବକ୍ତବ୍ୟ ଦେଇଥିଲେ। ବିଡିଓ ଜେନା କହିଥିଲେ, ଏରସମା ବ୍ଲକ ଏକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ହୋଇଥାଏ। ଏନେଇ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କର ଧନଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକେ ସଚେତନ ହେବା ଜରୁରୀ ବୋଲି ସେ କହିଥିଲେ। ଓସ୍‌ଡମା ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ଡିଙ୍କିଆର ଚଟୁଆ, ବଳେଇପୁର, ଜାନକୀଦେଇପୁର, ବାଲିତୁଠ, ଭିତର ଅନ୍ଧାରି, ନୂଆଡିହି, ସୋମପୁର, ପଏଦା, ପୋଖରିଆପଡ଼ା, ଏରସମା, ଜିରାଇଲୋ, ପଲ୍ଲିକଣ୍ଢା ଆଦି ପଞ୍ଚାୟତର ୪୦ ଗ୍ରାମରେ ଖୁବ୍‌ଶୀଘ୍ର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟ ସମ୍ପାଦନ କରାଯିବ ବୋଲି କର୍ମଶାଳାରେ ଘୋଷଣା କରାଯାଇଥିଲା। ବ୍ଲକ ନୋଡାଲ ଅଫିସର ନଳିନୀ ରଞ୍ଜନ ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ୧୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦର୍ଶ


@ ଆଲୋକ


@ ବଳରାମ


@ ସୁଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱାସ୍ଥ୍ୟ ସମସ୍ୟାର ସମାଧାନକୁ ଗୁରୁତ୍ୱ

## ଆଶାକର୍ମୀଙ୍କ ପ୍ରଶିକ୍ଷଣ ଶିବିର

ଏରସମା, ୪।୩(ଦୀପ୍ତି ଖଣ୍ଡୁଆଳ)

ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ୨୭ ତାରିଖରୁ ଆଶାଙ୍କ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମିୟ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଡ. ସ୍ମିତା ମହାପାତ୍ର, ପିଏଚ୍‌ଇଓ କବିତା ମହାନ୍ତି, ବିପିଏମ୍ ହରିହର ଚଇନି ପ୍ରମୁଖ ଉପସ୍ଥିତ ହୋଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୩୬ ଜଣ ଆଶାକର୍ମୀ ଗ୍ରାମରେ ସୃଷ୍ଟି ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଓ ତା'ର ସମାଧାନ, ଔଷଧ ବିତରଣ, ପ୍ରାଥମିକ ଚିକିତ୍ସା, ଗୋଷ୍ଠୀଗତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ।

# ଏକର ପ୍ରତି ମୂଲ୍ୟ ବୃଦ୍ଧି ପରେ ସହମତି ଜଣାଇଲା ଚାଷୀ କମିଟି

## ପେଟ୍ରୋ କେମିକାଲ କମ୍ପ୍ଲେକ୍ସ ପାଇଁ ମୃତ୍ତିକା ପରୀକ୍ଷଣ ବିବାଦର ସମାଧାନ

- ଉଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ନିର୍ମାଣକାର୍ଯ୍ୟ ନ କରିବାକୁ ନିଷ୍ପତ୍ତି
- ପୂର୍ବରୁ ହୋଇଥିବା ରାଜନୈତିକ ଆଲୋଚନା ବିଫଳ ହୋଇଥିଲା

କୁଜଙ୍ଗ,୪।୩(ମନୋଜ ପ୍ରଧାନ)

ପ୍ରସ୍ତାବିତ ପେଟ୍ରୋ କେମିକାଲ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଚାଲିଥିବା ବିବାଦର ସମାଧାନ ହୋଇଯାଇଛି। ଏହି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ମୃତ୍ତିକା ପରୀକ୍ଷଣକୁ ବିରୋଧ କରିଆସୁଥିବା ମା' ବରୁଣେଇ କୃଷକ ଏକତା ମଞ୍ଚ ମଙ୍ଗଳବାର ଏଥିପାଇଁ ସହମତି ପ୍ରକାଶ କରିଛି। ଏନେଇ କୃଷକ ଏକତା ମଞ୍ଚର କର୍ମକର୍ତ୍ତାଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଇଡ୍‌କୋ ଟାୱାରରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା, ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପପୁର ମୌଜା ଜମିର ଏକର ପିଛା ମୂଲ୍ୟ ୨୧ ଲକ୍ଷ ୯୨ ହଜାର ୧୮୨ ଟଙ୍କା ୯୩ ପଇସା ହୋଇଥିବାବେଳେ ଫତେପୁର ମୌଜାର ଜମିର ମୂଲ୍ୟ ଏକର ପ୍ରତି ୨୧ ଲକ୍ଷ ୫୦ ହଜାର ୫ ଶହ ୨୪ ଟଙ୍କା ୧୦ ପଇସା ସ୍ଥିର କରାଯାଇଛି। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବନାହିଁ ବୋଲି ନିଷ୍ପତ୍ତି ହୋଇଛି।

ପ୍ରକାଶ ଯେ, ୨୦୦୮ରେ ପାରାଦୀପ ଶିଳ୍ପାଞ୍ଚଳରେ ଟାଉନଶିପ୍ ନିମନ୍ତେ କୁଜଙ୍ଗ ତହସିଲ ଅନ୍ତର୍ଗତ ପ୍ରତାପପୁର ଓ ଫତେପୁର ମୌଜାର ୭୨୨ ଏକର ୨୯ ଡିସିମିଲ ଜମି ଅଧିଗ୍ରହଣ ନିମନ୍ତେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେତେବେଳେ ଜମିର ଏକର ପ୍ରତି ମୂଲ୍ୟ ୧୧ ଲକ୍ଷ ୫୭ ହଜାର ଓ ଅନୁକମ୍ପାମୂଳକ ରାଶି ୨ ଲକ୍ଷକୁ ମିଶାଇ ମୋଟ୍ ୧୩ ଲକ୍ଷ ୫୭ ହଜାର ଟଙ୍କା ଦେବାକୁ ରାଜ୍ୟ ସରକାର ସ୍ଥିର କରିଥିଲେ। ଏଥିରେ ଚାଷୀମାନେ କ୍ଷତି ସହିବା ଅଭିଯୋଗ କରିଥିଲେ। ଏନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ନେଇ ମା' ବରୁଣେଇ କୃଷକ ଏକତା ମଞ୍ଚ ଗଠନ କରାଯାଇ ଜମିର ଅଧିକ ମୂଲ୍ୟ ଦେବାକୁ ଦାବି କରିଥିଲେ। ପରବର୍ତ୍ତୀ ସମୟ ୨୦୧୬ରେ ୨୦୧୩ ଥଇଥାନ ବିସ୍ଥାପନ ନୀତି ଆଧାରରେ କ୍ଷତିପୂରଣ ପାଇବା ନିମନ୍ତେ କୃଷକ ଏକତା ମଞ୍ଚ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟାୟାଳୟଙ୍କ ମଧ୍ୟବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଚାଷୀମାନେ ଏକର ପ୍ରତି ସ୍ଥିରୀକୃତ ୧୩ ଲକ୍ଷ ୫୭ ହଜାର ଟଙ୍କା ଗ୍ରହଣ କରିଥିଲେ। ଅନ୍ୟପଟେ ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ମକଦ୍ଦମାର ଶୁଣାଣି ଶେଷ ହୋଇଥିଲେ ବି ଚୂଡ଼ାନ୍ତ ରାୟ ସଂରକ୍ଷିତ ରଖିଛି। ମାତ୍ର ରାୟ ପ୍ରକାଶ ପାଇବା ପୂର୍ବରୁ ଉକ୍ତ ଜମି ଉପରେ ପ୍ରସ୍ତାବିତ ପେଟ୍ରୋ କେମିକାଲ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ମୃତ୍ତିକା ପରୀକ୍ଷଣ ପାଇଁ କମ୍ପାନୀ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଥିବା ଅଭିଯୋଗ କରି କୃଷକ ଏକତା ମଞ୍ଚ ବିରୋଧ କରିଥିଲା। ରାୟ ପ୍ରକାଶ ପୂର୍ବରୁ ମୃତ୍ତିକା ପରୀକ୍ଷଣ କରାଇ ଦିଆଯିବନାହିଁ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ସୋମବାର ସନ୍ଧ୍ୟାରେ ହୋଇଥିବା ରାଜନୈତିକ ଆଲୋଚନା ବିଫଳ ହୋଇଥିଲା। ତେବେ ମଙ୍ଗଳବାର ବୈଠକ ପରେ ଏହି ମାମଲାର ସମାଧାନ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ଜିଲାପାଳ ଜେ. ସୋନାଲ, ଇଡ୍‌କୋ ମହାପ୍ରବନ୍ଧକ, ନିର୍ବାହୀ ନିର୍ଦ୍ଦେଶକ ଇଡ୍‌କୋଙ୍କ ସମେତ କୃଷକ ଏକତା ମଞ୍ଚ ସଭାପତି ସଂଗ୍ରାମ କିଶୋର ରାଉତରାୟ, ସମ୍ପାଦକ ଅଭୟ ସାମଲ, ଗୌରହରି ସ୍ୱାଇଁ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର (ନଂ. ୩), ଥାନା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢେଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଡାଲି ବିହନ ଉପରେ ଗବେଷଣା ବନ୍ଦ

ନୟାଗଡ଼,୪।୩ (ଲୋକନାଥ ମିଶ୍ର)

ନୟାଗଡ଼ରେ ଆଉ ଡାଲି ବିହନ ଉପରେ ଗବେଷଣା ହେଉନାହିଁ। ୨୦୧୮ରେ ଖୋର୍ଦ୍ଧାର ଗୁରୁଜଙ୍ଗ ରାସ୍ତାରେ ଗୁରୁଜଙ୍ଗସ୍ଥିତ ଖୋର୍ଦ୍ଧା କୃଷି ଫାର୍ମରେ ଡାଲି ଗବେଷଣା କେନ୍ଦ୍ର ଖୋଲିବା ପରେ ନୟାଗଡ଼ ଡାଲି ଗବେଷଣା କେନ୍ଦ୍ର ଅଚଳ ହୋଇପଡ଼ିଛି। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରୀ ଅନୁଦାନ ବି ବନ୍ଦ ହୋଇଯାଇଛି। ଏଭଳିସ୍ଥଳେ ଡାଲି ଗବେଷଣା କେନ୍ଦ୍ରକୁ ସଚଳ କରିବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିବାବେଳେ ଜିଲା ପରିଷଦ ବୈଠକରେ ବି ଆଲୋଚନା ହୋଇଛି। ତେବେ ୬ ବର୍ଷ ହେଲା ଆଉ ଡାଲି ପରୀକ୍ଷଣ ହେଉନାହିଁ।

ନୟାଗଡ଼ରେ ଡାଲି ଗବେଷଣା କେନ୍ଦ୍ର ୧୯୬୫ ମସିହାରେ ସ୍ଥାପନ ହୋଇଥିଲା। ବିରି, ମୁଗ, ହରଡ଼, ମସୁର, ମଟର, ବୁଟ ପରି ଡାଲିର କିସମ ବଜାରକୁ ଆସିବା ପୂର୍ବରୁ ଏଠାରେ ପରୀକ୍ଷଣ ହେଉଥିଲା। ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା କେନ୍ଦ୍ର କାନପୁର ପକ୍ଷରୁ ସମ୍ପୃକ୍ତ ପରୀକ୍ଷଣ ନୟାଗଡ଼ରେ କରାଯାଉଥିଲା। ଏଠାରେ ବୈଜ୍ଞାନିକମାନେ ନିଯୁକ୍ତି ପାଇଥିଲେ। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ତେବେ ୨୦୧୮ ମସିହାରେ ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା କେନ୍ଦ୍ର କାନପୁର ଓ ରାଜ୍ୟ ସରକାର ଖୋର୍ଦ୍ଧାରେ କରିବା ପରେ ନୟାଗଡ଼ କେନ୍ଦ୍ର ମନକୁ ମନ ବନ୍ଦ ହୋଇଗଲା। ତେବେ ୨୧।୯।୨୦୨୪ରେ ନୟାଗଡ଼ ଜିଲା ପରିଷଦ ବୈଠକରେ ନୟାଗଡ଼ ଡାଲି ଗବେଷଣା କେନ୍ଦ୍ର କେଉଁ କାରଣରୁ ଅଚଳ ହୋଇପଡ଼ିଛି ସେନେଇ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଉପସ୍ଥାପନ କରିଥିଲେ। ତେବେ କୃଷି ବିଭାଗ ପକ୍ଷରୁ ଏଠାର ଠିକ୍ କାରଣ ଦର୍ଶାଯାଇ ପାରି ନ ଥିଲା। ଏ ସମ୍ପର୍କରେ ୨୮।୨।୨୦୨୫ରେ ଅନୁଷ୍ଠିତ ଜିଲା ପରିଷଦ ବୈଠକକୁ ଓ ପାତ୍ରଙ୍କୁ କୃଷି ବିଭାଗ ଦେଇଥିବା ରିପୋର୍ଟରେ ଡାଲି ଗବେଷଣା କେନ୍ଦ୍ର ଅଚଳ ହେବାର କାରଣ ଦର୍ଶାଇଛି। ୨୦୧୮ରେ ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା କେନ୍ଦ୍ର କାନପୁରର ନିଜସ୍ୱ ଗବେଷଣା କେନ୍ଦ୍ର ଖୋର୍ଦ୍ଧାର ଡେରାସ ଫାର୍ମଠାରେ ୬୦ ଏକର ଜମିରେ କରିବା ପରେ ନୟାଗଡ଼ କେନ୍ଦ୍ର ଅଚଳ ହୋଇପଡ଼ିଛି। ନୟାଗଡ଼ କେନ୍ଦ୍ରକୁ ଆଉ ସରକାରୀ ଅନୁଦାନ ଆସୁନାହିଁ। ଡେରାସ୍ ଫାର୍ମରେ ଡାଲି ଗବେଷଣା ଚାଲିଛି ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷେ କୃଷି ବିଭାଗର ରିପୋର୍ଟକୁ ଅନୁଧ୍ୟାନକଲେ ଡେରାସରେ ଡାଲି ଗବେଷଣା କେନ୍ଦ୍ର ଯୋଗୁ ନୟାଗଡ଼ରେ ଅଚଳ ହୋଇଗଲା ବୋଲି ସ୍ପଷ୍ଟ ହୋଇଛି। ଜଣେ ଅବସରପ୍ରାପ୍ତ କୃଷି ମୁଖ୍ୟ ଅଧିକାରୀଙ୍କ ସୂଚନା ଅନୁସାରେ ଡେରାସରେ ନୁହେଁ ଖୋର୍ଦ୍ଧାର ଗୁରୁଜଙ୍ଗରେ ଡାଲି ଗବେଷଣା କେନ୍ଦ୍ର ଖୋଲିଛି। କୃଷି ବିଭାଗ ପୁରୀ ଏମ୍‌ପିଙ୍କୁ ଦେଇଥିବା ରିପୋର୍ଟରେ ସ୍ଥାନର ନାଁ ଭୁଲ୍ ରହିଛି। ଡେରାସରେ ଡାଲି ଗବେଷଣା କେନ୍ଦ୍ର ନାହିଁ। କୃଷି ବିଭାଗ ତା'ର ରିପୋର୍ଟ ସଂଶୋଧାନ କରିବା ଦରକାର ବୋଲି କହିଛନ୍ତି।



ନୟାଗଡ଼ରେ ଫଳକରେ ଅଟକିଛି ଡାଲି ଜାତୀୟ ଗବେଷଣା କେନ୍ଦ୍ର।

- ଅଚଳ ହୋଇ ପଡ଼ିଛି ନୟାଗଡ଼ର ଡାଲି ଗବେଷଣା କେନ୍ଦ୍ର
- ବଜାରକୁ ଆସିବା ପୂର୍ବରୁ ହେଉଥିଲା ପରୀକ୍ଷଣ
- ୨୦୧୮ରୁ ପରୀକ୍ଷଣ ହେଉନି ଡାଲି ବିହନ
- ଖୋର୍ଦ୍ଧାରେ ଖୋଲିବା ପରେ ଅଚଳାବସ୍ଥା
- ନୟାଗଡ଼ କେନ୍ଦ୍ରକୁ ବନ୍ଦ ହୋଇଗଲା ଆର୍ଥିକ ସହାୟତା

## ଆନ୍ଦୋଳନ ପାଇଁ ସଜବାଜ

ନୟାଗଡ଼ରେ ଡାଲି ଗବେଷଣା କେନ୍ଦ୍ର ବନ୍ଦ ହୋଇଯିବା ପରେ ସରକାର ନୟାଗଡ଼ର କୃଷି ଓ କୃଷକଙ୍କୁ ଅଣଦେଖା କରିଥିବା ଅଭିଯୋଗ ଉଠିଛି। ଏ ନେଇ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇବା ସହ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି। ଏ ନେଇ କଂଗ୍ରେସ ନେତା ରଣଜିତ୍ ଦାଶ କହିଛନ୍ତି, ନୟାଗଡ଼ରେ ଡାଲି ଗବେଷଣା କେନ୍ଦ୍ରରେ ତାଲା ଝୁଲିବା ପରଠାରୁ ଆମେ ପ୍ରତିବାଦ କରି ଆସିଛୁ। ବିଜେଡି ସରକାର ସମୟରେ ନୟାଗଡ଼ ପ୍ରତି ଅନ୍ୟାୟ କରାଯାଇଛି। ଖଣି ଖାଦାନ ଓ ଶିଳ୍ପ ନ ଥିବା ଜିଲାକୁ ଏପରି କରାଯିବା ଠିକ୍ ନୁହେଁ। ତୁରନ୍ତ ନୟାଗଡ଼ ଡାଲି ଗବେଷଣା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରୁଛୁ। ନଚେତ୍ ଆମେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ। ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି, ନୟାଗଡ଼ରେ ଡାଲି ଗବେଷଣା କେନ୍ଦ୍ର ଏଠାରେ ଥିଲା ଭଲ ହୋଇଥିଲା। ତେବେ ଖୋର୍ଦ୍ଧାକୁ ସ୍ଥାନାନ୍ତର କରାଯିବା ଠିକ୍ ନୁହେଁ। ଆମେ ଏ ନେଇ ଆନ୍ଦୋଳନ କରିବୁ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକଙ୍କୁ ପଚାରିବାରେ ନୟାଗଡ଼ ଡାଲି ଗବେଷଣା କେନ୍ଦ୍ର ସମ୍ପର୍କରେ କୌଣସି ତଥ୍ୟ ଆମ ପାଖରେ ନାହିଁ। ଯେତିକି ତଥ୍ୟ ସଂଗ୍ରହ କରିଛୁ ସେନେଇ ଜିଲା ପରିଷଦକୁ ପ୍ରଦାନ କରିଛୁ ବୋଲି ସେ କହିଛନ୍ତି।

# ଭିନ୍ନ ଏକ ସହଯାତ୍ରୀ, ଭିନ୍ନ ଏକ ନିଷ୍ପତ୍ତି ମଞ୍ଚସ୍ଥ

ନୟାଗଡ଼,୪।୩(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ୫ମ ରାଜ୍ୟସ୍ତରୀୟ ନାଟ୍ୟମେଳାର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ସାମାଜିକ ନାଟକ 'ଭିନ୍ନ ଏକ ସହଯାତ୍ରୀ' ମଞ୍ଚସ୍ଥ ହୋଇଥିଲା । ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମଠାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକକୁ ବିଶିଷ୍ଟ ନାଟ୍ୟକାର ପଞ୍ଚାନନ ଦାଶ ରଚନା କରିଥିଲେ । ନିର୍ଦ୍ଦେଶନା ଦେଇଥିଲେ ମଳୟ କୁମାର ମହାନ୍ତି । ଭୁବନେଶ୍ୱରର ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ପରିବେଷିତ ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ମାନସ କୁମାର ପରିଡ଼ା। ଅତିଥି ଭାବେ ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦାନ କରିଥିବା ବେଳେ ନାଟ୍ୟଧାରା ପରିବାର ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦାନ କରିଥିଲେ । ଆଜିର ନାରୀର ମନୋବଳ, ପାରଦର୍ଶିତା ଓ ଆକ୍ରମଣାତ୍ମକ ପ୍ରତିମୂର୍ତ୍ତି ଦେଖିଲେ ପୁରୁଷ ପଛରେ ପଡ଼ିଗଲା ପରି ମନେହୁଏ । ସମୟ ଆସିଗଲାଣି, ଆଜିର ନାରୀ ସହ ପାଦ ମିଳାଇ ଚାଲିବାକୁ ହେଲେ ପୁରୁଷ ସଶକ୍ତିକରଣ ବା ପୁରୁଷର ସଶକ୍ତିକରଣ ଆବଶ୍ୟକ । ଏମିତି ଏକ ବାସ୍ତବମୁଖୀ ଭାବନା ଓ ପରୀକ୍ଷାମୂଳକ ପ୍ରୟୋଗକୁ ନେଇ ନାଟକ 'ଭିନ୍ନ ଏକ ସହଯାତ୍ରୀ' ମଞ୍ଚସ୍ଥ ହୋଇଥିଲା । ନାଟକର ବିଭିନ୍ନ ଭୂମିକାରେ ବିରଞ୍ଚି କୁମାର ଦାଶ, ମଳୟ କୁମାର ମହାନ୍ତି, କରୁଣାକର ସାମଲ,ପ୍ରଦୀପ କୁମାର ପାଇକରାୟ, କାହ୍ନୁଚରଣ ପ୍ରଧାନ, ଜ୍ୟୋତିରଞ୍ଜନ ରାୟ,ରାଜେଶ ମଲିଆ, ଅନନ୍ୟା ମହାପାତ୍ର, ବିବେକ ଲାଲ ପ୍ରମୁଖ ଅଭିନୟ କରିଥିଲେ ।

ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ 'ଭିନ୍ନ ଏକ ନିଷ୍ପତ୍ତି' ନାଟକ ମଞ୍ଚସ୍ଥ ହୋଇଥିଲା । ମା'ବାପାଙ୍କ ବାର୍ଦ୍ଧକ୍ୟର ବେଦନାକୁ ଦର୍ଶକମାନେ ଦେଖିଥିଲେ । ମା'ବାପା ନିଜ ପୁଅଝିଅଙ୍କୁ ପାଳିପୋଷି ବଡ଼ କରିବାରେ କିଛି ସର୍ତ୍ତ ରଖି ନ ଥାନ୍ତି। ସେମାନେ ନିଜ ପାଇଁ ନୁହେଁ, ବରଂ ପୁଅ ଝିଅଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଥାନ୍ତି। ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତିଟି ଆହ୍ୱାନକୁ ଖୁସିରେ ସାମ୍ନା କରିଚାଲିଥାନ୍ତି। ପୁଅ ଚାକିରୀ କରିବା ପରେ ଓ ଭଲ ସ୍ଥାନରେ ଅବସ୍ଥାପିତ ପରେ ଅନେକ ପୁଅ ଝିଅ ବାପା ମା'ଙ୍କୁ ହତାଦର କରି ଅସହାୟ କରି ଚାଲିଛନ୍ତି। ଏହି ନାଟକକୁ ରଚନା କରିଥିଲେ ବିଶିଷ୍ଟ ନାଟ୍ୟକାର ଅଶୋକ କୁମାର ବହିଦାର। ନିର୍ଦ୍ଦେଶନା ଦେଇଥିଲେ ସୁଜିତ କୁମାର ପାତ୍ର । ବିଭିନ୍ନ ଭୂମିକାରେ ରାକେଶ କୁମାର ଶତପଥୀ, ଅମ୍ଳାଂଶୁ ପୂଜାରୀ, ଶୁଭମ ମହାଙ୍କୁର, ଶିବାଶିଷ ଝଙ୍କାର, ବିଶାଳ କୁମାର ନାୟକ, ବିଷ୍ଣୁପ୍ରିୟା ଗଡତିଆ, ଜୁଲିରାଣୀ ଷଣ୍ଢ ପ୍ରମୁଖ ଅଭିନୟ କରିଥିଲେ। ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ, ଦେବଗଡ଼ ପକ୍ଷରୁ ପରିବେଷିତ ଏହି ନାଟକରେ ଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦାନ କରିଥିଲେ। ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ ନାୟକ, ଉପ ସଭାପତି ବିଶ୍ୱନାଥ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ନାଟକ ଭିନ୍ନଏକ ସହଯାତ୍ରୀ ଓ ଭିନ୍ନ ଏକ ନିଷ୍ପତ୍ତିର ଦୃଶ୍ୟ ।

### ରାଜ୍ୟସ୍ତରୀୟ ନାଟ୍ୟମେଳା

## ଆଧାରକାର୍ଡ ନ ଥିବାରୁ କଟିଗଲା ଭତ୍ତା

ନୟାଗଡ଼,୪ ।୩(ଲୋକନାଥ ମିଶ୍ର): ଆଧାର କାର୍ଡ ନ ଥିବାରୁ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ମାଣିକପୁର ଗାଁର ସମ୍ବାରୀ ପ୍ରଧାନ(୭୪)ଙ୍କର ଭତ୍ତା କଟିଗଲା । ପ୍ରଶାସନ ଭତ୍ତା କାଟି ଦାୟିତ୍ୱ ଶେଷ କରିଦେଇଥିବାବେଳେ ସମ୍ବାରୀ ଆଧାର କାର୍ଡ କରିବା ପାଇଁ ୨୦ ମାସ ହେଲା ସଂଗ୍ରାମ କରି ଆସୁଥିଲେ ମଧ୍ୟ ସଫଳ ହୋଇ ନାହାନ୍ତି । ସେପଟେ ବାର୍ଦ୍ଧକ୍ୟ ବାଧା ସାଜିଥିବାରୁ ଆଧାର କାର୍ଡ ହୋଇ ପାରୁ ନ ଥିବା ଜଣାପଡିଛି । ମାଣିକପୁର ଗାଁର ସମ୍ବାରୀ ପ୍ରଧାନ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ପାଉଥିଲେ । ଆଧାରକାର୍ଡ ନ ଥିବାରୁ ୨୦୨୩ ଅଗଷ୍ଟ ମାସରୁ ଭତ୍ତା ବନ୍ଦ ହୋଇ ଯାଇଛି । ଶେଷ ଭତ୍ତା ୨୦୨୩ ଜୁଲାଇ ୧୫ରେ ପାଇଥିଲେ । ଆଧାର କାର୍ଡ କରିବା ପାଇଁ ବ୍ୟାଙ୍କ, ପୋଷ୍ଟ ଅଫିସ ଏପରି କି ଭୁବନେଶ୍ୱର ଯାଇ ଫେରିଛନ୍ତି । ବାର୍ଦ୍ଧକ୍ୟରେ କେହି ତାଙ୍କର ସହଯୋଗୀ ନ ଥିବାବେଳେ ନିଜ ପାଇଁ ନିଜେ ପରିଶ୍ରମ କରି ଆଧାର କାର୍ଡ କରିବାରେ ସଫଳ ହୋଇ ନାହାନ୍ତି ବୋଲି କହିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦର୍ଶ


@ ଆଲୋକ


@ ବଳରାମ


@ ସୁଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେବୋତ୍ତର କଲୋନୀରୁ ଚୋରି

### ଗ୍ରୀଲ,କବାଟ ଭାଙ୍ଗି ବୁଲାଇଲେ କଳାକନା

ନୟାଗଡ଼,୪ ।୩(ଲୋକନାଥ ମିଶ୍ର): ନୟାଗଡ଼ ଟାଉନ ଥାନା ଦେବୋତ୍ତର କଲୋନୀ ୫ମ ଲେନ୍‌ର ଆଇନଜୀବୀ ଅମୀୟ ପଟ୍ଟନାୟକଙ୍କ ଭଡା ଘରୁ ରବିବାର ରାତିରେ ଚୋରି ହୋଇଛି । ଚୋରମାନେ ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶି ଆଲମିରାରୁ ୮ଗ୍ରାମ ଓଜନର ସୁନା ଗହଣା, ୨ ହଜାର ଟଙ୍କା ଚୋରାଇ ନେଇଛନ୍ତି । ଅମୀୟ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକାଗୋଡା ଗାଁକୁ ଯାଇଥିବାବେଳେ ଚୋରି ହୋଇଛି । ତେବେ ଚୋରଙ୍କ ଚୋରି କରିବାର ଦୃଶ୍ୟ ସିସିଟିଭିରେ ରହିଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ

## ୨୦ ବର୍ଷ ପରେ ବି ରେଗୁଲାର ମାନ୍ୟତା ମିଳିଲା ନାହିଁ


କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ନୟାଗଡ଼,୪ ।୩(ଲୋକନାଥ ମିଶ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ କର୍ମଚାରୀମାନେ ଚାକିରିରେ ରେଗୁଲାର ଦାବିରେ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିଛନ୍ତି। ୯ ତାରିଖ ଭିତରେ ସରକାର ଦାବି ପୂରଣ ନ କଲେ ୧୦ ତାରିଖରୁ ଭୁବନେଶ୍ୱରରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ନୟଗଡ଼ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ନୟାଗଡ଼ ଜିଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ଦେବା ସମୟରେ ଜିଲା ସଭାପତି ଶୁଭ ସଂକେତ ପଣ୍ଡା, ଜିଲା ସମ୍ପାଦକ ବିଶ୍ୱ ରଞ୍ଜନ ଦଳେଇ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଦିଲୀପ ବସନ୍ତିଆ , ପ୍ରଭାକର ପଲେଇ, ଗୋପାଳ ପରିଡ଼ା, ଦିଲୀପ ପ୍ରଧାନ, ସନତ ମହାପାତ୍ରଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସ୍ୱଳ୍ପ ଦରମା,ଓ ଚୁକ୍ତିଭିତ୍ତିକ ଚାକିରି ରେ ୨୦୦୫ରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନସ୍ଥ କର୍ମଚାରୀମାନେ କାମ କରୁଛନ୍ତି। ଦୀର୍ଘ ୨୦ ବର୍ଷ ଧରି କାମ କରିବା ପରେ ବି ସରକାର ସେମାନଙ୍କୁ ରେଗୁଲାର କରୁନାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବାରେ କଷ୍ଟକର ହୋଇପଡିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ କଳାବ୍ୟାଚ ପିନ୍ଧି ସେମାନେ ଶାନ୍ତିପୂର୍ଣ୍ଣ ଭାବେ ନିଜେ ନିଜର କାର୍ଯ୍ୟ କରୁଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

ବିକ୍ରୟ ବିଜ୍ଞପ୍ତି

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର (ନଂ. ୩), ଥାନା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢେଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପଞ୍ଚାୟତିରାଜ ଦିବସ: ଜୋର୍ ଧରିଲା ରାଜନୀତି

- ୬ ତାରିଖରେ ରାଜ୍ୟବ୍ୟାପୀ ପ୍ରତିବାଦ: ସଞ୍ଜୟ
- ଓଡିଆ ଅସ୍ମିତା ଭୁଲିଗଲା ଭାଜପା ସରକାର: ଭକ୍ତ
- ବିଜୁବାବୁ ବିଜେଡିର ନୁହେଁ ଜାତୀୟ ସମ୍ପତ୍ତି: ପୂଜାରୀ


ସରକାରଙ୍କ ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ପ୍ରତିବାଦ କରୁଛି।

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ବିଜୁବାବୁଙ୍କ ଜୟନ୍ତୀ ଅର୍ଥାତ୍ ମାର୍ଚ୍ଚ ୫କୁ ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଥିଲେ। ହେଲେ ରାଜ୍ୟରେ ପ୍ରଥମ ଥର ଲାଗି ଗତ ସାଧାରଣ ନିର୍ବାଚନରେ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଶାସନ ଗାଦିରୁ ହଟିଛି। ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ଶାସନ କ୍ଷମତାକୁ ଆସିବା ପରେ ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖରେ ପରିବର୍ତ୍ତନ କରିଛି। ରାଜ୍ୟ ସରକାର ସୋମବାର ଏକ ବିଜ୍ଞପ୍ତି ପ୍ରକାଶ କରି ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏପରିକି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫କୁ ଯେଉଁ ସରକାରୀ ଛୁଟିଦିନ ଭାବେ ଗଣାଯାଉଥିଲା ତାକୁ ମଧ୍ୟ ପରିବର୍ତ୍ତନ କରିଦିଆଯାଇଛି। ଭାଜପା ସରକାରଙ୍କ ଏଭଳି ପଦକ୍ଷେପ ବିରୋଧରେ ଉଭୟ ବିଜେଡି ଓ କଂଗ୍ରେସ ବର୍ଷିଛନ୍ତି।

ବିଜେଡି ପକ୍ଷରୁ ଭାଜପା ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରାଯାଇଛି। ବୁଧବାର ରାଜ୍ୟବ୍ୟାପୀ ବିଜେଡି ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରିଛି। ଏହାପରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟର ସବୁ ସଦର ମହକୁମାରେ ପ୍ରତିବାଦ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୬ରେ ରାଜ୍ୟସ୍ତରରେ ଦଳ ପକ୍ଷରୁ ପ୍ରତିବାଦ କରାଯିବ। ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ ଛୁଟି କଥା ଉଲ୍ଲେଖ ରହିଛି। ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନର ବିରୋଧ କରାଯିବ ବୋଲି ସଞ୍ଜୟ କହିଛନ୍ତି।

ଏହିପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ ଭାଜପା ସରକାରକୁ ଆସିଛି। ହେଲେ ଓଡ଼ିଆ ଅସ୍ମିତାକୁ ଯିଏ ସୁରକ୍ଷା ଦେଇଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ମହାପୁରୁଷଙ୍କ ଜୟନ୍ତୀରେ ତାଙ୍କୁ ଅସମ୍ମାନ କରିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁବାବୁ ସୁଦୃଢ଼ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ବିଜୁବାବୁଙ୍କୁ ଭାଜପା ସରକାର ସମ୍ମାନ ଦେଉନାହାନ୍ତି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ। ସେମାନେ ବିଜୁବାବୁଙ୍କୁ ଡରି ଭାଜପା ସରକାର ଏଭଳି ଚକ୍ରାନ୍ତ କରିଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ଏକ ନିନ୍ଦନୀୟ ବିଷୟ। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ଓଡ଼ିଆ ଅସ୍ମିତା ଭୁଲିଗଲେ। ବିଜୁବାବୁଙ୍କ ସହ ବାଜପେୟୀଙ୍କର ରହିଥିବା ସମ୍ପର୍କ କଥା ମଧ୍ୟ ଭୁଲିଗଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରୁଥିବା ଭକ୍ତ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜୁବାବୁ ଓଡ଼ିଶାର ଜଣେ ବରପୁତ୍ର ଥିଲେ ବୋଲି ଏଥିରେ କାହାରି ସନ୍ଦେହ ନାହିଁ। ଏଥିରେ ପକ୍ଷ ପ୍ରତିପକ୍ଷ କିଛି ନୁହେଁ। ବିଜୁବାବୁ କେବଳ ବିଜେଡିର ନୁହନ୍ତି, ସେ ଜାତୀୟ ସମ୍ପତ୍ତି ଥିଲେ। ତେଣୁ ତାଙ୍କ ପାଇଁ ଅସମ୍ମାନର ପ୍ରଶ୍ନ ନାହିଁ। ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଛି । ଓଡ଼ିଶାରେ ଆମେ କାହିଁକି ଭିନ୍ନ। ଜନତା ଦଳ ଥିବାବେଳେ ଏପ୍ରିଲ ୨୪ରେ ପଞ୍ଚାୟତ ଦିବସ ପାଳନ କରେ। ଆମେ ଯଦି କହିବା ସ୍ୱାଧୀନତା ଦିବସ ଆଉ ଦିନେ ପାଳନ କରିବା ଏହା କ'ଣ ସମ୍ଭବ। ଜାତୀୟ ସ୍ରୋତରେ ଓଡ଼ିଶା ଯୁଗେ ଯୁଗେ ରହିଛି। ବିଜୁବାବୁଙ୍କ ଜୟନ୍ତୀ ବା ତିରୋଧାନ ଦିବସ ବିଜେଡି ନୁହେଁ ରାଜ୍ୟବାସୀ ପାଳନ କରିବେ। ଘଣ୍ଟେ ଦୁଘଣ୍ଟା ବିଜୁ ଜୟନ୍ତୀ ପାଳନ ପାଇଁ କାହିଁକି ଗୋଟିଏ ଦିନ ଛୁଟି ହେବ ବୋଲି ପୂଜାରୀ କହିଛନ୍ତି।

## ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନବୀନଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

**ବିଜେଡି କହିଲା ହ୍ୱାଟସାପ୍ କାର୍ଡ ନିନ୍ଦନୀୟ**

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ ହେବାକୁ ଯାଉଛି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହକୁ ରାଜ୍ୟ ସରକାର ପାଳନ କରିବାକୁ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି। ଜୟଦେବ ଭବନଠାରେ ସନ୍ଧ୍ୟା ୭ଟା ସମୟରେ ଏହି କାର୍ଯ୍ୟକ୍ରମ ରାଜ୍ୟସ୍ତରୀୟ ଭାବେ ପାଳନ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବା ଲାଗି ନବୀନଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହାର ଶୋଭାବର୍ଦ୍ଧନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିମନ୍ତ୍ରଣ ପତ୍ରକୁ ନେଇ ରାଜନୀତି ଜୋର୍ ଧରିଛି। ହ୍ୱାଟ୍ସଆପ୍ ଜରିଆରେ ବିରୋଧୀ ଦଳ ନେତାଙ୍କୁ ଏଭଳି ନିମନ୍ତ୍ରଣ ଆସିବା କଥା କହି ବିଜେଡି ପାଲଟା ସରକାରଙ୍କ ଉପରେ ବର୍ଷିଛି। ବିଜୁ ବାବୁଙ୍କୁ ନେଇ ଭାଜପା ସରକାର ରାଜନୀତି କରୁଥିବା ବିଜେଡି ଅଭିଯୋଗ କରିଛି।

## ରାଜନୈତିକ ସ୍ୱାର୍ଥ ଲାଗି ବିଜେଡି ପଞ୍ଚାୟତିରାଜ ଦିବସକୁ ବିଭ୍ରାନ୍ତି କରିଥିଲା: ଭାଜପା

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଭାରତବର୍ଷର ଗଣତନ୍ତ୍ରରେ ଏପ୍ରିଲ ୨୪ ହେଉଛି ଏକ ଐତିହାସିକ ଦିନ। ଏହି ଦିନରେ ଦେଶରେ ସମ୍ବିଧାନର ୭୩ତମ ସଂଶୋଧନକୁ ଲାଗୁ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା। ଫଳରେ ବର୍ତ୍ତମାନ ଦେଶରେ ଲକ୍ଷ ଲକ୍ଷ ତୃଣମୂଳ ସ୍ତରର ପଞ୍ଚାୟତ ଜନପ୍ରତିନିଧିମାନେ ଗଣତନ୍ତ୍ରରେ ଭାଗନେବାର ସୁଯୋଗ ପାଉଛନ୍ତି ଏବଂ ନିଜ ଅଞ୍ଚଳର ଦାୟିତ୍ୱ ନିଜେ ନେଇପାରୁଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀର ଅନିଲ କହିଛନ୍ତି, ଯେତେବେଳେ ସାରା ଦେଶ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛି ଓଡ଼ିଶା ମଧ୍ୟ ଏହିଦିନକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ଯାଉଛି। ଆଶ୍ଚର୍ଯ୍ୟ ବିଜେଡିକୁ କାହିଁକି ଏହା ବାଧୁଛି, ସେମାନେ କାହିଁକି ଏହାର ସମାଲୋଚନା କରୁଛନ୍ତି ଜଣାପଡୁନାହିଁ। କେବଳ ନିଜର ରାଜନୈତିକ ସ୍ୱାର୍ଥରେ ବାଧା ଆସୁଥିବାରୁ ବିଜେଡି ବୋଧେ ଏପ୍ରିଲ ୨୪ ଭଳି ଐତିହାସିକ ଦିନକୁ ଭୁଲିଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ମଧ୍ୟ କରିଛନ୍ତି। ତେଣୁ ଏ ନେଇ କୌଣସି ବିବାଦ ବିଜେଡି କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ଦିଶା ବୈଠକରୁ ଉଠି ଚାଲିଗଲେ ଏମ୍ପି ପ୍ରଦୀପ

ପାରଳାଖେମୁଣ୍ଡି,୪।୩(ଗିରିଧାରୀ ପରିଛା)



ପାରାଳାଖେମୁଣ୍ଡି ଦିଶା ବୈଠକରେ ଉପସ୍ଥିତ ଏମ୍ପି, ବିଧାୟକ ଓ ଅନ୍ୟମାନେ।

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ଏମ୍ପି ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜିଲା ବିକାଶ ସମନ୍ୱୟ ଓ ଉପଦେଷ୍ଟା କମିଟି (ଦିଶା) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ହେଲେ କେତେକ କାର୍ଯ୍ୟର ସ୍ଥାଣୁତା ନେଇ ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଏମ୍ପି ବୈଠକ ଅଧାରୁ ଉଠି ଚାଲିଯାଇଥିବା ଦେଖିବାକୁ ମିଳିଛି।

ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ଜିଲାପାଳ ବିଜୟ ଦାଶ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ବିଡିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଜିଲାପାଳ ଦିଶା ବୈଠକ ସମ୍ପର୍କରେ ସୂଚନା ଦେଇ ଉପସ୍ଥିତ ଜନ ପ୍ରତିନିଧିଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନର ଅଭିଯୋଗ ଉପରେ ଠିକ ମତ ରଖିବାକୁ ଜିଲା ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏମ୍ପି ପାଣିଗ୍ରାହୀ କେନ୍ଦ୍ରୀୟ ଅନୁଦାନ ଓ ଖର୍ଚ୍ଚ ଉପରେ ଆଲୋଚନା କରିବାକୁ କହିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟ ଖସଡ଼ା ଅନୁସାରେ ଆଲୋଚନା ହୋଇଥିଲା। ଜିଲାର ଅନୁନ୍ନତ ତଥା ଦୁର୍ଗମ ଅଞ୍ଚଳର ପାନୀୟ ଜଳ ସମସ୍ୟା ଉପରେ ଆଲୋକପାତ କରି ମୋହନା ବିଧାୟକ ଗମାଙ୍ଗ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ମେଗା ପ୍ରକଳ୍ପ କାର୍ଯ୍ୟ ଧିମା ଚାଲିଥିବା ଓ ସମୟ ଅବଧି ପରେ ମଧ୍ୟ କାର୍ଯ୍ୟ ସରି ନ ଥିବା ଜିଲା ପରିଷଦ ଅଧ୍ୟକ୍ଷ ରାଓ ଅଭିଯୋଗ କରିଥିଲେ। ଜିଲାପାଳ ଜିଲାର ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରିତାକୁ ନେଇ କ୍ଷୋଭ ପ୍ରକାଶ କରି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ଏବଂ ଡାକ୍ତର କର୍ମଚାରୀ ଅଭାବ ନେଇ ଏମ୍ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଏମ୍ପି କହିଥିଲେ, ଖୁବ୍ ଶୀଘ୍ର ମେଡିକାଲ କଲେଜ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ନିଜ ହାତ ପାଣ୍ଠିରୁ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଗୋସାଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ସକାଶେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିକଟସ୍ଥ ବିଦ୍ୟାଳୟ କୋଠାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଗ୍ରୀଷ୍ମ ଋତୁ ପୂର୍ବରୁ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତ୍ୟେକ ବ୍ଲକକୁ ଗୋଟିଏ ଲେଖାଏ ନଳକୂପ ଖନନ ଲାଗି ଗାଡି ମହଜୁଦ ସକାଶେ ନିଷ୍ପତ୍ତି ହୋଇଛି। ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ କରି ସମସ୍ୟାର ସମାଧାନ ସକାଶେ ପଦକ୍ଷେପ ନିଆଯାଇଛି ବୋଲି ଏମ୍ପି ପାଣିଗ୍ରାହୀ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା ପାଇଁ ବିଭଗୀୟ ଅଧିକାରୀଙ୍କଠାରୁ ଏମ୍ପି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ତାଙ୍କୁ ସନ୍ତୁଷ୍ଟ ନ ଲାଗିବାରୁ ସେ ଅଧାରୁ ବୈଠକ ଛାଡି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

# Business

## ଏଆଇ ଯୁଗରେ ଦକ୍ଷ କର୍ମଚାରୀ ବଡ଼ କମ୍ପାନୀଙ୍କୁ ସମସ୍ୟା

ଭୁବନେଶ୍ୱର,୪।୩ (ଅନୁରାଧା ମହାରଣା)




ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଭାରତୀୟ କମ୍ପାନୀଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ମାତ୍ର ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ଫାଇଦା ନେବାକୁ ବଡ଼ କମ୍ପାନୀଗୁଡ଼ିକ ଠିକ୍ ଏଆଇ କୌଶଳ ଏବଂ ଆନୁଷଙ୍ଗିକ ଦକ୍ଷତାପୂର୍ଣ୍ଣ କର୍ମଚାରୀ ଖୋଜିବା କଷ୍ଟ ହୋଇପଡ଼ିଛି। ଏହା କମ୍ପାନୀଗୁଡିକ ପାଇଁ ଏକ ବଡ ସମସ୍ୟା ଭାବେ ଉଭାହୋଇଛି। ନିଯୁକ୍ତି ନେଟ୍‌ୱର୍କିଂ ସାଇଟ ଲିଙ୍କ୍‌ଡଇନ ରିପୋର୍ଟରେ ଏପରି ତଥ୍ୟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୫୪% ଏଚ୍‌ଆର୍ ପ୍ରଫେସନାଲ କହିଛନ୍ତି, ଚାକିରି ଆବେଦନକାରୀଙ୍କ ମଧ୍ୟରୁ କେବଳ ଅଧା ବା ତା'ଠାରୁ କମ୍ ଆବେଦନକାରୀ ସମସ୍ତ ଆବଶ୍ୟକ ଯୋଗ୍ୟତା ପୂରଣ କରିଥା'ନ୍ତି। ଠିକ୍ ବୈଷୟିକ ଦକ୍ଷତା (୬୧%) ଏବଂ ସଫ୍ଟ ସ୍କିଲ୍ (୫୭%) ସହିତ ପ୍ରାର୍ଥୀ ଖୋଜିବା ଏଚ୍‌ଆର୍ ପ୍ରଫେସନାଲମାନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଭାରତରେ ସବୁଠାରୁ କଷ୍ଟସାଧ୍ୟ କୌଶଳ ହେଉଛି ବୈଷୟିକ / ଆଇଟି ଦକ୍ଷତା ଯେପରିକି ସଫ୍ଟୱେର ବିକାଶ, ଇଞ୍ଜିନିୟରିଂ (୪୪%), ଏଆଇ କୌଶଳ (୩୪%) ଏବଂ ଯୋଗାଯୋଗ ଏବଂ ସମସ୍ୟା ସମାଧାନ (୩୩%)। ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଏହି ଅଭାବ କମ୍ପାନୀଗୁଡ଼ିକୁ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଅଧିକ ମନୋନୀତ ହେବାକୁ ବାଧ୍ୟ କରୁଛି। ରିପୋର୍ଟ ଅନୁଯାୟୀ, କମ୍ପାନୀଗୁଡିକ ମୁଖ୍ୟତଃ ୨୦୨୫ ମସିହାରେ 'ଚୟନକାରୀ ନିଯୁକ୍ତି' ପଦ୍ଧତି ଗ୍ରହଣ କରୁଛନ୍ତି। ଚୟନକାରୀ ନିଯୁକ୍ତି ହେଉଛି ସଂଗଠନର ଆବଶ୍ୟକତା ପାଇଁ ଉପଯୁକ୍ତ ଯୋଗ୍ୟତା ଥିବା ଠିକ୍ ଲୋକଙ୍କୁ ନିଯୁକ୍ତି ଏବଂ ଚୟନ କରିବାର ପ୍ରକ୍ରିୟା। ଏହି ରିପୋର୍ଟରେ କୁହାଯାଇଛି, ଭାରତରେ ଅର୍ଦ୍ଧେକ ଏଚ୍‌ଆର୍ ପ୍ରଫେସନାଲ (୫୫%) ଏବଂ ନିଯୁକ୍ତି (୫୪%) କେବଳ ସେହି ପ୍ରାର୍ଥୀଙ୍କ ପାଇଁ ବିଚାରକରିବେ ଯେଉଁମାନେ ଚାକିରି ପାଇଁ ଧାର୍ଯ୍ୟ ଯୋଗ୍ୟତାର ୮୦% କିମ୍ବା ତା'ଠାରୁ ଅଧିକ ପୂରଣ କରିବେ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୪।୩

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକିଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୬ (୯୬.୦୧) ପଏଣ୍ଟ ହ୍ରାସ ଘଟି ୭୨,୯୯୦ (୭୨,୯୮୯.୯୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୬.୬୫) ପଏଣ୍ଟ ହ୍ରାସ ଘଟି ୨୨,୦୮୩ (୨୨,୦୮୨.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ଡିଅନ୍ ରିଭର ଫ୍ରଣ୍ଟ ହାଉସିଂ ପ୍ରକଳ୍ପକୁ ପ୍ରମାଣପତ୍ର

ଭୁବନେଶ୍ୱର,୪।୩



ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ତଥା ଡିଅନ୍ ଗ୍ରୁପ୍‌ର ଅଗ୍ରଣୀ ହାଉସିଂ ପ୍ରକଳ୍ପ 'ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨'କୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଏପରିକି କଟକ ବିକାଶରେ ଗୁରୁତ୍ୱ ବହନ କରୁଥିବା ଏବଂ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ହାଉସିଂ ପ୍ରକଳ୍ପକୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ଅଧିନିୟମ ଅନୁଯାୟୀ ଡିଅନ୍ ଇନ୍‌ଫ୍ରାଟେକ୍‌କୁ ଆନୁଷ୍ଠାନିକ ଭାବେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ଏହି ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିଭଳି କମ୍ପାନୀର ଏହି ସଫଳତା କଟକର ରିଅଲ ଇଷ୍ଟେଟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ବିଶେଷକରି ସିଡିଏ ଦ୍ୱାରା ପଞ୍ଜୀକୃତ ଏହା ୫ମ ପ୍ରକଳ୍ପ ହୋଇଥିଲାବେଳେ ଏହି ସ୍ୱୀକୃତି ପାଇବାକୁ କମ୍ପାନୀର ଶେଷ ହୋଇଥିବା ପ୍ରକଳ୍ପ ମଧ୍ୟରେ ଦ୍ୱିତୀୟ ବୋଲି ଡିଅନ୍ ପକ୍ଷରୁ ସୂଚନା ଦିଆଯାଇଛି। ଡିଅନ୍ ଇନ୍‌ଫ୍ରାଟେକ୍‌ର ଏହି ସଫଳତା ପାଇଁ ୨୨୨ ଆବଣ୍ଟନକାରୀ ବାଣ ଫୁଟାଇବା ସହ କେକ୍ କାଟି ନିଜ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଡିଅନ୍ ଇନ୍‌ଫ୍ରା ଟେକ୍ନୋସାଇଟିର ସଭାପତି କହିଛନ୍ତି, ଆମ ଉଦ୍ଦେଶ୍ୟ ଏକ ସମାଜ ଗଢ଼ିବା, ଯେଉଁଠି ଏକତା, ଭାଇଚାରା ଏବଂ ସମାନତାର ମୂଲ୍ୟବୋଧ ରହିବ। ଆଗାମୀ ଦିନରେ ଆମେ ଏକ ଉନ୍ନତ ଏବଂ ସମୃଦ୍ଧ ସମାଜ ଗଢ଼ିବା ଦିଗରେ ନିଜ ଚେଷ୍ଟା ଜାରି ରଖିବୁ। ସେହିପରି ଡିଅନ୍ ଇନ୍‌ଫ୍ରାଟେକ୍‌ର ନିର୍ଦ୍ଦେଶକ ମନୋଜ ସାହୁ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ପ୍ରକଳ୍ପ ଓରେରା ଅଧିନିୟମ ଅନୁଯାୟୀ ପଞ୍ଜୀକୃତ ହେବା ଦ୍ୱାରା ଆବଣ୍ଟିତ ବ୍ୟକ୍ତିମାନେ ବର୍ତ୍ତମାନ ନିଜ ଫ୍ଲାଟ୍‌କୁ ନିଜ ନାମରେ ପଞ୍ଜୀକୃତ କରିପାରିବେ ବୋଲି ଅଭିବ୍ୟକ୍ତ କରିଛନ୍ତି।

## ପଶୁ ସଂରକ୍ଷଣ କେନ୍ଦ୍ର 'ବନ୍ତାରା' ଉଦ୍‌ଘାଟିତ


ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବନ୍ତାରା ବିଷୟରେ ଅନନ୍ତ ଅମ୍ବାନୀ ଅବଗତ କରାଉଛନ୍ତି।

ମୁମ୍ବାଇ,୪।୩

ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ଉଦ୍ୟମରେ ଏକ ପଶୁ ସଂରକ୍ଷଣ କେନ୍ଦ୍ର ଗୁଜରାଟର ଜାମ୍‌ନଗରଠାରେ 'ବନ୍ତାରା'ର ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବନ୍ତାରା'କୁ ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ବେଶ୍ କିଛି ସମୟ ବିତାଇଥିଲେ ଏବଂ ପଶୁମାନଙ୍କ ପାଇଁ ସେଠାରେ ନିର୍ମିତ ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ବନ୍ତାରା ହେଉଛି ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଏକ ଉତ୍ସର୍ଗୀକୃତ କେନ୍ଦ୍ର। ୩,୦୦୦ ଏକର ପରିମିତ ସ୍ଥାନରେ ବନ୍ତାରା ନିର୍ମିତ ହୋଇଛି। ଉଲ୍ଲେଖଯୋଗ୍ୟ, ବନ୍ତାରାରେ ପ୍ରତ୍ୟେକ ପଶୁକୁ ନିଜର ଆବଶ୍ୟକତା ହିସାବରେ ଘର ମିଳିଛି। ପ୍ରାଣୀମାନଙ୍କୁ ସିଂହ ରାଜ୍ୟ, ସରୀସୃପ ରାଜ୍ୟ, ସିଲ୍ ରାଜ୍ୟ, ଚିତା ପ୍ରଜନନ କେନ୍ଦ୍ର ଭଳି ଅନେକ କେନ୍ଦ୍ରରେ ସବୁ ବର୍ଗର ପ୍ରାଣୀଙ୍କୁ ରଖାଯାଇଛି। କିନ୍ତୁ ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ର ହେଉଛି ହାତୀମାନଙ୍କ ପାଇଁ ପ୍ରାୟ ୧ ହଜାର ଏକର ପରିସରରେ ନିର୍ମିତ ଗଜନଗରୀ। ଏଠାରେ ୨୪୦ରୁ ଅଧିକ ଉଦ୍ଧାର ହୋଇଥିବା କିମ୍ବା ଅସୁସ୍ଥ ହାତୀଙ୍କୁ ରଖାଯାଇଛି। ଅବହେଳା ଏବଂ ନିର୍ଯାତନାର ଶିକାର ହୋଇଥିବା ଏହି ହାତୀମାନଙ୍କୁ ବନ୍ତାରାରେ ବିଶ୍ୱସ୍ତରୀୟ ପଶୁଚିକିତ୍ସା ଏବଂ ଯତ୍ନ ମିଳୁଛି।

## ବଜାରରେ ବଜାଜ୍‌ର ଅଲ୍ ନ୍ୟୁ ବଜାଜ୍ ଗୋଗୋ

ମୁମ୍ବାଇ,୪।୩ (ଅଭୟ ଦାଶ)




ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ମଡେଲ ତଥା ବ୍ରାଣ୍ଡର ନୂତନ ଇଲେକ୍ଟ୍ରିକ୍ ଅଟୋ 'ଅଲ୍ ନ୍ୟୁ ବଜାଜ୍ ଗୋଗୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଅପରପକ୍ଷରେ 'ବଜାଜ୍ ଗୋଗୋ'ର ଶୁଭାରମ୍ଭ ସହ କମ୍ପାନୀ ଇଲେକ୍ଟ୍ରିକ୍ ୩ ଚକିଆ ସେଗ୍‌ମେଣ୍ଟରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଆଗାମୀ ମାସରେ ବଜାଜ୍ ଗୋଗୋ ମଧ୍ୟ ଏହାର ମାଲବାହୀ ଭାରିଆଣ୍ଟର ଶୁଭାରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବଜାଜ୍ ଗୋଗୋ ୩ଟି ଭାରିଆଣ୍ଟ 'ପି ୫୦୦୯, ପି ୫୦୧୨ ଏବଂ ପି ୭୦୧୨' ମଡେଲରେ ଉପଲବ୍ଧ ହେଉଛି। ଏପରିକି ଏହି ପ୍ରକାର ନାମକରଣରେ 'ପି' ଅର୍ଥାତ୍ ପାସେଞ୍ଜର ୫୦ ଓ ୭୦ ଆକାରର ସୂଚକ ହୋଇଥିବା ବେଳେ ୦୯ ଓ ୧୨ ଯଥାକ୍ରମେ ୯ କିଲୋୱାଟ୍ ଓ ୧୨ କିଲୋୱାଟ୍ ବ୍ୟାଟେରି କ୍ଷମତାକୁ ଦର୍ଶାଉଛି। ବଜାଜ୍ ଅଟୋ ବିଶ୍ୱସନୀୟ, ଗ୍ରାହକ ଅନୁକୂଳ ଗାଡ଼ି ଏବଂ ଏକ ବ୍ୟାପକ ଉପଲବ୍ଧତା ସହିତ ୨୦ରୁ ଅଧିକ ବର୍ଷ ଧରି ୩ ଚକିଆ ଶିଳ୍ପର ସ୍ୱଚ୍ଛ ଇନ୍ଧନ ବିପ୍ଳବର ନେତୃତ୍ୱ ନେଇଛି।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ଇଣ୍ଟ୍ରା ସିଟି ବିଜ୍‌ନେସ୍ ୟୁନିଟ୍‌ର ପ୍ରେସିଡେଣ୍ଟ ସମରଦୀପ ସୁବନ୍ଧ କହିଥିଲେ, ଆମେ ଆମର ନୂତନ ମଡେଲ ତଥା ତିନିଚକିଆ ଯାନର ଅଲ୍ ଇଲେକ୍ଟ୍ରିକ୍ ବଜାଜ ଗୋ ଗୋ ରେଞ୍ଜର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ସେଗ୍‌ମେଣ୍ଟ ପାଇଁ ଏହା ନୂଆ ମାନଦଣ୍ଡ ସ୍ଥାପନ କରିବ। ୨୫୧ କି.ମି. ପର୍ଯ୍ୟନ୍ତ ପ୍ରମାଣିତ ରେଞ୍ଜ ସହ ସେଣ୍ଟ ଫାଷ୍ଟ ବୈଶିଷ୍ଟ୍ୟ ଏବଂ ବିଶ୍ୱସ୍ତ ବଜାଜ ବିଶ୍ୱସନୀୟତା। ସେବା ବଜାଜ୍ ଗୋ ଗୋ ଅଧିକରୁ ଅଧିକ ରୋଜଗାର କରିବା ଏବଂ ଡାଉନ ଟାଇମ୍ ତଥା ରକ୍ଷଣା ବେକ୍ଷଣର ଅସୁବିଧାକୁ ହ୍ରାସ କରିବାପାଇଁ ଚାହୁଁଥିବା ଗ୍ରାହକମାନଙ୍କୁ ଏହା ଏକ ବ୍ୟାପକ ସମାଧାନ ପ୍ରଦାନ କରିବ। ତିନିଚକିଆ ଯାନ ପାଇଁ ୭୫ବର୍ଷରୁ ଅଧିକ ବର୍ଷର ବିଶ୍ୱାସ ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ବଜାଜ୍ ଗୋ ଗୋ ମାଲିକ ଯାତ୍ରୀଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦ ରହିଛି।

## ଓପନ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ମୁମ୍ବାଇ,୪।୩

ଟେଲିକମ୍ ଶିଳ୍ପରେ ନୂଆ ଧରଣର ସେବା ପ୍ରଦାନ ସହ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ନୂତନ ଓପନ ଟେଲିକମ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବିଶ୍ୱର ୪ଟି ବଡ଼ ଟେକ୍ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ୍), ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ଖୁବ୍‌ଶୀଘ୍ର ମିଳିତ ଭାବେ ଏହି ସେବା ଆରମ୍ଭ କରିବେ। ଉଲ୍ଲେଖଯୋଗ୍ୟ, ବାର୍ସିଲୋନାଠାରେ ଚାଲିଥିବା ମୋବାଇଲ୍ ୱାର୍ଲ୍ଡ କଂଗ୍ରେସ-୨୦୨୫ରେ ଜେପିଏଲ୍, ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ଏହି ସେବା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ନୂତନ ପ୍ଲାଟ୍‌ଫର୍ମଟି ଟେଲିକମ୍ ଅପରେଟରମାନଙ୍କୁ ଏଆଇ ସମାଧାନ ପ୍ରଦାନ କରିବା ପାଇଁ ଡିଜାଇନ କରାଯିବ। ନୂତନ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମ ନେଟ୍‌ୱର୍କର ସୁରକ୍ଷା, ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବା ସହ ଆୟର ନୂତନ ରାସ୍ତା ମଧ୍ୟ ଖୋଲିବ। ଏହି ମଲ୍ଟି-ଡୋମେନ୍ ଇଣ୍ଟେଲିଜେନ୍ସ ଫ୍ରେମ୍‌ୱାର୍କ ଏଣ୍ଡ-ଟୁ-ଏଣ୍ଡ ନେଟ୍‌ୱର୍କ ଇଣ୍ଟେଲିଜେନ୍ସ ପ୍ରଦାନ କରିବା ପାଇଁ ନେଟ୍‌ୱର୍କ ଅପରେଶନ ଏବଂ ଅଟୋମେଶନକୁ ଏକୀକୃତ କରିବ। ରିଲାଏନ୍ସ ଜିଓର ଗ୍ରୁପ୍ ସିଇଓ ମାଥ୍ୟୁ ଓମେନ୍ କହିଛନ୍ତି, ସମସ୍ତ ଟେଲିକମ୍ ଲେୟରରେ ଏଜେଣ୍ଟିକ୍ ଏଆଇ ବ୍ୟବହାରକରି ଆମେ ଏକ ମଲ୍ଟିମୋଡାଲ, ମଲ୍ଟିଡୋମେନ୍ ଅର୍କେଷ୍ଟ୍ରେଟେଡ୍ ୱାର୍କଫ୍ଲୋ ପ୍ଲାଟ୍‌ଫର୍ମ ନିର୍ମାଣ କରୁଛୁ,ଯାହା ଟେଲିକମ୍ ଶିଳ୍ପରେ ଦକ୍ଷତା, ବୁଦ୍ଧିମତ୍ତା (ଇଣ୍ଟେଲିଜେନ୍ସ) ଏବଂ ସୁରକ୍ଷାକୁ ପୁନଃ ପରିଭାଷିତ କରିବ।ସେହିଭଳି ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ସହଯୋଗରେ ଜିଓ ଓପନ୍ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମକୁ ଆଗକୁ ବଢ଼ାଉଛି।

## ଚାଷୀଙ୍କ ପାଇଁ

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସି, ହୋଲଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

➤ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ଅକାଳ ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶକରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ଦିଅନ୍ତୁ ।

➤ ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତକରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।





# ସୂର୍ଯ୍ୟମୁଖୀର ଦାନା ଗଠନ

ସୂର୍ଯ୍ୟମୁଖୀର ଦାନା ଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

# ଆଳୁ ଅମଳ କରୁଥିଲେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା

ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧ରୁ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳକରି ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ:** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନକଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।



## ଏ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖିଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ଜଳସେଚନକରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ ।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍‌କୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରନ୍ତୁ ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚା ଅଭାବରେ ଟେବୁଲ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ। ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ।

**ଛତୁଚାଷ:** ଛତୁଚାଷ କରୁଥିଲେ ଛତୁଘର ବିଶୋଧନକରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ ।

**ଫଳଚାଷ:** ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (୮୫% ସେଚିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇଦାଉରୁ ରକ୍ଷାକରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ୍ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର - ୩

## ଆଖୁ ଲଗାଇବା ସମୟରେ...



ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ିଦିଅନ୍ତୁ । ଆକ୍ରାନ୍ତ କିଆରିରେ କାର୍ବେଣ୍ଡିଜିମ୍ ୩୭.୫% ଓ ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।



# ନଳିତା ବୁଣିବା ପୂର୍ବରୁ...

ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତାନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତାନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କି.ଗ୍ରା. ଓ ଛଟାବୁଣା ପାଇଁ ୭.୫ କି.ଗ୍ରା. ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତାନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା - ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।



ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।

## କୁକୁଡ଼ା ପାଳନ

ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ ।୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୫/୨୦୨୫ Bhubaneswar, Wednesday, March 5/ 2025



ଜର୍ମାନୀରେ ମାର୍ଚ୍ଚ ୫ରୁ ୯ ପର୍ଯ୍ୟନ୍ତ ହେବାକୁଥିବା ୟେନେକ୍ସ ଜର୍ମାନ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଥିବା ଓଡ଼ିଶାର ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋ।

# ପ୍ଲେ-ଅଫ୍ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଜାମଶେଦପୁର, ୪।୩ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ବୁଧବାର ଖେଳାଯିବାକୁ ଥିବା ଏକ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ଭେଟିବ ପ୍ଲେ-ଅଫ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ଥିବା ଓଡ଼ିଶା ଏଫ୍‌ସି। ଜାମସେଦପୁର ଏଫ୍‌ସି ପୂର୍ବରୁ ପ୍ଲେ-ଅଫ୍‌ରେ ଏ ହାର ସ୍ଥାନ ପକ୍କା କରିସାରିଛି। ଦଳ ୨୨ଟି ଗେମ୍ ଖେଳି ୧୨ ବିଜୟ ଓ ୨ ଡ୍ର’ ସହ ୩୮ ପଏଣ୍ଟ ଅର୍ଜନ କରି ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶାର ଏଫ୍‌ସି ଏହାର ଫାଇନାଲ ଲିଗ୍ ମ୍ୟାଚ ପାଇଁ

**ଇଣ୍ଡିଆନ ସୁପର ଲିଗ୍**

ପ୍ରସ୍ତୁତ। ଦଳ ଇତିମଧ୍ୟରେ ୨୩ ମ୍ୟାଚ ଖେଳିସାରିଛି। ସେଥିରୁ ୩୦ ପଏଣ୍ଟ ଅର୍ଜନ କରିବା ସହ ଟେବୁଲରେ ୭ମ ସ୍ଥାନରେ ରହିଛି। ଜାମସେଦପୁର ବିପକ୍ଷରେ ବିଜୟ ହାସଲ କରିପାରିଲେ ଦଳର ପଏଣ୍ଟ ସଂଖ୍ୟା ୩୩ରେ ପହଞ୍ଚିବ। ୬ଷ୍ଠ ସ୍ଥାନରେ ରହିଥିବା ମୁମ୍ବାଇ ସିଟି ଏଫ୍‌ସି ଯଦି ଏହାର ଅବଶିଷ୍ଟ ଦୁଇଟି ଗେମ୍‌ରେ ପରାଜୟ ବରଣ କରେ ତେବେ ୩୩ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏକ୍ଷେତ୍ରରେ ଗୋଲ୍ ବ୍ୟବଧାନ ଦେଖାଯିବ। ତେଣୁ ଓଡ଼ିଶା ଏଫ୍‌ସିକୁ ବୁଧବାର ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ପ୍ଲେ-ଅଫ୍‌ର କେବଳ ଆଉ ଗୋଟିଏ ସ୍ଥାନ ଖାଲି ପଡ଼ିଛି। ଓଡ଼ିଶା ଏଫ୍‌ସି ଗୋଲ୍ ବ୍ୟବଧାନ ବର୍ତ୍ତମାନ ମୁମ୍ବାଇ ସିଟି ତୁଳନାରେ ୬ ରହିଛି। ଖଲିଦ ଜମିଲଙ୍କଠାରୁ କୋଚିଂ ନେଉଥିବା ଜାମସେଦପୁର ଦଳ ଏହାର ଶେଷ ୫ଟି ଗେମ୍ ମଧ୍ୟରୁ ୨ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଅନ୍ୟ ଦୁଇଟି ଡ୍ର ରଖିବାରେ ସମର୍ଥ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ଏହାର ଗତ ଦୁଇଟି ଆଇଏସ୍‌ଏଲ ମ୍ୟାଚରେ ଗୋଟିଏ ହେଲେ ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇପାରି ନାହିଁ। କିନ୍ତୁ କୌତୂହଳର କଥା ଚଳିତ ସିଜନରେ ଦଳ ୪୧ ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋର କରିଥିବା ଦଳ ହିସାବରେ ୪ର୍ଥ ସ୍ଥାନରେ ରହିଛି।



ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

# ଭାରତ- ଅଷ୍ଟ୍ରେଲିଆ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ଟ୍ରାଭିସ ହେଡ୍-କ-ଶୁବମନ-ବୋ-ବରୁଣ-୩୯
କୁପର କୋନୋଲି-କ-ରାହୁଲ-ବୋ-ଶାମି-୦
ଷ୍ଟିଭେନ ସ୍ମିଥ୍-ବୋ-ଶାମି-୭୩
ମାର୍ନସ ଲାବୁସେନ୍-ଏଲବିଡବ୍ଲ୍ୟୁ-ଜାଡେଜା-୨୯
ଜେସ୍ ଇଂଲିଶ-କ-କୋହଲି-ବୋ-ଜାଡେଜା-୧୧
ଆଲେକ୍ସ କାରେ-ରନ୍‌ଆଉଟ-୬୧
ଗ୍ଲେନ ମାକ୍ସୱେଲ୍-ବୋ-ଅକ୍ଷର-୭
ବେନ୍ ଡ୍ୱାରସୁଇସ୍-କ-ଶ୍ରେୟସ ବୋ-ବରୁନ-୧୯
ଆଡାମ ଜାମ୍ପା-ବୋ-ହାର୍ଦ୍ଦିକ ପାଣ୍ଡ୍ୟା-୭
ନାଥାନ ଏଲିସ-କ-କୋହଲି-ବୋ-ଶାମି-୧୦
ତନ୍‌ଭିର ସାଂଘା-ନଟ ଆଉଟ-୧
ଅତିରିକ୍ତ-୭
**ମୋଟ:** (୪୯.୩ ଓଭର/ଅଲଆଉଟ) ୨୬୪।
**ଉଇକେଟ ପତନ:** ୧/୪, ୨/୫୪, ୩/୧୧୦, ୪/୧୪୪, ୫/୧୯୮, ୬/୨୦୫, ୭/୨୩୯, ୮/୨୪୯, ୯/୨୬୨, ୧୦/୨୬୪)।
**ବୋଲିଂ (ଭାରତ)**
ମହମ୍ମଦ ଶାମି ୧୦-୦-୪୮-୩
ହାର୍ଦ୍ଦିକ ପାଣ୍ଡ୍ୟା ୫.୩-୦-୪୦-୧
କୁଲଦୀପ ଯାଦବ ୮-୦-୪୪-୦
ବରୁଣ ଚକ୍ରବର୍ତ୍ତୀ ୧୦-୦-୪୯-୨
ଅକ୍ଷର ପଟେଲ ୮-୧-୪୩-୧
ରବୀନ୍ଦ୍ର ଜାଡେଜା ୮-୧-୪୦-୨।
**ଭାରତ ଇନିଂସ**
ରୋହିତ ଶର୍ମା-ଏଲବିଡବ୍ଲ୍ୟୁ-କୁପର କୋଲୋନି-୨୮
ଶୁବମନ ଗିଲ୍-ବୋ-ଡ୍ୱାରସୁଇସ୍-୮
ବିରାଟ କୋହଲି-କ-ଡ୍ୱାରସୁଇସ-ବୋ-ଜାମ୍ପା-୮୪
ଶ୍ରେୟସ ଆୟର-ବୋ-ଜାମ୍ପା-୪୫
ଅକ୍ଷର ପଟେଲ-ବୋ-ନାଥାନ ଏଲିସ-୨୭
କେ.ଏଲ୍ ରାହୁଲ-ନଟ୍ ଆଉଟ୍-୪୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ମାକ୍ସୱେଲ-ବୋ-ନାଥାନ ଏଲିସ-୨୮
ରବୀନ୍ଦ୍ର ଜାଡେଜା-ନଟ୍ ଆଉଟ୍-୨
ଅତିରିକ୍ତ: ୩
ମୋଟ: (୪୮.୧ ଓଭର, ୬ଉଇକେଟ)୨୬୭।
ଉଇକେଟ ପତନ: ୧/୩୦, ୨/୪୩, ୩/ ୧୩୪, ୪/୧୭୮, ୫/୨୨୫, ୬/୨୫୯।
**ବୋଲିଂ (ଅଷ୍ଟ୍ରେଲିଆ)**
ବେନ୍ ଡ୍ୱାରସୁଇସ ୭-୦-୩୯-୧
ନାଥାନ ଏଲିସ ୧୦-୦-୪୯-୨
କୁପର କୋନୋଲି ୮-୦-୩୭-୧
ଆଡାମ ଜାମ୍ପା ୧୦-୦-୬୦-୨
ତନଭୀର ସାଙ୍ଘା ୬-୦-୪୧-୦
ଗ୍ଲେନ୍ ମାକ୍ସୱେଲ୍ ୬.୧-୦-୩୫-୦
ଟ୍ରାଭିସ ହେଡ୍ ୧-୦-୬-୦।

# ୟୁଏସ୍ ସିନେଟ୍‌ରେ ଟ୍ରାନ୍ସଜେଣ୍ଡର ଆଥ୍‌ଲେଟ ବିଲ୍

**ୱାଶିଂଟନ,୪।୩(ଏପି)**

ଦେଶର ମହିଳା ଆଥ୍‌ଲେଟଙ୍କ ଲାଗି ଉଦ୍ଦିଷ୍ଟ ସ୍କୁଲ ଆଥ୍‌ଲେଟିକ ପ୍ରତିଯୋଗିତାରୁ ଟ୍ରାନ୍ସଜେଣ୍ଡରଙ୍କୁ ବାସନ୍ଦ କରିବା ଲାଗି ଆସିଥିବା ବିଲ୍ ଆମେରିକା ସିନେଟ୍‌ରେ ପାରିତ ହୋଇପାରିନାହିଁ। ଏହି ବିଲ୍ ବିରୋଧରେ ଡେମୋକ୍ରାଟ୍ସ ଏକତ୍ରିତ ହୋଇ ଛିଡ଼ା ହୋଇଥିଲା। ତେବେ ଗତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗ ରିପବ୍ଲିକାନ ଦଳ ଉଠାଇଥିଲା। ଏହି ବିଲ୍ ଉପରେ ସୋମବାର ଏକ ଟେଷ୍ଟ ଭୋଟ୍ କରାଯାଇଥିଲା। ଏଥିରେ ବିଲ୍‌କୁ ଆଗକୁ ବଢ଼ାଇବା ପାଇଁ ୬୦ଟି ଭୋଟ୍ ଦରକାର ଥିଲା। କିନ୍ତୁ ସିନେଟରେ ବିଲ୍ ବିପକ୍ଷରେ ୫୧ ଭୋଟ ପଡ଼ିଥିବା ବେଳେ ସପକ୍ଷରେ ୪୫ଟି ଯାଇଥିଲା। ମହିଳା ଓ ବାଳିକା ଆଥ୍‌ଲେଟଙ୍କ କ୍ଷେତ୍ରରେ ନିରପେକ୍ଷତା ନିଶ୍ଚିତ କରିବା ଲାଗି ଏହି ବିଲ୍ ଅଣାଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମାସରେ ଏକ କାର୍ଯ୍ୟକାରୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ। ଶିକ୍ଷା ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମରେ ଲିଙ୍ଗଗତ ଆଧାରରେ ହେଉଥିବା ଭେଦଭାବରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ଲାଗି କଂଗ୍ରେସରେ ରିପବ୍ଲିକାନ୍ସ ‘ଆଇଏକ୍ସ’ ନାମକ ଆଇନରେ ସଂଶୋଧନ କରି ଉକ୍ତ ବିଲ୍‌କୁ ଆଇନରେ ପରିଣତ କରିବାକୁ ଚାହୁଁଛି। ଜନ୍ମରୁ ପୁରୁଷ ଥିବା ଅନେକ ଆଥ୍‌ଲେଟ ମହିଳାଙ୍କ ପ୍ରତିଯୋଗିତାରେ ଜିତୁଥିବା ପଦକଗୁଡ଼ିକ ଅସଲରେ ମହିଳାଙ୍କର। ପୂରା ଦେଶରେ ଏଭଳି ଅନେକ ଘଟଣା ଦେଖିଛୁ। ଏହା ନ୍ୟାୟ ଓ ସମାନତାର ପ୍ରସଙ୍ଗ ବୋଲି ସିନେଟ୍‌ର ସଂଖ୍ୟାଲଘୁ ନେତା ଜନ୍ ଥୁନ୍ କହିଛନ୍ତି।

# ମାରକ୍ରାମଙ୍କ ସ୍ଥାନରେ ସାମିଲ ହୋଇପାରନ୍ତି ଲିଣ୍ଡେ

**କରାଚୀ, ୪।୩ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ୍ ମ୍ୟାଚ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଖେଳାଳିଭାବେ ବାମହାତୀ ସ୍ପିନ ବୋଲିଂ ଅଲରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଦଳରେ ସାମିଲ କରିପାରେ। ଇଂଲଣ୍ଡ ଫାଇନାଲ ଲିଗ୍ ଗେମ୍‌ରେ ଦକ୍ଷିଣ ଆଫ୍ରିକାର ଅଧିନାୟକତ୍ୱ କରିଥିଲେ ମାରକ୍ରାମ। ମାତ୍ର ଡାହାଣ ପଟ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ସେ ଖେଳର ୩୧ତମ ଓଭରରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଲିଣ୍ଡେ ଡକରା ପାଇ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଶିବିରରେ ଯୋଗ ଦେଇଛନ୍ତି। ତେବେ ସେ ବିଧିବଦ୍ଧ ଭାବେ ମାରକ୍ରାମଙ୍କ ସ୍ଥାନରେ ଦଳରେ ସାମିଲ ହୋଇ ନାହାନ୍ତି। ଏଥିପାଇଁ ଆଇସିସି ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଆବଶ୍ୟକତା ରହିଛି। ଲିଣ୍ଡେ ଏହି ବର୍ଷ ସାଉଥ ଆଫ୍ରିକା ଟି୨୦ରେ ୧୫୩.୩୩ ଷ୍ଟ୍ରାଇକ୍ ରେଟ୍‌ରେ ୧୬୧ ରନ ସ୍କୋର କରିଛନ୍ତି। ସେ ଆହୁରି ମଧ୍ୟ ୧୧ଟି ଗେମ୍‌ରେ ତାଙ୍କ ଇକୋନୋମି ରେଟ୍ ୬.୨୯ ସହିତ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ୱାନ୍-ଡେ ଚ୍ୟାଲେଞ୍ଜ ଡିଭିଜନ ୱାନରେ ସେ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ୫ଟି ଗେମ୍ ଖେଳି ୪ ଉଇକେଟ ଅକ୍ତିଆର କରିଛନ୍ତି।

# ରେସ୍‌ଲର ସୁଶୀଲ କୁମାରଙ୍କ ଜାମିନ ମଞ୍ଜୁର

**ନୂଆଦିଲ୍ଲୀ,୪।୩(ପି.ଟି.)**

ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ୨୦୨୧ ଛତ୍ରସାଲ ଷ୍ଟାଡିୟମ ମାର୍‌ପିଟ ଘଟଣାରେ ଦୁଇଥରର ଅଲିମ୍ପିକ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ନିୟମିତ ଜାମିନକୁ ମଞ୍ଜୁର କରିଛନ୍ତି। ତାଙ୍କୁ ୨୦୨୩ ଜୁଲାଇରେ ଆଣ୍ଠୁରେ ଅସ୍ତ୍ରୋପଚାର ଲାଗି ୭ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା। ୨୦୨୧ ମେ’ରେ ଗିରଫ ହୋଇଥିବା ସୁଶୀଲ ଏବେ ବି ନିଜକୁ ନିର୍ଦ୍ଦୋଷ କହିବା ସହ ତାଙ୍କୁ ଭୁଲ୍‌ବଶତଃ ଫସାଇ ଦିଆଯାଇଥିବା ଦାବି କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ